॥ ସମ୍ପୂର୍ଣ୍ଣ ଉପନ୍ୟାସ ॥



# ★ ଏଣ୍ଟିକ ଅନୁରୋଧ ★

॥ ବିପିନ କାନୁନଗୋ ॥



ଚେତନଶୀଳ ପାଠକ-ପାଠିକା—
ଯେଉଁମାନେ 'ନାୟିକା' ପଢ଼ି
ମୁଗ୍ଧ ହୋଇଛନ୍ତି ସେମାନଙ୍କୁ
ଅନୁରୋଧ, ଶସ୍ତୁ ସଂଖ୍ୟାଟି ମଧ୍ୟ
ସେମାନେ ସଂଗ୍ରହ କରନ୍ତୁ ।

ମନୋଜ୍ଞ ପ୍ରଚ୍ଛଦ ; ଦେଢ଼ଟଙ୍କା

# ନାୟିକା

ବଙ୍ଗାଳସାହି, କଟକ-୪

## ଏ ସଂଖ୍ୟାରେ ପଢ଼ନ୍ତୁ


ସଂପାଦକଙ୍କ କଲମରୁ

ସାମୟିକୀ : ଇସ୍ପାତ କାରଖାନା ଆମର ଦାବୀ ॥ ଅତନୁ ॥ ୭

ଲବଣ ବନାମ ସ୍ୱାଧୀନତା ॥ ୧୦

ବିଜ୍ଞାନ : ଫଟୋଗ୍ରାଫି-୧ ॥ ସୌମିନୀ ସାମନ୍ତରାୟ ॥ ୧୩

ଉପନ୍ୟାସ : **ଏତିକି ଅନ୍ତରାୟ** ॥ ବିପିନ କାନୁନଗୋ ॥ ୧୫

ଫିଚର : ଅନ୍ତରାଳର ନାୟିକା ॥ ଉଦୟନ ॥ ୭୮

ଲେଖି ଶିଖନ୍ତୁ : ସୀତାନାଥର ପିଲାଦିନ ॥ ୮୩

ପେରିହାଲ୍ ଓ ଲେନିନ ॥ ମିର୍ଜା ଇବ୍ରାହିମଫ୍ ॥ ୯୨

ଆପଣଙ୍କ ଜୀବନରେ ରଙ୍ଗ ॥ କାମିନୀ ମହାପାତ୍ର ॥ ୯୯

ଅନ୍ତଃପୁରରୁ : ଆଧୁନିକ ପରିବାର କାହିଁକି ଭାଙ୍ଗୁଛି ॥ ୧୦୪

ସ୍ତ୍ରୀ କ'ଣ ବେଶି ଶୁଏ ॥ ୧୦୭

ଗଳ୍ପ : ସବୁଜ ବଣର ବାଘ ॥ ରାଧାବିନୋଦ ନାୟକ ॥ ୧୦୯

ଚଳଚ୍ଚିତ୍ର : ବର୍ଲିନ ଚଳଚ୍ଚିତ୍ର ଉତ୍ସବ ॥ ବାଣୀଦୂତ ॥ ୧୨୦

ପ୍ରତିଷ୍ଠିତ : ୧୯୫୫
ବର୍ଷ : ୧୭ ସଂଖ୍ୟା : ୨

# ଜନ ସାହିତ୍ୟ

ସଂପାଦକ : ବଂଶୀଧର ଭୂୟାଁ

ସହଯୋଗୀ ସଂପାଦକ : ରହାସ ରାୟ

ବିଭାଗୀୟ ସଂପାଦକ : ବାଣୀଦୂତ

★

ସତ୍ତ୍ୱାଧିକାରୀ : ଜନ-ସାହିତ୍ୟ ପ୍ରକାଶନ

କାର୍ଯ୍ୟାଳୟ : ବିଡ଼ାନାସୀ, କଟକ-୯

ମୁଦ୍ରଣ : ଲିପିକା, କଟକ-୯

★

ମୂଲ୍ୟ : ସାଧାରଣ ସଂଖ୍ୟା ଟ ୧-୫୦

ବାର୍ଷିକ ରେଜେଷ୍ଟ୍ରି ଡାକରେ ଟ ୨୫-୦୦

★



॥ ସଂପାଦକଙ୍କ କଲମରୁ ॥

ସେଦିନ ଧର୍ମ ସଂବନ୍ଧୀୟ ଏକ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ-କରି ଜନୈକ ବକ୍ତା ମତ ଦେଲେ : 'ଚେତନା ସ୍ତରରେ ଉନ୍ନତି ଘଟିଲେ ବିଶ୍ୱରୁ କ୍ରମଶଃ ଅଶାନ୍ତି, ଅସନ୍ତୋଷ ଓ ସଂକୀର୍ଣ୍ଣତା ଦୂରୀଭୂତ ହେବ ।'

ସାଧାରଣ କ୍ଷେତ୍ରରେ ଚେତନା ସ୍ତରର ଉନ୍ନତି ଘଟାଇବା ଦିଗରେ କି ସମୁଚିତ ବ୍ୟବସ୍ଥା କରାଯାଇପାରେ, ବାସ୍ତବିକ୍ ଏହାହିଁ ପ୍ରଣିଧାନଯୋଗ୍ୟ । ବସ୍ତୁବାଦୀ ଦୁନିଆରେ ଅହଂଭାବ ମାନବ ମନୋରାଜ୍ୟରେ ଏଭଳି ଦୃଢ଼ ରାଜତ୍ୱ ବିସ୍ତାର କରିଛି, ଯାହା କବଳରୁ ମୁକ୍ତିଲାଭ କରିବାକୁ କଳ୍ପ କଳ୍ପ କାଳ ଲୋଡ଼ା ।

## ଚେତନାର ଉନ୍ମେଷ

ସଂପ୍ରତି ବିଜ୍ଞାନର ଉନ୍ନତି ଫଳରେ ମନୁଷ୍ୟର ବିଜୟଲିପ୍ସା ବହୁ-ଗୁଣରେ ପରିବର୍ଦ୍ଧିତ । ଏହି ବିଜୟଲିପ୍ସା କାମନାଜର୍ଜର ହୋଇ ମାନବ ସମାଜ ଅକଲ୍ୟାଣ ଦିଗରେ ବିନିଯୋଗ ହେବା ଫଳରେ ଅହଂଭାବ ବହୁ-ଭାବରେ ପ୍ରତିଭାତ ହେଉଛି । କୌଣସି ବଳିଷ୍ଠ କାରଣ ବା ଭିତ୍ତିଭୂମି ନଥାଇ ଅକାରଣେ କନ୍ଦଳ ସୃଷ୍ଟି କରି ଦୁର୍ଲ୍ଲଭ ମାନବ ଜୀବନକୁ ଶିକାର କରିବା ଲାଗି ଏଇ ମାନବ ଚକ୍ରବ୍ୟୂହ ରଚନା କରି ଚାଲିଛି । ଏଥିପାଇଁ ପୁଣି ମନୁଷ୍ୟ ମନୁଷ୍ୟ ଭିତରେ, ଦେଶ ଦେଶ ଭିତରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା, ବଳ କଷାକଷି । କିଏ ଶକ୍ତିଶାଳୀ ପରମାଣୁ ବୋମା ପରୀକ୍ଷା ମାଧ୍ୟମରେ ନିଜର ଶକ୍ତିମତ୍ତା ଜାହିର୍ କଲାଣି ତ କିଏ ମହାଶକ୍ତିଶାଳୀ ମାରଣାସ୍ତ୍ର ଆବିଷ୍କାର କରି ମାନବ ସମାଜ ଧ୍ୱଂସ ନିମିତ୍ତ ପଣ ନେଲାଣି । ସମଗ୍ର ବିଶ୍ୱରେ ଆଜି ଚାଲିଛି ଅହମିକାର ଜୟଯାତ୍ରା । ବସ୍ତୁବାଦର ରଙ୍ଗୀନ୍ ପ୍ୟାରେଡ୍ ।

ମାନବ ମନୋରାଜ୍ୟରେ, ଚେତନା ସ୍ତରରେ ଯେଉଁ ତୀବ୍ର ଦ୍ୱନ୍ଦ୍ୱ ଓ ସଂଘାତ ସୃଷ୍ଟି ହୋଇଛି, ତା'ର ସମାଧାନ ଦିଗରେ ପୂର୍ବାଗ୍ରହୀ, ମହାପୁରୁଷମାନଙ୍କ ଅମରବାଣୀକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ମନୁଷ୍ୟ ଆଜି ଯୁକ୍ତିର ଆଶ୍ରୟ ନେଇଛି । କ୍ଷଣକରେ ଝିମିଟି ଖେଳରୁ ମହାଭାରତ ସୃଷ୍ଟି ହେବା ଆଜି ଅତି ସାଧାରଣ କଥା । ଲଘୁଚେତନା ଓ ସଂକୀର୍ଣ୍ଣତାର ବଶବର୍ତ୍ତୀ ହେବା ଫଳରେ ମନୁଷ୍ୟ ମାର୍ଗଦର୍ଶୀ ହେବା ପରିବର୍ତ୍ତେ ଧ୍ୱଂସକୁ ଆମନ୍ତ୍ରଣ କରୁଛି ।

ଅନ୍ୟପକ୍ଷରେ ବିକ୍ଷୁବ୍ଧକ୍ଷୟିଷ୍ଣୁ ମନକୁ ଉଚିତ ମାର୍ଗରେ ଚଳାଇବା ଦିଗରେ ଅନେକେ ସେଇ ବସ୍ତୁବାଦୀ ଧ୍ୱଂସମୁଖୀ ସଭ୍ୟତା ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରି ନୂତନ ସମାଜ ଗଠନ ଦିଗରେ ପ୍ରୟାସୀ ହେଉଛନ୍ତି । ମାତ୍ର ଏମାନଙ୍କ ସଂଖ୍ୟା ଯଥେଷ୍ଟ ସୀମିତ । ଆମେରିକା, ଇଂଲଣ୍ଡ, ଜର୍ମାନ୍, ଗ୍ରୀସ୍ ପ୍ରଭୃତି ଉନ୍ନତ ପାଶ୍ଚାତ୍ୟ ଦେଶଗୁଡ଼ିକରେ ଭାରତୀୟ ଦର୍ଶନ ଓ ଆଧ୍ୟାତ୍ମିକ ତତ୍ତ୍ୱଗୁଡ଼ିକ ଯେଉଁ ବ୍ୟାପକ ଲୋକପ୍ରିୟତା ହାସଲ କଲାଣି, ସେଥିରୁ ସ୍ପଷ୍ଟ ପ୍ରମାଣିତ ଚେତନା ସ୍ତରରେ ମନୁଷ୍ୟ ପରିବର୍ତ୍ତନକୁ ସ୍ୱାଗତ କରୁଛି । ଶାନ୍ତି ଓ ସନ୍ତୋଷ ପାଇଁ ନୂତନ ମାର୍ଗକୁ ଆମନ୍ତ୍ରଣ ଜଣାଉଛି ।

ତେଣୁ ଏଇ ଧ୍ୱଂସମୁଖୀ, କ୍ଷୟିଷ୍ଣୁ, ବିପଥଗାମୀ ମାନବ ସମାଜକୁ ସତ୍‌ମାର୍ଗର ସନ୍ଧାନ ଦେବାକୁ ହେଲେ ଚେତନା ସ୍ତରର ଉନ୍ନତି ଘଟାଇବାକୁ ପଡ଼ିବ । ଉନ୍ନତ ଚିନ୍ତାଧାରା ଓ ପ୍ରଶସ୍ତ ଚେତନାର ଉନ୍ନତି ଘଟିଲେ ମନୁଷ୍ୟ ମନୁଷ୍ୟ ମଧ୍ୟରେ ସଂକୀର୍ଣ୍ଣତା, ଘୃଣା, ବିଦ୍ୱେଷ କ୍ରମଶଃ ଦୂରୀଭୂତ ହେବା କିଛି ଅସମ୍ଭବ ନୁହେଁ । ବିଶ୍ୱ ଭ୍ରାତୃତ୍ୱ ପ୍ରତିଷ୍ଠିତ ହେବା ଫଳରେ ଅହମିକା-ପ୍ରତିଦ୍ୱନ୍ଦ୍ୱିତାର ଅବସାନ ଘଟିବ ।

ଓଡ଼ିଶାର ଜାନ୍ତ ପ୍ରକୃତି ଓଡ଼ିଶାକୁ ଖଣିଜ ଦ୍ରବ୍ୟରେ ପରିପୁଷ୍ଟ କରି ରଖିଛି । ତାହାର ପ୍ରକୃତ ବିନିଯୋଗ ପାଇଁ ରାଉରକେଲା ଭିନ୍ନ ସ୍ଥାନ ଇସ୍ପାତ କାରଖାନା ଭଳି ଆଉରି ଏକ କାରଖାନା ଆବଶ୍ୟକ । ଏହି ଦ୍ୱିତୀୟ ଇସ୍ପାତ କାରଖାନା ଓଡ଼ିଶାର ସମୃଦ୍ଧି ନିମିତ୍ତ ଏକ ଆବଶ୍ୟକତା, ଉତ୍କଳୀୟ ମର୍ମେ ମର୍ମେ ଅନୁଭବ କରୁଥିଲେ ହେଁ ଆଜି ଇନ୍ଦିରା ସରକାର ଏହାକୁ ସିଧାସଳଖ ପ୍ରତ୍ୟାଖ୍ୟାନ କରିଦେଇଥିବା ଅତ୍ୟନ୍ତ କ୍ଷୋଭର ବିଷୟ ।

## ' ଇସ୍ପାତ କାରଖାନା '
## ଆମର ଦାବୀ

ଖଣିଜ ସଂପଦ ବହୁଳ ଓଡ଼ିଶା ଭୂଗୋଳ ପୋଥିରେ ତା'ର ସ୍ଥାନ ସମୁଜ୍ଜ୍ୱଳ କରି ରଖିଛି । ଯେତେ ପକ୍ଷପାତିତା କଲେ ମଧ୍ୟ ଓଡ଼ିଶା ତାର ଦାବୀ ହାସଲ କରିବାରେ ଯେ ପଶ୍ଚାତ୍‌ପଦ ହେବ ଏକଥା ନୁହେଁ । ବଣାଇ ନୟାଗଡ଼ରେ ସବୁଠାରୁ ସ୍ୱଳ୍ପ ବ୍ୟୟରେ ଓ ଶସ୍ତାରେ ଉଚ୍ଚକୋଟୀର ଇସ୍ପାତ୍ ଲୁହା ଉତ୍ପନ୍ନ ହୋଇପାରିବା ବିଶେଷଜ୍ଞ କମିଟିର ପରାମର୍ଶ ରିପୋର୍ଟ ୧୯୬୪ ମସିହାରୁ ପ୍ରଧାନମନ୍ତ୍ରୀଙ୍କ ଦପ୍ତରରେ । ସେଥିପ୍ରତି କୌଣସି ଭ୍ରୂକ୍ଷେପ ନକରି ଦକ୍ଷିଣ ଭାରତରେ ତିନୋଟି ସ୍ଥାନରେ ନୂଆ ତିନୋଟି ଇସ୍ପାତ୍ କାରଖାନା ବସାଇବା ପାଇଁ ଦୃଢ଼ ସିଦ୍ଧାନ୍ତ ଗ୍ରହଣ କରିବା ଇନ୍ଦିରାଙ୍କର ଅବିମୃଶ୍ୟତାର ପରିଚୟକ । ଏକ ପକ୍ଷରେ ସମସ୍ତ ପ୍ରକାର ଅନୁକୂଳ ପରିବେଶ ଥାଇ ଗୋଟିଏ ପ୍ରାନ୍ତ ପ୍ରତି ଅବହେଳା ପୁଣି ଅପର ପକ୍ଷରେ କୌଣସି ସୁବ୍ୟବସ୍ଥା ନଥାଇ ଅନ୍ୟପ୍ରାନ୍ତ ଉପରେ ସୁନା କଳସ ଢାଳିବା କେଉଁ ଗଣତାନ୍ତ୍ରିକ ସମାଜବାଦର ପରିକଳ୍ପନା ତାହା ମଧ୍ୟ ସ୍ପଷ୍ଟ ବୁଝା ପଡୁ ନାହିଁ ।

ଓଡ଼ିଶା ଭଳି ଅନୁନ୍ନତ ଦେଶ ପାଇଁ ଶିଳ୍ପ ସମୃଦ୍ଧି ଯେ ଏକମାତ୍ର ଅବଲମ୍ବନ ଏ କଥା ଯେ କେହି ଅନାୟାସେ ହୃଦୟଙ୍ଗମ କରି ପାରିବ । 'କାନ ଥାଇ ସୂନା' ଅଭାବରେ ଯେ ଅବହେଳିତ ହେବ ଏକଥା ଉତ୍କଳୀୟ ଜନତା ଆଦୌ ବରଦାସ୍ତ କରି ପାରିବ ନାହିଁ । ନିକଟରେ ସ୍ୱୟଂ ମୁଖ୍ୟମନ୍ତ୍ରୀ ସିଂହଦେଓଙ୍କ ନେତୃତ୍ୱରେ ଓଡ଼ିଶା ସରକାରଙ୍କ ପ୍ରତିନିଧି ଦଳ ଦିଲ୍ଲୀ ଯାତ୍ରା-କାଳରେ ୧୬-୭-୭୦ ତାରିଖରେ ସାକ୍ଷାତ୍କାରରେ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଯେଉଁ ଯୁକ୍ତି ବାଢ଼ିଲେ ତାହା ନିତାନ୍ତ ହାସ୍ୟାସ୍ପଦ । ସେ ଯୁକ୍ତିର ସାରାଂଶ ହେଲା : ଓଡ଼ିଶାର ସର୍ବବୃହତ୍ତ ଇସ୍ପାତ କାରଖାନାରେ ଆଶାନୁରୂପ ଉତ୍ପାଦନ ହୋଇପାରୁ ନଥିବା ସତ୍ତ୍ୱେ ପୁନଶ୍ଚ ଓଡ଼ିଶାରେ ନୂଆ ଇସ୍ପାତ କାରଖାନା ପ୍ରତିଷ୍ଠାର ସମ୍ଭାବନା ନାହିଁ । ଯେ ବା କେଉଁ ଯୁକ୍ତି ? ପ୍ରଧାନମନ୍ତ୍ରୀଙ୍କର ୧୯୭୦-୭୧ ବଜେଟ ଭାଷଣରେ ଭାରତର ଶିଳ୍ପ ସମୃଦ୍ଧିର ଗୁରୁତ୍ୱ ଓ ଅଗ୍ରଗତି ଏ ସମ୍ପର୍କୀୟ ସ୍ୱାପ୍ନିକ ମନୋଭାବ ମଧ୍ୟରେ ତଫାତ୍‌ଟା କେତେ ବିରାଟ ଟିକିଏ ଅନୁଧ୍ୟାନ କଲେ ଯେ କେହି ବୁଝି ପାରିବେ । 'ବିକାଶ' ଓ 'ସମୃଦ୍ଧି' ଶବ୍ଦ ଦୁଇଟିକୁ ତୁଣ୍ଡରେ ଉଚ୍ଚାରଣ କରିଦେଇ ଜନତାକୁ ପ୍ରଲୁବ୍ଧ କରିବା ଉପାୟ ଠିକ୍ କଂଗ୍ରେସୀ ନେତାମାନଙ୍କର 'ହାତୀ ଦେବି' 'ଘୋଡ଼ା ଦେବି'ର ପ୍ରତିଶ୍ରୁତି ଭଳି । ଶିଳ୍ପ ସମ୍ପର୍କୀୟ ସମୃଦ୍ଧିର ଭବିଷ୍ୟତ ଚିତ୍ର ବାଢ଼ିଲା ବେଳେ ଶିଳ୍ପ ପାଇଁ ଅନୁକୂଳ ବାତାବରଣକୁ ବିଚାରକୁ ନଆଯିବା ଉଚିତ । ୧୩ଟି ପ୍ରଦେଶ ବା ପ୍ରାନ୍ତର ଉନ୍ନତିରେ ଦେଶର ଉନ୍ନତି । ତେଣୁ କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟର ବିଚାର ବେଳେ ଯଥେଷ୍ଟ ବିଚାର ବୁଦ୍ଧି ଲୋଡ଼ା । ନିଜ ଆସନର ଗୁରୁତ୍ୱ ଦୃଷ୍ଟିରୁ ଯଥେଷ୍ଟ ଗାମ୍ଭୀର୍ଯ୍ୟ ଅବଲମ୍ବନ ପୂର୍ବକ ନିରପେକ୍ଷ ସିଦ୍ଧାନ୍ତ ଗ୍ରହଣ କରିବା ଉଚିତ । ସର୍ବଦା 'ତେଲିଆ ମୁଣ୍ଡରେ ତେଲ' ଢାଳିବା ନୀତି ଧରିଲେ ନିଜ ଉପରକୁ ଯେ ବିପଦର ଘନଘଟା ମାଡ଼ି ଆସିବ ଏକଥା ବିଚାରକୁ ଆଣିବା ଉଚିତ ।

ପ୍ରତିକୂଳ ମନୋଭାବ ପୋଷଣ କରି ଯୁକ୍ତି ବାଢ଼ି ବସିଲେ ବହୁ ଯୁକ୍ତି କରି ହେବ । ଏକ ବିରାଟ ଗଣତାନ୍ତ୍ରିକ ଦେଶର ପ୍ରଧାନମନ୍ତ୍ରୀ ହିସାବରେ ଉଦାର ମନୋଭାବ ପୋଷଣ କରି ସବୁ ବିଷୟକୁ ଅନୁଧ୍ୟାନ

କରିବା ପାଇଁ ଏ ଜନତା ତାଙ୍କୁ ଉଚ୍ଚ ଆସନରେ ବସାଇଛି ବୋଲି ହୃଦଙ୍ଗମ କରିଥିଲେ ହୁଏତ ସେ ଗୋଟିଏ ଅବହେଳିତ ପ୍ରାନ୍ତର ସୁନା ସ୍ୱପ୍ନରେ କୁଠାରଘାତ କରି ନ ଥାନ୍ତେ । ଏହା ସ୍ପଷ୍ଟ ପ୍ରମାଣିତ କରିଚି ତାଙ୍କ ସରକାରର ଅସାମର୍ଥ୍ୟ, ଅପାରଗତା ଓ ଅଯୋଗ୍ୟତା । ତହିଁ ସଙ୍ଗେ ସଙ୍ଗେ ସରକାରର ଦୋମୁହାଁ ନୀତି ମଧ୍ୟ ବେଶ୍ ସ୍ପଷ୍ଟ ହୋଇ ଉଠିଛି ।

ଇନ୍ଦିରା ସରକାର ତଥା କ୍ଷମତାସୀନ କଂଗ୍ରେସର ବର୍ତ୍ତମାନ ଅବସ୍ଥା ଯେ ଆଦୌ ସୁଦୃଢ଼ ନୁହେଁ ଏହା ଚିନ୍ତାଶୀଳ ବ୍ୟକ୍ତିମାନେ ବେଶ୍ ଅନୁମାନ କଲେଣି । ଦକ୍ଷିଣପନ୍ଥୀ ଦଳମାନଙ୍କର 'ମେଣ୍ଟ' ଆହ୍ୱାନ ଇନ୍ଦିରା ସରକାର ପ୍ରତି ଏକ ସିଧାସଳଖ ବିପଦ । ପୁଣି ସଂଗଠନ କଂଗ୍ରେସର ସଭାପତି ଶ୍ରୀ ନିଜଲିଙ୍ଗପ୍ପା ପ୍ରଭୁ ତିରୁପତିଙ୍କୁ ପ୍ରାର୍ଥନା କଲେଣି 'ଆମକୁ ଜଣେ ଭଲ ପ୍ରଧାନ ମନ୍ତ୍ରୀ ଦିଅ ।' ଏଭଳି ପରିପ୍ରେକ୍ଷୀରେ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଯେ ଅଧିକ ପ୍ରତିକ୍ରିୟାକୁ କିଭଳି ପ୍ରଶ୍ରୟ ଦେଲେ, ତାହା ନିତାନ୍ତ ଆଶ୍ଚର୍ଯ୍ୟ ବ୍ୟାପାର !

ଅର୍ଥନୈତିକ ବିକାଶ ଶିଳ୍ପ ସମୃଦ୍ଧି ଉପରେ ପୂର୍ଣ୍ଣତଃ ନିର୍ଭର କରୁଛି । ପୁଣି ଶିଳ୍ପ ସମୃଦ୍ଧି ପାଇଁ ଅନୁକୂଳ ବାତାବରଣ ଥିବା ସତ୍ତ୍ୱେ ସେଥିରେ ଅଯଥା ଅନ୍ତରାୟ ସୃଷ୍ଟି କରାଯାଇ ଶିଳ୍ପ ସମୃଦ୍ଧିର ତଣ୍ଟି ଚିପା ଯାଉଚି । ଇନ୍ଦିରା ସରକାରଙ୍କର ଏ ନୀତି ଏକ ଗୋଲକଧନ୍ଦା ।

ଓଡ଼ିଶାର ଦ୍ୱିତୀୟ ଇସ୍ପାତ କାରଖାନା ଦାବୀ ଏକ ଜାତୀୟ ଦାବୀ । ଜାତିଧର୍ମ ଦଳ ନିର୍ବିଶେଷେ ଏକ ସ୍ୱରରେ କୋଟୀ ଜନତା ଆଜି ତା'ର ଦାବୀ ଉପସ୍ଥାପିତ କରୁଛି—ଇସ୍ପାତ କାରଖାନା ଆମର ଦାବୀ । ଆମର ଦାବୀ । ଏ ଦାବୀକୁ ପ୍ରତ୍ୟାଖ୍ୟାନ କରିବା ଅର୍ଥ ଗୋଟିଏ ପ୍ରାନ୍ତ ସହିତ କେନ୍ଦ୍ରର ସମସ୍ତ ସମ୍ପର୍କ ଛିନ୍ନ କରିବା । ଉତ୍କଳର ଜନତା ସିଦ୍ଧାନ୍ତ ଗ୍ରହଣ କଲାଣି ଏ ଦାବୀ ହାସଲ ନିମିତ୍ତ ସେ ପ୍ରାଣାନ୍ତକ ସଂଗ୍ରାମ କରିବ । ଇନ୍ଦିରା ଗାନ୍ଧୀଙ୍କର ଚୈତନ୍ୟ ଉଦୟ ଘଟିଲେ ସମସ୍ୟାଟିର ତୁରନ୍ତ ସମାଧାନ ଘଟି ପାରନ୍ତା । ଅଯଥା ତିଳଟିଏ ତାଳ ହେବାକୁ ଯାଆନ୍ତା କାହିଁକି ?

[ ଅତନୁ ]

ଦାଣ୍ଡି ଯାତ୍ରା—



" ସ୍ୱାଧୀନତା ମୋର ଜନ୍ମଗତ ଅଧିକାର "

ସେ ଦେଖିବାକୁ ସିନା ସରୁ ଆଉ ପତଳା ଦୁବୁଳା ମଣିଷଟିଏ, କିନ୍ତୁ ତା'ର ଗୋଟିଏ କଥାରେ ଭାରତର କୋଟି ସନ୍ତାନ ପ୍ରାଣ ଉତ୍ସର୍ଗ କରିବାକୁ ଆଗେଇ ଆସୁଥିଲେ । ତା'ର ସାମାନ୍ୟ ଇଙ୍ଗିତରେ ଲୋକେ ଜୀବନକୁ ତୁଚ୍ଛ କରି ଯୁଦ୍ଧର ନିଆଁ ଭିତରକୁ ଲମ୍ଫ ଦେଉଥିଲେ । ଯେଉଁ ରାସ୍ତାରେ ସେ ଯାଉଥିଲେ ଲକ୍ଷ ଜନତା ରାସ୍ତାର ଧୂଳିକୁ ମୁଣ୍ଡରେ ମାରି ଜୟ ଜୟ ଧ୍ୱନିରେ ଆକାଶ ପବନକୁ ଥରେଇ ଦେଉଥିଲେ । ସେ ହେଉଛନ୍ତି ଗାନ୍ଧି । ଆମେ ତାଙ୍କୁ ରାଷ୍ଟ୍ରପିତା କହୁ ବା ନ କହୁ ଏ ଦେଶର କୋଟି କୋଟି ଜନତା ତାଙ୍କୁ 'ବାପୁ' କହୁଥିଲେ । ଲୋକେ ତାଙ୍କୁ ସେହି ନାଁରେ ହିଁ ଜାଣୁଥିଲେ । ତାଙ୍କର ପୂରା ନାଁ ତ ଅନେକ ଭଲଭାବେ ଜାଣି ନଥିଲେ । ଯୋଉମାନେ ଜାଣିଥିଲେ ସେମାନେ ବୁଝୁଥିଲେ 'ବାପୁ' କହିଲେ ବୁଝାଏ ଜାତିର ପିତା ମହାତ୍ମା ଗାନ୍ଧି ।

## **ଲବଣ** ବନାମ **ସ୍ୱରାଜ**

୧୯୩୦ ସାଲ କଥା । ଗାନ୍ଧି ଠିକ୍ କଲେ ଇଂରେଜ ସରକାର ଯଦି ଲୁଣ ଉପରୁ ଟିକସ ନ ଉଠାଏ, ତେବେ ଭାରତର ଜନତା ଲବଣ ଆଇନକୁ ନିଶ୍ଚୟ ଲଙ୍ଘନ କରିବ । ସରକାର ନଇଁଲା ନାହିଁ । ମହାତ୍ମା-ଗାନ୍ଧି ସାବରମତୀ ଆଶ୍ରମରୁ ଦାଣ୍ଡି ପର୍ଯ୍ୟନ୍ତ ଯେଉଁ ଐତିହାସିକ ଯାତ୍ରା ଆରମ୍ଭ କଲେ ତାହା କେବଳ ଭାରତର ନୁହେଁ ପୃଥିବୀର ସବୁ ଦେଶର ଲୋକଙ୍କୁ ତଟସ୍ଥ କରିଦେଲା । ଏହି ଅବସରରେ ଆମେରିକାର ଖବର କାଗଜମାନେ ଭାରତକୁ ତାଙ୍କର ବିଶେଷ ପ୍ରତିନିଧି ପଠାଇଲେ । ଉକ୍ତ ପ୍ରତିନିଧିମାନେ ନିଜ ନିଜର ଖବର କାଗଜକୁ ଭାରତରୁ ଯେଉଁ ସମ୍ବାଦ ଦେଲେ ସେଥିରୁ ସ୍ପଷ୍ଟ ବୁଝାଗଲା ଯେ ଗାନ୍ଧିଙ୍କ ଅହିଂସାକୁ ସେ ଦେଶର ଲୋକେ ବିଶେଷ କରି ନାରୀମାନେ କିଭଳି ବୁଝି ଥିଲେ । ଯାହା ଫଳରେ ସେମାନେ ନିଜର ଅସୀମ ସାହସ ଓ ବୀରତ୍ୱର ପରିଚୟ ଦେଇ ପାରିଲେ ।

ଶିକାଗୋର ସମ୍ବାଦପତ୍ର 'ଡେଲି ନ୍ୟୁଜ୍' ଭାରତରୁ ତାଙ୍କର ସମ୍ବାଦଦାତା ନେଗଲି ଫୋରସନ ପଠାଇଥିବା ସମ୍ବାଦକୁ ନିମ୍ନପ୍ରକାର ରୂପଦେଲେ—

ବମ୍ବେ ୨୧ ଜୁନ୍—ସକାଳ ଛ'ଟାରେ ଏସ୍ପ୍ଲାନେଡ୍ ବାହାରେ ପୁଲିସ ଥାନା ଆଗରେ ଶହଶହ ଲାଠିଧାରୀ ପୁଲିସ ଛିଡ଼ା ହୋଇଛନ୍ତି । ଜଣେ ଇଂରେଜ ପୁଲିସ ସର୍ଜେଣ୍ଟ ତାଙ୍କୁ କମାଣ୍ଡ କରୁଥାନ୍ତି । ୬ଟା ୪୫ ମିନିଟରେ ପ୍ରଥମ ଦଳ ଆସିଲେ । ଏମାନେ ଥିଲେ ଆମ୍ବୁଲେନ୍ସ ଦଳ । ପୁଅଝିଅମାନେ ଖାକି ପୋଷାକ ପିନ୍ଧିଥାନ୍ତି । କେତେକ ଯୁବକ ଡାକ୍ତର ବାହୁରେ ରେଡ଼କ୍ରସ୍ ବ୍ୟାଜ୍ ବାନ୍ଧି ଲାଇନ୍ କରି ଆସିଥାନ୍ତି । ଖେଳ ପଡ଼ିଆର ଦକ୍ଷିଣ ଦିଗକୁ ସେମାନେ ଚାଲିଗଲେ । ସେଠାରେ ଅମ୍ବୁଲେନ୍ସ ଗାଡ଼ି ଠିଆ ହୋଇଥିଲା । ଗାଡ଼ିରୁ ଷ୍ଟ୍ରେଚର କାଢ଼ିଲେ । ଠିକ ୭ଟା ବେଳେ 'ଭାରତମାତା କି ଜୟ' ଧ୍ୱନିରେ ଆକାଶ ଫାଟି ପଡ଼ିଲା । ସାମନା ଆଡ଼ୁ ସତ୍ୟାଗ୍ରହୀ ଦଳସବୁ ମାଡ଼ି ଆସୁଥାନ୍ତି । ପ୍ରତ୍ୟେକ ଦଳର ଆଗରେ ଥାନ୍ତି ମହିଳା ସ୍ୱେଚ୍ଛାସେବିକାମାନେ । ସେମାନେ ହଳଦିଆ ରଙ୍ଗର ଶାଢ଼ୀ ପିନ୍ଧିଥାନ୍ତି । ସେଠାରେ ଜମିଥିବା ଭିଡ଼ରୁ ଲୋକମାନେ ଆସି ସେମାନଙ୍କୁ ଚମେଲି ଫୁଲର ହାର ପିନ୍ଧାଇ ଦେଲେ । ସବା ଆଗରେ ଥିବା ମହିଳା ସତ୍ୟାଗ୍ରହୀ ହାତରେ ଥାଏ ତ୍ରିରଙ୍ଗା ପତାକା । ସେ ପ୍ରଥମେ 'ସ୍ୱରାଜ' ଉଚ୍ଚାରଣ କରିବା ମାତ୍ରେ ପଛପଟୁ ମିଳିତ କଣ୍ଠସ୍ୱର ଗର୍ଜି ଉଠୁଥିଲା—'ହମାରା ଜନ୍ମସିଦ୍ଧ ଅଧିକାର ହୈ !'

ଏହାର ପରବର୍ତ୍ତୀ ଦୃଶ୍ୟ ମୁଁ ଜୀବନରେ କେବେହେଁ ଭୁଲି ପାରିବିନି । ଇଂରେଜ ସର୍ଜେଣ୍ଟ ପୁଲିସକୁ ଆଦେଶ ଦେଲା । ଭୋକିଲା କୁକୁର ପରି ସେମାନେ ସତ୍ୟାଗ୍ରହୀଙ୍କ ଉପରକୁ ଡେଇଁ ପଡ଼ିଲେ । ସ୍ତ୍ରୀମାନେ ପୁରୁଷ ସ୍ୱେଚ୍ଛାସେବକଙ୍କ ଚାରିପଟେ ଘେରି ନେଇଥାନ୍ତି । ପୋଲିସ ସେମାନଙ୍କୁ ଯଦି ନ ପିଟୁଛି ଭିତରେ ପଶି ପାରିବନି । ଆଖି ପିଛୁଳାକେ ଲାଠି ପ୍ରହାର ଚାଲିଲା ଏବଂ ଦେଖୁ ଦେଖୁ ଦୃଶ୍ୟ ବଦଳିଗଲା । ଏଥରକ ସ୍ତ୍ରୀମାନେ ଭିତରେ, ପୁରୁଷ ସ୍ୱେଚ୍ଛାସେବକମାନେ ତାଙ୍କୁ ଘେରିନେଇ ରକ୍ଷା କରୁଥାନ୍ତି । ଲାଠି ମାଡ଼ରେ ଜଣେ ପୁରୁଷ ଟଳି ପଡ଼ିଲା, ସାଙ୍ଗେ ସାଙ୍ଗେ ମହିଳାମାନେ ତା ଚାରିପଟେ ଘେରିଗଲେ । ତାପରେ କେଇଜଣ ସ୍ୱେଚ୍ଛାସେବକ ଷ୍ଟ୍ରେଚର ଆଣି ତାଙ୍କୁ ଆମ୍ବୁଲାନ୍ସ ପାଖକୁ ନେଇଗଲେ । ଲାଠି ପ୍ରହାର ଆଖିବୁଜା ଚାଲି-

ଥାଏ । ପ୍ରତି ମୁହୂର୍ତ୍ତରେ ପୁରୁଷ ସ୍ତ୍ରୀ ସତ୍ୟାଗ୍ରହୀମାନେ ମାଟିରେ ଢଳି ପଡ଼ୁଥାନ୍ତି ।

କିଛି ସମୟ ନୀରବରେ କଟିଲା । ତାପରେ ଆସିଲେ ଆଉ ଗୋଟିଏ ସତ୍ୟାଗ୍ରହୀଦଳ । ଏଥର ବି ପୁଲିସମାନେ ଆହୁରି ଜୋରରେ ଲାଠି ପ୍ରହାର କଲେ । ଏଥର ବି ମଧ୍ୟ ପୂର୍ବପରି ହଳଦୀ ରଙ୍ଗ ଶାଢ଼ୀ ପିନ୍ଧି ନାରୀମାନେ ତ୍ରିରଙ୍ଗା ପତାକା ଧରି ଆଗେ ଆଗେ ଚାଲିଥାନ୍ତି ଧ୍ୱନିଦେଇ, ପରେ ପରେ ପୁଲିସ ଲାଠିରେ ଗୋଟି ଗୋଟି ହୋଇ ମାଟି ଉପରେ ଢଳି ପଡ଼ୁଥାନ୍ତି । ଲାଠି ଚାଲିଥାଏ, କିନ୍ତୁ କେହିହେଲେ ନିଜସ୍ଥାନ ଛାଡ଼ୁନଥାନ୍ତି । ଢଳି ପଡ଼ିଲେ ସ୍ୱେଚ୍ଛାସେବକମାନେ ଷ୍ଟ୍ରେଚରରେ ବୋହି ନେଉଥାନ୍ତି ।

ଏଥର ବି ଆସିଲା ଶିଖ ସତ୍ୟାଗ୍ରାହୀ ଦଳ । ଆଗରେ ଥାନ୍ତି ୧୫ଟି ସୁନ୍ଦରୀ ଯୁବତୀ । ଶାଢ଼ୀ ପରିବର୍ତ୍ତେ ସେମାନେ ଧଳା ସଲ୍‌ଓ୍ୱାର ପିନ୍ଧିଥାନ୍ତି ଆଉ ପ୍ରତ୍ୟେକଙ୍କ ଗଳାରେ ଝୁଲୁଥାଏ ହଳଦୀ ରଙ୍ଗର ଓଢ଼ଣି । ଖୁବ୍ ସୁନ୍ଦର । ଖୁବ୍ ଶାନ୍ତ । ଓଠରେ ମୃଦୁ ହସ । ପାଦରେ ସେଣ୍ଡେଲ । ଧୀରେ ଧୀରେ ଆଗେଇ ଚାଲିଥାନ୍ତି । ଏଥର ବି ପୁଲିସ ଟିକେ ଥମିଗଲା । ଜଣେ ମହିଳାଙ୍କ କୋଳରେ ଥାଏ ଗୋଟିଏ ଛୁଆଟିଏ । ପୁଲିସ ଯେତେବେଳେ ସେମାନଙ୍କ ଆଡ଼କୁ ଆଗେଇଲା ମହିଳାଟି ନିଜ ଛୁଆକୁ ହାତରେ ଧରି ତାଙ୍କୁ ବଢ଼େଇ-ଦେଲା । ମୁଁ ପାଖେ ପାଖେ ରହି ତାଙ୍କର ଏ ସାହସିକ କାର୍ଯ୍ୟ ଦେଖୁଥାଏ । ମୁଁ ରହି ନପାରି କହିଲି, 'ଏ ସଂଘର୍ଷରେ ଛୁଆକୁ ପୂରେଇବା ସାଂଘାତିକ କଥା' ମୋ ଇଂରେଜୀ କଥା ତାଙ୍କୁ ବୁଝେଇ ଦିଆଯିବାରୁ ସେ ଖୁବ୍ ଜୋରରେ ହସି ଉଠିଲେ । କହିଲେ, 'ଗାନ୍ଧିଙ୍କ ଆହ୍ୱାନରେ ଭାରତର ପ୍ରତିଟି ପିଲା ମଧ୍ୟ ଆତ୍ମବଳି ଦେବ । ଆମେ ଅଲବତ୍ ସ୍ୱରାଜ ହାସଲ କରିବୁ ।' ମୁଁ ପଛକୁ ହଟିଗଲି ।

ପୁଲିସ୍ ଲାଠି ଚାଳନା ପୂର୍ବରୁ ଶିଖମହିଳା ସତ୍ୟାଗ୍ରହୀଙ୍କୁ ଚାଲିଯିବାକୁ କହିଲା । ଏହାଶୁଣି ସେମାନେ ଆହୁରି ଉତ୍ତେଜିତ ହୋଇଗଲେ ଏବଂ କହିଲେ "ଭାରତ ମାତାର ଯଜ୍ଞକୁଣ୍ଡରେ ଆମେ ଆହୁତି ହେବାକୁ ଆସିଛୁ । ଆମେ ଆତ୍ମବଳି ଦେବୁ ପଛେ, ପଛକୁ ଆଦୌ ହଟିବୁ ନାହିଁ ।"

॥ ସୌମିତ୍ରୀ ସାମନ୍ତରାୟ ॥

ଫଟୋଗ୍ରାଫି ଏକ ବିଦେଶୀ ଶବ୍ଦ ହେଲେ ମଧ୍ୟ ଆମେ ତାହାର ଅର୍ଥ ବୁଝିପାରୁ । କହିବାକୁ ଗଲେ 'ଫଟୋଗ୍ରାଫ୍'ର ଅର୍ଥ 'ଆଲୋକ ଚିତ୍ର' ଏବଂ 'ଫଟୋଗ୍ରାଫି'ର ଅର୍ଥ ଆଲୋକଚିତ୍ର ଗ୍ରହଣ ପ୍ରଣାଳୀ ।

ଫଟୋଗ୍ରାଫି ବିଜ୍ଞାନ ଯୁଗରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିପାରିଅଛି । ତଥାପି ସାଧାରଣରେ ଏହା ସୌଖିନରୂପେ ଗ୍ରହଣ କରାଯାଇ ପାରୁଛି । ଆମ ଦେଶ ଅପେକ୍ଷା ପାଶ୍ଚାତ୍ୟ ଦେଶମାନଙ୍କରେ ଏହାକୁ ବହୁଲୋକ ଏକ ସୌଖିନରୂପେ ଗ୍ରହଣ କରିଅଛନ୍ତି । ତେବେ ଆମ ଦେଶରେ ବହୁଲୋକ ଏହାକୁ ସୌଖିନ ରୂପେ ଗ୍ରହଣ କରିବାକୁ ଇଚ୍ଛା କରୁଥିଲେ ମଧ୍ୟ ଫଟୋଗ୍ରାଫିର ବିଭିନ୍ନ କ୍ଷେତ୍ରରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଉପଯୁକ୍ତ ଭାବେ ଉପକୃତ ହୋଇ ପାରୁନାହାନ୍ତି । ମୋର ଆଶା, ଏହି ପ୍ରବନ୍ଧ ନିଶ୍ଚୟ ଶିଖାଳୀ ଫଟୋଗ୍ରାଫରମାନଙ୍କୁ ସେମାନଙ୍କ କ୍ଷେତ୍ରରେ ଯଥେଷ୍ଟ ସାହାଯ୍ୟ କରିପାରିବ ।

## ଫଟୋଗ୍ରାଫି—୧

**କ୍ୟାମେରା—**

ଫଟୋଗ୍ରାଫି ଆରମ୍ଭ କରିବାକୁ ଯିବାବେଳେ କ୍ୟାମେରା ନାମକ ଏକ କ୍ଷୁଦ୍ର ଯନ୍ତ୍ର ଆବଶ୍ୟକ ହୁଏ । ତେଣୁ ଆମେ ଫଟୋଗ୍ରାଫିର ପ୍ରଥମ ପାହାଚରେ ପାଦ ଦେଲାବେଳେ ଆମକୁ ଗୋଟିଏ କ୍ୟାମେରାର ସାହାଯ୍ୟ ନେବାକୁ ହେବ । ବର୍ତ୍ତମାନ ବିଭିନ୍ନ ମୂଲ୍ୟର ବିଭିନ୍ନ ପ୍ରକାର କ୍ୟାମେରା ନିର୍ମିତ ହେଉଅଛି । ତନ୍ମଧ୍ୟରୁ କେଉଁଟି ଶିଖାଳୀଙ୍କୁ ଉପକୃତ କରିପାରିବ, ତାହା ଶିଖାଳୀ ପ୍ରଥମେ ଜାଣିପାରନ୍ତି ନାହିଁ । ସେଥିପାଇଁ ନିଜର କ୍ୟାମେରା କିଣିବା ଆଗରୁ କ୍ୟାମେରାର ଗଠନ ପ୍ରଣାଳୀ ଏବଂ ବିଭିନ୍ନ ପ୍ରକାର କ୍ୟାମେରା ସମ୍ବନ୍ଧରେ ଜ୍ଞାନ ରହିଥିବା ଆବଶ୍ୟକ ।



ବିଭିନ୍ନ କ୍ୟାମେରାର ମୂଲ୍ୟରେ ବିଶେଷ ପାର୍ଥକ୍ୟ ଥିଲେ ମଧ୍ୟ ସେମାନଙ୍କ ମୌଳିକ ଗଠନ ପ୍ରଣାଳୀ ଯେ ଏକ, ଏହା ଶୁଣିଲେ ନିଶ୍ଚୟ ଆଶ୍ଚର୍ଯ୍ୟ ଲାଗିବ । ଅବଶ୍ୟ ମୂଲ୍ୟବାନ କ୍ୟାମେରାର ବିଭିନ୍ନ ଅଂଶ ସାଧାରଣ ସୁଦ୍ଧ କ୍ୟାମେରାର ଅଂଶଠାରୁ ନିଶ୍ଚୟ ଉନ୍ନତ ପ୍ରକୃତିର । ସେ ଯାହାହେଉନା ଅଛି କ୍ୟାମେରାର ଗଠନ ପ୍ରଣାଳୀ ପ୍ରାୟ ମନୁଷ୍ୟ ଚକ୍ଷୁଭଳି । ଯେଉଁମାନେ ମନୁଷ୍ୟଚକ୍ଷୁର ଗଠନ ଜାଣିଅଛନ୍ତି, ସେମାନେ କ୍ୟାମେରାର ବିଭିନ୍ନ ଅଂଶକୁ ଚକ୍ଷୁ ସାଙ୍ଗେ ତୁଳନାକରି ଏହାର ଯଥାର୍ଥତା ବୁଝିପାରିବେ ।

କ୍ୟାମେରା ଗୋଟିଏ ବାହ୍ୟ ଆଲୋକ ରହିତ କଳାବାକ୍‌ସ । ଏହାର ଭିତର ପାଖକୁ ଅନ୍ତଃ ପ୍ରତିଫଳନ ( internal reflection ) ରହିତ କରିବା ପାଇଁ କ୍ୟାମେରାର ଭିତର କାନ୍ଥମାନଙ୍କରେ ଚକ୍‌ଚକ୍ କରୁନଥିବା କଳାରଙ୍ଗର ଏକ ପ୍ରଲେପ ଥାଏ । କ୍ୟାମେରାର ଆଗରେ ଗୋଟିଏ ଛିଦ୍ର ଥାଏ ଏବଂ ଏଥିରେ ଗୋଟିଏ କନକେଭୋ କନ୍‌ଭେକ୍‌ସ ( Concavo Convex ) ଲେନ୍‌ସ କିମ୍ବା ବିଭିନ୍ନ ପ୍ରକାର ବହୁଲେନ୍‌ସର ବୈଜ୍ଞାନିକ ସମାବେଶ ସଂଯୁକ୍ତ ହୋଇଥାଏ । ଏହି ଲେନସ ଦ୍ୱାରା ଫଟୋଗ୍ରହଣ କରାଯାଉଥିବା ବସ୍ତୁର ପ୍ରତିଛବି ( image ) ଫିଲ୍ମ ଉପରେ ସୃଷ୍ଟି କରାଯାଏ । ଅଳ୍ପ ମୂଲ୍ୟର କ୍ୟାମେରା ଲେନ୍‌ସରେ ସ୍ଫେରିକାଲ ଆବ୍‌ସରପସନ(Spherical

abserption), କ୍ରୋମାଟିକ ଆବସରପସନ (Cromatic abserption) ଆଷ୍ଟିଗ୍‌ମ୍ୟାଟିଜମ୍ (Astigmatism), କମା ( Coma ) ପ୍ରଭୃତି କେତେ ଗୁଡ଼ିଏ ଦୋଷ ରହିଥାଏ । କିନ୍ତୁ ବିଭିନ୍ନ ପ୍ରକାର ବହୁଲେନ୍‌ସର ସମାବେଶ ବିଜ୍ଞାନ ପ୍ରଣାଳୀ ଦ୍ୱାରା ଏପରି ନିୟନ୍ତ୍ରିତ ହୋଇଥାଏ ଯେ ଉପରୋକ୍ତ ଦୋଷ ମାନଙ୍କରୁ ଏହା ମୁକ୍ତ ଥାଏ । ତେଣୁ ଲେନ୍‌ସର କାର୍ଯ୍ୟଶକ୍ତି ମଧ୍ୟ ଅଧିକ ବୃଦ୍ଧି ପାଏ । ଅର୍ଥାତ୍ ଏହି ଲେନ୍‌ସ ଦ୍ୱାରା ସୃଷ୍ଟ ପ୍ରତିଚ୍ଛବିର ଉଜ୍ଜ୍ୱଳତା ବିଶେଷ ହ୍ରାସପାଏ ନାହିଁ ।

କେତେକ କ୍ୟାମେରାରେ ଆବଶ୍ୟକ ଅନୁଯାୟୀ ନିର୍ଦ୍ଦିଷ୍ଟ ଲେନ୍‌ସ-ମାନ ବ୍ୟବହାର କରାଯାଇ ହୁଏ । ଯାହାଫଳରେ କି ବିଭିନ୍ନ ଫୋକାଲ ଲେନ୍ଥ ( Focal lengtn )ର ଲେନ୍‌ସ ବ୍ୟବହାର କରାଯାଇ ହୁଏ । ବିଶେଷ ଭାବରେ ଏହି ଲେନ୍‌ସଗୁଡ଼ିକ ଅଧିକାଂଶ ସିଙ୍ଗଲ ଲେନ୍‌ସ ରିଫ୍ଲେକ୍‌ସ ( Single lens reflex ) କ୍ୟାମେରାରେ ବ୍ୟବହୃତ କରାଯାଇ ହୁଏ । ଏହାଛଡ଼ା ଜୁମ୍‌ଲେନ୍‌ସ ( Zoom lens ) ଦ୍ୱାରା ଦୁଇଟି ନିର୍ଦ୍ଦିଷ୍ଟ ଫୋକାଲଲେନ୍ଥ ମଧ୍ୟସ୍ଥ ଆବଶ୍ୟକୀୟ ଯେ କୌଣସି ଫୋକାଲଲେନ୍ଥ, ଲେନ୍‌ସର ଗୃଳନାରେ ସୃଷ୍ଟି କରି ହୁଏ । କ୍ୟାମେରାର ଲେନ୍‌ସ ପଛକୁ ଗୋଟିଏ ଧାତବ ଫଳକ କିମ୍ବା କେତେକ ଧାତବ ଫଳକରେ ପ୍ରସ୍ତୁତ ଗୋଟିଏ ସଟର ( Shutter )ଥାଏ । ଏହିପ୍ରକାର ସଟରକୁ ବ୍ଲେଡ଼ ସଟର ( Blade shutter ) କୁହନ୍ତି । ଏହା ସବୁ ସମୟରେ କ୍ୟାମେରା ଲେନ୍‌ସକୁ ଘୋଡ଼ାଇ ରଖିଥିବାରୁ କ୍ୟାମେରା ମଧ୍ୟକୁ ଆଲୋକ ସବୁ ସମୟରେ ପ୍ରବେଶ କରିପାରେ ନାହିଁ । କିନ୍ତୁ ଫଟୋଗ୍ରହଣ ସମୟରେ ଫଟୋଗ୍ରାଫରଙ୍କ ଦ୍ୱାରା ଏହା ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଖୋଲିରହି କ୍ୟାମେରା ମଧ୍ୟକୁ ଆଲୋକ ପ୍ରବେଶ କରିବାରେ ସାହାଯ୍ୟକରେ । ଏହି ପ୍ରକାର ସଟରର ସର୍ବୋଚ୍ଚ ଗତି ( highest speed ) ପ୍ରାୟ ୧/୫୦୦ ସେକେଣ୍ଡ ପର୍ଯ୍ୟନ୍ତ ହୋଇଥାଏ । ତେଣୁ ଅଧିକ ଗତିଶୀଳ ସଟର ନିମିତ୍ତ ଫୋକାଲ ପ୍ଲେନ ସଟର ( Focal plane shutter ) ବ୍ୟବହାର କରାଯାଏ । ଏହି ସଟରର ସର୍ବୋଚ୍ଚ ଗତି ସାଧାରଣତଃ ୧/୨୦୦୦ ସେକେଣ୍ଡ ।

କିନ୍ତୁ ଲାଇକାଫ୍ଲେକ୍‌ସ ( Leica flex ) କ୍ୟାମେରାରେ ଏହାର ସର୍ବୋଚ୍ଚ ଗତି ପ୍ରାପ୍ତ ୨୦୦୦ ସେକେଣ୍ଡ । ଏହି ସଟର କ୍ୟାମେରାର ଲେନ୍‌ସ ବିପରୀତ ପାଖେ ଥିବା ଫିଲ୍ମକୁ ଘୋଡ଼ାଇ ରଖିଥାଏ । ଏହା ଦୁଇଟି କଳାକନା କିମ୍ବା ଗୋଟିଏ କଳାକନାରେ ପ୍ରସ୍ତୁତ ହୁଏ । କେତେକ କ୍ୟାମେରାରେ ଏହା ଧାତବ ଦ୍ୱାରା ନିର୍ମିତ ହେଉଅଛି । ଗୋଟିଏ କଳା କନାରେ ନିର୍ମିତ ସଟରରେ ବିଭିନ୍ନ ଗତି ନିମିତ୍ତ ବିଭିନ୍ନ ଆକାରର ଆୟତାକାର ଫାଟ ( Slit ) ଥାଏ । ଏହି ଫାଟ ଫିଲ୍ମ ଉପରେ ଯିବାବେଳେ ଫାଟ ମଧ୍ୟ ଦେଇ ଯାଉଥିବା ଆଲୋକ ଫିଲ୍ମଉପରେ ପ୍ରଭାବ ସୃଷ୍ଟିକରେ ବା ଫିଲ୍ମକୁ ଏକ୍‌ସପୋଜ କରିଦିଏ । କିନ୍ତୁ ଦୁଇଟି କନାରେ ନିର୍ମିତ ସଟରରେ ବିଭିନ୍ନ ଆକାରର ଫାଟନଥାଏ । ଏହା ଏପରି ଭାବେ ପ୍ରସ୍ତୁତ କରାଯାଇ ଥାଏ ଯେ ଦୁଇଟି କନାର ମିଳନ ସ୍ଥାନରେ ଗୋଟିଏ ଆୟତାକାର ଫାଟ ସୃଷ୍ଟି ହୁଏ । ବିଭିନ୍ନ ଗତି ନିମିତ୍ତ ଏହି ଛିଦ୍ର ସାନ କିମ୍ବା ବଡ଼ କରାଯାଇ ହୁଏ ।

ଯେଉଁ ଛିଦ୍ର ଦେଇ କ୍ୟାମେରା ମଧ୍ୟକୁ ଆଲୋକ ପ୍ରବେଶ କରେ ତା'କୁ ଆପରଚର ( Aperture ) କୁହନ୍ତି । ଏହି ଛିଦ୍ରକୁ ଫଟୋଗ୍ରାଫର-ମାନେ ଷ୍ଟପ (Stop) ବୋଲି କହି ଥାଆନ୍ତି । ଆଲୋକର ଉଜ୍ଜ୍ୱଳତା କିମ୍ବା ବସ୍ତୁର ସ୍ପଷ୍ଟତା ପାଇଁ ଏହି ଷ୍ଟପକୁ ଛୋଟ ବଡ଼ କରାଯାଏ ।

ଆଗରୁ କୁହାଯାଇଅଛି ଯେ କ୍ୟାମେରା ମଧ୍ୟରେ ଏବଂ ଲେନ୍‌ସର ବିପରୀତ ପାଖରେ ଆଲୋକ ପ୍ରଭାବ ଗ୍ରହଣକାରୀ (Light sensitive) ଫିଲ୍ମ ବା ପ୍ଲେଟ ଥାଏ । ଯାହାଉପରେ କି ପରେ ଫଟୋଗ୍ରାଫିକ ନେଗେଟିଭ (Nagetive) ସୃଷ୍ଟି ହୁଏ ।

ବିଭିନ୍ନ ପ୍ରକାର କ୍ୟାମେରା—

ବକସ୍ କ୍ୟାମେରା (Box Camera)- ଏହାକୁ ବ୍ୟବହାର କରିବା ସବୁଠାରୁ ସରଳ ଅଟେ । ଏଥିରେ ବିଭିନ୍ନ ଅଂଶକୁ ନିୟନ୍ତ୍ରଣ କରିବାକୁ ବିଶେଷ ଆବଶ୍ୟକ ହୁଏ ନାହିଁ । କେବଳ କ୍ୟାମେରାକୁ ସ୍ଥିର ରଖି ସଟର ବୋତାମ ଚିପିଲେ, ଆବଶ୍ୟକ ଆଲୋକ ଥିଲେ ଫଟୋ

[ ୧୨୭ ପୃଷ୍ଠା ଦ୍ରଷ୍ଟବ୍ୟ

॥ ସମ୍ପୂର୍ଣ୍ଣ ଉପନ୍ୟାସ ॥



# ★ ଏଡିକା ଅନୁରୋଧ ★

॥ ବିପିନ କାନୁନଗୋ ॥

ଦିନର ଆଲୁଅ ଭଳି ରାତିର ଅନ୍ଧାର ବିଶ୍ୱାସୀ ନୁହେଁ ।

ରାତି ସଂଯତ ନୁହେଁ ଦିନ ପରି ।

ସେଦିନର ସେ ଅସଂଯତ ଅବିଶ୍ୱାସୀ ରାତି ବର୍ଷଣୋନ୍ମୁଖ ବାଦଲ ଭାରରେ ଆହୁରି ଅସଂଯତ ହୋଇ ଉଠିଥିଲା । ଅବିଶ୍ୱାସୀ ହୋଇ ଉଠିଥିଲା ଅନେକ ବେଶୀ ନିଗୂଢ଼ ଅନ୍ଧକାରର ବୋଝରେ ।

ପୃଷ୍ଠାପରେ ପୃଷ୍ଠା । ଅନେକ ପୃଷ୍ଠା ବାକୀ ରହିଛି । ଦିଓ୍ୱାଲ ଘଡ଼ି-ଉପରେ ଦୃଷ୍ଟି ବୁଲି ଆସିଲା ସୌମ୍ୟକାନ୍ତର । ଆଉ ମାତ୍ର ପନ୍ଦର ମିନିଟ ପରେ ବାଜିବ ବାରଟା । ମଧ୍ୟରାତ୍ରି । ଲାଗି ଲାଗି ଆସିଲାଣି ଆଖି । ଏକା ଥରକେ ବହିଟାଏ ଶେଷ କରି ଦେଲେ ଯେତେଟା ପଢ଼ା ଆସେ ଥରି ଥରି କରି କିଛି କିଛି ପଢ଼ି ଶେଷକଲେ ସେ ମଜାର ଅନୁଭୂତି ଆଦୌ ହୁଏ ନାହିଁ ।

କିଛିଟା ଥଣ୍ଡାର ଅନୁଭୂତି ।

ହାଲକା ରେଶମ ଶାଲ୍ ଗୁଡିରେ ଜଡ଼ାଇ ନେଇ ଆସନ୍ନ ତନ୍ଦ୍ରାକୁ ନିଦ୍ରାରେ ପରିଣତ କରିନେଲେ କେମିତି ହୁଅନ୍ତା ? ହୁଏତ ଚମତ୍କାର । ବହି ବନ୍ଦକଲା ସୌମ୍ୟକାନ୍ତ ।

ଅଫ୍ କଲା ଲାଇଟ୍ ।

ମାଳ ଫେମାଳ ବିଜୁଳି ଆଲୁଅ ପରିବର୍ତ୍ତେ ଗଦାଏ ଅନ୍ଧାର । ବାଁ ପଟର ଖୋଲା ଝରକା ଦେଇ ସୌମ୍ୟକାନ୍ତ ଚାହିଁଲା ବାହାରକୁ । ଆକାଶର ବର୍ଷିଲା ବର୍ଷିଲା ମୁହଁ । ଆଖି ମିଟିକା କେଇଟା ଛେଉଣ୍ଡ ବତି ଝୁଣ୍ଟର ।

ଝିମ୍‌ଝିମ୍‌ । ଝିମ୍‌ଝିମ୍‌ ।

ବର୍ଷା ବର୍ଷିଲା । ଅସ୍ଥିର ଅବଶ୍ରାନ୍ତ ବର୍ଷା । ବରକୋଳି ପତ୍ର ଭଳି ଠୋପା ହେଉଥିବ ।

ଖଟ୍‌···ଖଟ୍‌···ଖଟ୍‌···

ଦରଜାରେ ସଶବ୍ଦ ଆଘାତ ।

ଇମିତି ଏକ ଭୌତିକ ରାତ୍ରିରେ କିଏ ହୋଇପାରେ ? ବନ୍ଧୁମାନେ ତ ପ୍ରାୟ ଅସମ୍ଭବ । ବାପାଙ୍କ ପାଖରୁ କେହି ଆସିବା ଅସମ୍ଭବ ଏକାବେଳକେ ଏତେବେଳେ ।

ପୁଣିଥରେ ସେଇ ଶବ୍ଦ ।

ତା ସହିତ କିନ୍ତୁ ନାରୀକଣ୍ଠର ଏକ କୋମଳତର ସ୍ୱର ।

—ମି: ମହାନ୍ତି···ଟିକେ ଦରଜା ଖୋଲିବେ ?

ତଡ଼ିତ୍‌ର ଏକ ସକ୍ଷ୍ମ ପ୍ରବାହ ଖେଳିଗଲା ଯେମିତି ସୌମ୍ୟକାନ୍ତ ଦେହରେ । ଭୌତିକ ପ୍ରାୟ ଅର୍ଦ୍ଧରାତ୍ରିର ଏ ତାରକା କିଏ ? ମାୟାବିନୀ ନା ମାନବୀ ?

—ଦୟାକରି ଖୋଲନ୍ତୁନା···ବର୍ଷା ମାଡ଼ରେ ଗୋଟିପଣେ ଓଦା ହେଲିଣି ।

ଅନୁନୟ କଣ୍ଠର ମଧୁ ଝୁରିଲା ।

ବାଃ···ତମେ ଓଦା ହେଲେ ମୋର କି ଦୋଷ ? ସ୍ୱଗତୋକ୍ତି କଲା ସୌମ୍ୟକାନ୍ତ ।

—ଆପଣଙ୍କର ଟର୍ଚ୍ଚଟା ଜାଣି ପାରେ କି ?

ଅନ୍‌ ହେଲା ଲାଇଟ । ଆଉ ସେପାଖରୁ କିଛି ଶୁଣିବାର ଆଶା କରିବା ପୂର୍ବରୁ ନାଇଟ୍‌ ଗାଉନ୍‌ଟା ଦେହରେ ଗଳେଇ ଦରଜା ଖୋଲି ଦେଲା ସେ ।

ଭିଜା ପବନ ଆଉ ପାଣିର ଝାପୁଟା ସହ ଚରମୁହୂର୍ତ୍ତରେ ଯେଉଁ ବର୍ଷିପୁଷୀ ତରୁଣୀ ପଶି ଆସିଲା ରୁମ୍‌କୁ ସୌମ୍ୟକାନ୍ତର ସାମାନ୍ୟତମ ନଜର ହିଁ ଆବିଷ୍କାର କରିନେଲା ହିନ୍ଦୁ ନୁହେଁ ସେ ।

ହାତରେ ଗୋଟାଏ ଆଟାଚି ।
ଗୋଟାଏ ମଧ୍ୟମ ଧରଣର ଭ୍ୟାନିଟି ବ୍ୟାଗ୍ ।
ବୁର୍କା ମୁହଁରେ ।
—ଦରଜାଟା ବନ୍ଦକରି ଦିଅନ୍ତୁ । ପାଣି ପଶିଆସୁଛି ରୁମକୁ ।

ଦରଜା ବନ୍ଦକରି ଫେରିଲା ସୌମ୍ୟକାନ୍ତ ପଲଙ୍କ ଉପରକୁ । ଏଇ ଅଲୌକିକା ଅତିଥିଟିର କମିତି ଚର୍ଚ୍ଚା କରାଯିବ ସେଇ ବିଷୟରେ କିଛିଟା ଚିନ୍ତା କରି ନେବାକୁ ଚାହୁଁଥିଲା ସେ ।

ଆଟାଚି ଖୋଲିଲା ତରୁଣୀ ।
—ଦୟାକରି ଆଖି ବନ୍ଦ କରିବେ କିଛି ସମୟ ପାଇଁ ?
ପ୍ରଶ୍ନିଳ ଦୃଷ୍ଟିରେ ଚାହିଁଲା ସୌମ୍ୟକାନ୍ତ ।

—ବର୍ଷା ମାଡ଼ରେ ଗୋଟିପଣେ ଓଦା ହୋଇଯାଇଛି । ଅନ୍ତତଃ ପୋଷାକ ବଦଳେଇ ନିଅନ୍ତି ।

ଲଜ୍ଜିତ ହେଲା ସୌମ୍ୟକାନ୍ତ । ସତରେତ ! ଗୋଟିଏ ମାତ୍ର ରୁମ୍ । ତାରି ଭିତରେ କୌଣସି ଝିଅ ଲୁଗା ପାଲଟିଲେ ଆଖି ବନ୍ଦକରି ନବା ଏକାନ୍ତ ଭାବେ ଅପରିହାର୍ଯ୍ୟ ।

ଆଖି ବନ୍ଦକରି ସୌମ୍ୟକାନ୍ତ ବସିଲା ମୁହଁ ବୁଲେଇ ।
ବାହାରେ ଅନେକ ବର୍ଷା ।
ପବନରେ ଅଜସ୍ର ସ୍ପନ୍ଦନ ।
ସମୟ ଏକାବେଳକେ ଗତିହୀନ ।
—ଏଥର ଆଖି ଖୋଲନ୍ତୁ ।

ମୁହଁ ଫେରିଲା ସୌମ୍ୟକାନ୍ତର । ଖୋଲିଲା ଆଖି । ବୁର୍କା ନାହିଁ ମୁହଁରେ । ( ବୁର୍କା କେବଳ ବୋଧହୁଏ ବାହାରେହିଁ ପିନ୍ଧାଯାଏ ) ଅପରୂପ ରୂପବତୀ ଏକ ଅନୂଢ଼ା ଯୁବତୀ ସମ୍ମୁଖରେ । ସ୍ତମ୍ଭୀଭୂତ ହେଲାଭଳି ଚାହିଁଲା ସୌମ୍ୟକାନ୍ତ କିଛି ସମୟ । ତାପରେ ହଠାତ୍ ଅନୁନୟ କଣ୍ଠରେ କହିଲା :

ଦେଖନ୍ତୁ···ଦୟାକରି କିଛି ମନେ କରିବେନି । ହାତରେ ରାନ୍ଧେନି ମୁଁ । ହୋଟେଲ୍ ନିଶ୍ଚ ତ ଝାପ ବନ୍ଦ୍ ହୋଇ ଗଲଣି । ହେଇ ସେ ବାଁପଟ କଣରେ ଷ୍ଟୋଭ୍ ଅଛି । ଗ୍ଲେଟ ଆଲମିରାର ଉପର ଥାକରେ ସୁଜି ଜାର । ତାର ପାଖରେ ଚିନି । କିଛି ସୁଜି କରି ନିଅନ୍ତୁ···

କହିସାରି କଥାଟା ଭଦ୍ରୋଚିତ ହେଲାକିନା ଓଜନ କରିବା ପାଇଁ ତରୁଣୀଟିର ମୁହଁକୁ ଚାହିଁଲା ସୌମ୍ୟକାନ୍ତ ।

ହସୁଛି ତରୁଣୀ ।

—ଆପଣଙ୍କୁ ମୁଁ କଷ୍ଟ ଦେବିନି । ସୁଜି ଆଉ ପରଟା ଅଛି ମୋ ପାଖରେ । କେବଳ ମୋ ପାଇଁ ଟିକେ ଶୋଇବା ବନ୍ଦୋବସ୍ତ କରିଦେଲେ ଆଶ୍ୱସ୍ତ ହେବି ।

—ହଁ ଗୋଟାଏ କାମ କରନ୍ତୁ··· । ଆପଣ ଖାଇସାରି ଚାଲି ଆସନ୍ତୁ ପଲଙ୍କ ଉପରକୁ । ମୁଁ ସେଠି ତଳେ ମସିଣାଟାଏ ପକେଇ ଶୋଇ ଯାଉଛି ।

—ଘରଟା ଆପଣଙ୍କର ଯେତେବେଳେ, ଅଯାଚିତ ଆତିଥ୍ୟ ଗ୍ରହଣ କରି ଆପଣଙ୍କୁ ତଳେ ଶୁଆଇବା ମୋ ପକ୍ଷରେ ଅସମ୍ଭବ । ତା ପରେ ପରିସ୍ଥିତି ସହ ନିଜକୁ ଖାପ ଖୁଆଇବାରେ ସ୍ତ୍ରୀମାନେ ସବୁବେଳେ ଅଭ୍ୟସ୍ତ । ତେଣୁ ତଳେ ଦିନଟାଏ ଶୋଇଗଲେ ମତେ ବାଧିବନି ମୋଟେ ।

ଅଗତ୍ୟା ଶୋଇଲା ସୌମ୍ୟକାନ୍ତ ପଲଙ୍କରେ ।

ଟିଫିନ୍ କ୍ୟାରିଅର ଖୋଲିଲା ତରୁଣୀ—

ବର୍ଷାର ଗତିରେ ଅନେକ କ୍ଷିପ୍ରତା ।

ପବନର କାନେ କାନେ ଭୁନ ଭୁନ କଥା ।

ସୌମ୍ୟକାନ୍ତର ଆଖିର ଉପତ୍ୟକାରେ ତନ୍ଦ୍ରାର ତୁଷାର ପାତ ହେଉଥିଲା । ଅସଂଲଗ୍ନ ଭାବେ ପଚାରିଲା ସେ—

—ନେମ୍ ପ୍ଲେଟରୁ ବୋଧହୁଏ ମୋ ନାଁ ଜାଣିଥିବେ । ଆଚ୍ଛା ଶୁଭନାମ ଆପଣଙ୍କର ?

—ଜାହ୍ନବୀ ।

ଇତସ୍ତତଃ କେଇଟି ମାତ୍ର ଛେଉଣ୍ଡ ମେଘ ଆକାଶରେ । ବର୍ଷାର ଘନଘଟା ନାହିଁ । ଝର୍କା ପାଖରୁ ସେଇ ସୀମିତ ପରିସୀମାର ଆକାଶ ଉପରେ ଦୃଷ୍ଟି ବୁଲାଇ ଅନୁମାନ କରନେଲ୍ ସୌମ୍ୟକାନ୍ତ । ହାତ୍ଘଣ୍ଟା ସକାଳ ଆଠଟାର ଇଙ୍ଗିତ ଦେଉଥିଲା ।

ଏତେ ଗୁଡ଼ାଏ ବେଳ ହେଇଗଲାଣି…

ତଳକୁ ଆପେ ଆପେ ଦୃଷ୍ଟି ପଡ଼ିଲା ସୌମ୍ୟକାନ୍ତର । ଗତରାତିର ସେଇ ତରୁଣୀ ଷୋଳ ହରିଣୀ ନିଷ୍ପୁନ୍ତତାର ନିଦ୍ରା ମାପୁଛି । ଅସଂଯତ ବେଶ ଓ ବସନ । ରାତିର ଗଭା ଖୋଲିଯାଇ ସର୍ପିଳ ବେଣୀ ହୋଇ ଗୁଡ଼େଇ ଯାଇଛି ଗ୍ରୀବା ଉପରେ । ସୁସ୍ପଷ୍ଟ ଗ୍ରୀବାର ସ୍ପନ୍ଦନ । ସାମାନ୍ୟ ଲମ୍ବ ମୁହଁ । ଖର ଭଳି ନାକ । ଶ୍ରେଷ୍ଠ ଏକ ତିଳର ଚିହ୍ନ ଗାଲତଳେ ହୁଏତ । ଅସ୍ପଷ୍ଟ ଦିଶୁଛି ପଲଙ୍କ ଉପରୁ । ଟଣା ଟଣା ମୁଦା ମୁଦା ଆଖି । ଓଠରେ ହସ । ଫୁଲର ଅନେକ ଭଗ୍ନାଂଶ ।

ଆଃ ! କେତେଥର ଭାଙ୍ଗି ଗଢ଼ିଲାପରେ ଏ ଭଳି ରୂପର ସୃଷ୍ଟି ଯେ ସମ୍ଭବପର । ଆଖି ପୂରେଇ ଦେଖିନବାର ଲୋଭ ସମ୍ବରଣ କରି ପାରିଲା ନାହିଁ ସୌମ୍ୟକାନ୍ତ । ସାମନାରେ ଯାହାକୁ ମନଭରି ଦେଖି ନେଇ ହୁଏ ନାହିଁ ଚୋରି କରି ତାକୁ ଦେଖି ମନର ସାଦ ମେଣ୍ଟେଇବାରେ ଥାଏ ଅଦମ୍ୟ ବ୍ୟାକୁଳତା ।

ଉଠିଲା ସୌମ୍ୟକାନ୍ତ ।

କଡ଼ ଲେଉଟାଇଲା ସାହ୍ଲାଦ ।

ହୁଏତ ଉଠିବ ଅଳ୍ପ ଟିକକ ପରେ ।

ବାଥ୍ରୁମକୁ ଉଠିଗଲା ସେ ।

ସେଭିଂ ହୋଇ ସାରିଲା ପରେବି ଉଠି ନାହିଁ ସାହ୍ଲାଦ । ନିଦ ତାର ନିମିଳିତ ଆଖିରେ ଅପୂର୍ବ ସୁଗନ୍ଧ । ମନହେଲା ସୌମ୍ୟକାନ୍ତର ସଜୋରରେ ଡାକି ଉଠେଇବ ତାକୁ । କିନ୍ତୁ କଣ ବୋଲି ଡାକିବ ? …ସାହ୍ଲାଦ ଅନେକ ବେଳ ହେଲାଣି । ଉଠିପଡ଼ ଏଥର… । କିନ୍ତୁ ନା । ସ୍ୱଳ୍ପ ସମୟ ପାଇଁ

ପରିଚିତା କୌଣସି ଝିଅର ନାମ ଧରି ଡାକିବା ହୁଏତ ଉଚିତ ହବନାହିଁ । ତେବେ ? ସ୍ପର୍ଶକରି ଜଣାଇ ଦେଲେ···ତା ବି ନା ।

ଖରାପ ଭାବିପାରେ ହୁଏତ ।

କଲେଜ ବେଳ ହୋଇଯିବ । ଆଗ କୌଣସି ରେଷ୍ଟୁରାଣ୍ଟରୁ କିଛି ଜଳଖିଆ କରିନେଇ କେଉଁ ବନ୍ଧୁ ଘରେ ଅଧଘଣ୍ଟାଏ ଖଣ୍ଟେ କଟେଇ ନେଲାପରେ ହୋଟେଲ୍ । ତା'ପରେ କଲେଜ । ସାହିରା କେତେବେଳେ ଯିବ କେଜାଣି···

ରାଇଟିଂ ପ୍ୟାଡ୍ ଟାଣିଆଣି ଲେଖିବସିଲା ସୌମ୍ୟକାନ୍ତ :

ଆପଣଙ୍କ ଉଠିବାରେ ଡେରି ଦେଖିବାରୁ କଲେଜ ବାହାରି ଯାଉଛି । ଫେରୁ ଫେରୁ ଡେରି ହେବ । ଅସୁବିଧା କିଛି ହବ ନାହିଁ ଆପଣଙ୍କର । ଜଳଖିଆ ପାଇଁ କିଛି ଖୋଜ କରିନେବେ । ହୋଟେଲରେ ବରାଦ ଦେଇ ଯାଉଛି ଆପଣଙ୍କ ମିଲ୍ ପହଞ୍ଚେଇ ଦବା ପାଇଁ । ଗୋଟାଏ ଖାଲି କଷ୍ଟ କରିବେ ମୋ ପାଇଁ । ବସ୍‌ଷ୍ଟାଣ୍ଡକୁ ଏକାବେଳକେ ଲାଗି ଠିକ ବିଶ୍ରାମାଗାର କଡ଼କୁ ଯେଉଁ ପାନ ଦୋକାନ ସେଇଠି ବସା ଚାବି ଦେଇଯିବେ ।

—ସୌମ୍ୟକାନ୍ତ

ଟେବୁଲ ଉପରେ ପେପରୱେଟ୍‌ଟାଏ ତଳେ ଚିଠିଟା ରଖି ସୌମ୍ୟକାନ୍ତ ବାହାରିଗଲା କ୍ୟାଣ୍ଟିନ୍ ଉଦ୍ଦେଶ୍ୟରେ ।

ସାହିରା ହୁଏତ ଜଳଖିଆ କଲାପରେ ହିଁ ଚାଲିଯିବ । ହୋଟେଲରୁ ମିଲ୍ ମଗେଇବା ବିଷୟ ଲେଖିଦେବା କେବଳ ଭଦ୍ରାମୀ ଖାତିର କଥା । କିନ୍ତୁ ଜଣେ ସ୍ୱଳ୍ପ ସମୟ ପାଇଁ ପରିଚିତା ଝିଅ ହାତରେ ଘରର ଚାବି ଛାଡ଼ିଦେଇ ଆସିବାଟା ଉଚିତ୍ ହେଇନି ହୁଏ ତ । ମନଟା କିମିତି ଖାଇ ଗୋଡ଼େଇଲା ସୌମ୍ୟକାନ୍ତକୁ । ଝିଅଟିର ମୁହଁ ତ ତା ବିରୁଦ୍ଧରେ କିଛି କହେ ନାହିଁ । ମଣିଷର ମୁହଁକୁ ଯଦି ମନର ପ୍ରତିଫଳକ ବୋଲି ଧରାଯାଏ ତେବେ କିଛି ଗଲତି ଗଫଲତି ନାହିଁ ସାହିରାର ସ୍ୱଭାବରେ ।

କୌଣସି ବ୍ୟତିକ୍ରମ ହେଲେ ବି କଣ ହରେଇବ ସେ ? ରେଡ଼ିଓଟାଏ । ବାକ୍‌ସରୁ କେଇ ଯୋଡ଼ା ସୁଟ୍ । କିଛି ବହି ଆଉ କାନ୍ଥ

ଘଣ୍ଟା । ବେଶୀ ହେଲେ ଷ୍ଟୋଭ ଆଉ ବାକ୍ସରେ ଥିବା ଗ୍ଲାସରୁ ପଚ୍ଚିଶ ଭିତରେ ଟଙ୍କା । ପଲଙ୍କ, ଆଲମିରା ଆଉ ଫର୍ନିଚର ତ ନେଇଯିବନି ।

ଗୁଡ଼ ।

ପାଦ ବୁଲିଲା ସୌମ୍ୟକାନ୍ତର ପ୍ୟାଡ଼େଲରେ ।

ଆହୁରି ଜୋରରେ ।

ଝିଅଟିର ପରିଚୟ ନ ନେଇ ସେ ଯାହା ଭୁଲ କରିଛି······ଏ ଶତାବ୍ଦୀରେ ବରଂ ଭଗବାନଙ୍କୁ ବିଶ୍ୱାସ କରି ଯାଇ ହେବ କିନ୍ତୁ କୌଣସି ଝିଅକୁ ବିଶ୍ୱାସ କରିବା ମାରାତ୍ମକ ।

ବ୍ରେକ୍ ଦେଲା ସୌମ୍ୟକାନ୍ତ ସାଇକେଲ୍‌ରେ ।

ସ୍ନେହ-ସଦନ ।

ଫେରନ୍ତା ପଥରେ ସେ ଦିନର ଅନୁରୋଧ ପ୍ରିୟଦର୍ଶୀର ସିନେମା ଯିବା ପାଇଁ । ସିନେମା ପ୍ରେମୀ ପ୍ରିୟଦର୍ଶୀ । ଏକାନ୍ତ ଅନ୍ତରଙ୍ଗ ସୌମ୍ୟକାନ୍ତର ।

ଅନ୍ତର ନ ଦେଲେ ଅନ୍ତରଙ୍ଗ ହୋଇ ହୁଏନାହିଁ । ଆଉ ନିକଟରେ ଥିଲେ ଆନ୍ତରିକତାରେ ନିବିଡ଼ତାର ସ୍ପର୍ଶ ଲାଗେ । ପ୍ରିୟଦର୍ଶୀ ସୌମ୍ୟକାନ୍ତ ଅନ୍ତରଙ୍ଗ ଏକାନ୍ତ ଭାବରେ । ସହପାଠୀ ବନ୍ଧୁ, ଏକା କଲେଜର । ସାମାନ୍ୟ ଅନୁରୋଧ ଏଡ଼ି ଦେଲେ ଖରାପ ଭାବିବ ହୁଏତ ପ୍ରିୟଦର୍ଶୀ । ତାପରେ ସାମାନ୍ୟ ଜଳଯୋଗ ପରେ ବାହାରିଲେ ଦୁହେଁ ।

ପ୍ରିୟଦର୍ଶୀ ବିବାହ କରିଛି ଏଇ ମାତ୍ର ବର୍ଷକ ତଳେ । ସ୍ତ୍ରୀ ପୁଷ୍ପମିତ୍ରା, ପ୍ରିୟଦର୍ଶୀ ଓ ସୌମ୍ୟକାନ୍ତ ।

ସେମାନଙ୍କ ସହିତ ଭଉଣୀ ସ୍ନେହଲତା । ସିନେମା ଫେରନ୍ତି ମନେ ପଡ଼ିଲା ସୌମ୍ୟକାନ୍ତର ସାହିରା କଥା । ଯଦି ବସଷ୍ଟାଣ୍ଡ କଡ଼ର ପାନ ଦୋକାନ ବନ୍ଦ ହେଇ ଯାଇଥାଏ ଏ ଭିତରେ···ଧର୍ମଶାଳା ଛଡ଼ା ଉପାୟ ନାହିଁ । ରାତିକ ପାଇଁ ଆସ୍ଥାନ ଜମାଇବା ଉଦ୍ଦେଶ୍ୟରେ କୌଣସି ବନ୍ଧୁକୁ ଅନୁରୋଧ କରି ବି ଯାଇ ପାରେନା । କଲେଜ ହଷ୍ଟେଲର ମେନଗେଟ୍ ପାଖରେ ଗୁର୍ଖା ଦରଓ୍ୱାନଟା ନଥିଲେ ବା ଥରେଅଧେ ଚେଷ୍ଟା କରି ଯାଆନ୍ତା । କର୍ଘାତ ପିଇଦେଇ ପାଞ୍ଚହାତିଆ ଠେଙ୍ଗାଟାଏ ପାଖରେ ରଖି ଢୁଲଉଥିବ । କେଇଟି ନିର୍ଦ୍ଦିଷ୍ଟ ଦିନ ବ୍ୟତୀତ ଅନ୍ୟ ଦିନ ସିନେମାରୁ ଫେରି ଉନତାନ ହଷ୍ଟେଲ ଭିତରେ ପଶିବାର ଉପକ୍ରମ କଲେ ଚିତ୍କାର କରିବ—

କୌନ ଯାତା ହୈ······ରଜିଷ୍ଟରମେ ଦସ୍ତଖତ୍ କର୍ କେ ତୋ ଯାଓ—

ପ୍ରିୟଦର୍ଶୀର ନୈଶ ଭୋଜନର ନିମନ୍ତ୍ରଣ ଗ୍ରହଣ କରି ନପାରି ସାଇକେଲ୍ ଛୁଟେଇଲା ସୌମ୍ୟକାନ୍ତ ଜୋରରେ । ଭାଗ୍ୟକୁ ବନ୍ଦ ହୋଇ ନାହିଁ ଦୋକାନ ।

କିନ୍ତୁ ଦୃଶ୍ୟ ଦେଇ ଯାଇନାହିଁ ସେଠି ସାହିରା ।

ଅଡ଼ୁଆରେ ପଡ଼ିଲା ସୌମ୍ୟକାନ୍ତ । ଆଉ ଚାଲୁଟାଏ ଆସି ଜୁଟିଲା ରାତିକ ପାଇଁ । କେଇଟି ଘଣ୍ଟା ଆଗରୁ ସାମାନ୍ୟ ମନେ କରିଥିବା ଜିନିଷ ଗୁଡ଼ିକ ପାଇଁ ମମତା ଲାଗିଲା । ଯଦି କିଛି ନେଇ ଫେରାର ହୋଇଥାଏ ସାହିରା······

ସାଇକେଲରେ ଉଠିଲା ସୌମ୍ୟକାନ୍ତ ।

ଯଦି ସାହିରା ଯାଇ ନ ଥାଏ······ । ମନ ଅରଣ୍ୟର କେଉଁ ଏକ ନିଘଞ୍ଚ କୋଣରେ ମମତାର ଏକ ଛୋଟ ବନଫୁଲ ଫୁଟି ମଉଳି ପଡ଼ିଲା ଅପର ମୁହୂର୍ତ୍ତରେ । ସାହିରା ତା ପାଇଁ ଗଳଗ୍ରହ ଭିନ୍ନ ଅନ୍ୟ କିଛି ନୁହେଁ ।

ଆଉ ଗୋଟାଏ ଛକ ଆଗରେ । ସେଇଟା ବୁଲିଗଲେ ବସା । ସାମନାରେ ମ୍ୟୁନିସିପାଲ୍‌ଟିର ଡବଲ ବାର୍‌ଲାଇଟ ଲଗା ବଡ଼ାଖୁଣ୍ଟ । ମାତ୍ର ଦୁଇଶହ ଗଜ ଆଉ ।

ଦେଢ଼ଶହ ।

ଶହେ ।

ବସା ଝରକାର ପରଦା ଭେଦକରି ନୀଳ ଆଲୋକର ସୂଅ ଛୁଟିଛି । ସାହାନା ତେବେ ଏ ଯାଏ ଅଛି । ବାରଣ୍ଡା ଉପରକୁ ସାଇକେଲ ଉଠାଇଲା ସୌମ୍ୟକାନ୍ତ । କାହିଁ ସାଇକେଲ ଶବ୍ଦ ଶୁଣି ତ ସାହାନା ବାହାରିଲା ନାହିଁ ରୁମରୁ ।

ଆଃ.........

ଶୋଇ ଯାଇଛି ସାହାନା ପଲଙ୍କ ଉପରେ । ସତେ ଯେମିତି ତାର ଏକାନ୍ତ ଆଧିପତ୍ୟ ଏ ଘରଟାରେ । ମୁହଁ ଉପରେ ଢାଙ୍କି ହୋଇଛି ଅଧପଢ଼ା ଏକ ଇଂରାଜୀ ଉପନ୍ୟାସ । ମୁହଁରେ ଚକ୍ ଚକ ମାରୁଛି ନୀଳ ଲାଇଟ୍‌ର ଅନେକ ଅଂଶ । କଳା ଶାଢ଼ୀର ପଣତ । ଉଜ୍ଜଳ ଗୌରତନୁ । ଆଉ ସୁନୀଳ ଆଲୋକ । ସାହାନା ଯିମିତି ଏକ ଅଂଶ ଆଲୋକର ଅପଭ୍ରଂଶ ସପନ-ପରୀର ।

ଅନ୍ୟର ଘର ବୋଲି ଦ୍ୱିଧା ବି ନାହିଁ ।

ବିଶ୍ୱାସହିଁ ମଣିଷ ମନର ବଡ଼କଥା । ଦ୍ୱିଧାହୀନ ମୁହଁ ତାର କହେ ଅନେକ ଆତ୍ମବିଶ୍ୱାସର ଅଧିକାରିଣୀ ସେ । ମୁହଁ ଉପରକୁ ଝୁଙ୍କି ପଡ଼ିଥିବା ଅଯତ୍ନ କୁନ୍ତଳ କେଇଟିକୁ ଆସ୍ତେ ଆଡ଼େଇ ଦବାର ଲୋଭ ସମ୍ବରଣ କରି ପାରିଲା ନାହିଁ ସୌମ୍ୟକାନ୍ତ ।

ଥରିଲା ଥରିଲା ହାତ ।

ଡରିଲା ଡରିଲା ମନ ।

ନିଦଟା ଏଇନେ ଯଦି ତାର ଭାଙ୍ଗିଯାଏ ?

ଭାଙ୍ଗିଗଲା ନିଦ ସାହାନାର । ଅଜାଣତରେ ସୌମ୍ୟକାନ୍ତର ହାତ ବାଜି ଯାଇଛି ମଥାରେ ତାର ।

ସାମାନ୍ୟ ବିସ୍ମିତା ହୋଇ ଉଠିପଡ଼ିଲା ସାହାନା । ନଜର ବୁଲେଇ ଆଣିଲା ଥରେ ନିଜ ପରିଧେୟ ଉପରେ । ବିସ୍ମିତ ଓଠରୁ ପୁଣି ଫୁଲ ଝରିଲା—

—ଆପଣ କେତେବେଳୁ ଆସିଲେଣି ?

—ଏଇ ମୋଟେ ବର୍ତ୍ତମାନ ।

ରୁମର ଶ୍ରେଷ୍ଠ ଗୋଟିଏ ଅଂଶକୁ ଅଲଗା କରି ଦେଇଛି ସାହାନା ନଜର ଦିଓଟି ଶାଢ଼ୀ ସାହାଯ୍ୟରେ । କାନ୍ଥର ଦୁଇ ମୁଣ୍ଡରେ କଣ୍ଟାମାରି ସରୁ ତାରଟିଏ ଝୁଲେଇଛି । ତାରି ଉପରେ ଶାଢ଼ୀ ଦିଓଟି ।

ଲୁଗା ପାଲଟିବା ପାଇଁ ସୌମ୍ୟକାନ୍ତ ଚାଲିଗଲା ସେ ପାଖକୁ ।

ହସିଲା ସାହାନା ।

ସେଇଟା ଆପଣଙ୍କ ପାଇଁ ନୁହେଁ ମ । ମୋ ପାଇଁ ।

ଅପ୍ରସ୍ତୁତ ହେଲା ସୌମ୍ୟକାନ୍ତ ।

ପୋଷାକ ବଦଳି ଆସିଲାବେଳକୁ ଟେବୁଲ ଉପରେ ରାତ୍ରି ଭୋଜନ ସଜେଇ ରଖିଛି ସାହାନା । ରୁଟି, ଚିକେନ୍, ଆଳୁଦମ୍, ସଲାଡ୍, କଞ୍ଚାଲଙ୍କା ଆଉ ପିଆଜ ।

—ଏସବୁ···

—ହୋଟେଲ୍ ରୁହୁଁ ଆପଣଙ୍କର ଆସିଛି । ରାତି ମିଲ୍ ଏଇଠି ଦେଇଯିବା ପାଇଁ ମୁଁ ସନ୍ଧ୍ୟାରେ ଅର୍ଡ଼ର ଦେଇ ଆସିଥିଲି । ସାଧାଯାଏ ଅପେକ୍ଷା କରି କରି ଆପଣ ନ ଆସିବାରୁ ହଠାତ୍ ଖିଆଲ ହେଲା ଆପଣ ଫିଲ୍ମ ଯାଇଥିବେ ହୁଏତ । ଦିଓଟି ଟିକେଟ୍‌ରେ ନୂଆ ଫିଲ୍ମ ଲାଗିଛି କନା ।

ବସିଲା ସୌମ୍ୟକାନ୍ତ ।

—ଆପଣ ଖାଇ ନେଇଛନ୍ତି ତ ?

—ନା ଆପଣ ଖାଇ ସାରନ୍ତୁ ଆଗ ।

—ଏଇଠିକି ନେଇ ଆସନ୍ତୁ ତେବେ ।

—ମୁଁ ପରେ ଖାଇଲେ ଚଳିବନି । କାଳେ ଯଦି କିଛି ଦରକାର ହୁଏ ?

ଅଟ୍ଟହାସ କଲା ସୌମ୍ୟକାନ୍ତ ।

—ହସିଲେ ଯେ ?

—ହସେଇଲେ ହସିବିନି ?

—ମାନେ ?

—ସ୍ତ୍ରୀମାନଙ୍କ ବୁଦ୍ଧି ସବୁ କ୍ଷେତ୍ରରେ ଏକା । କ'ଣ ଘର ତିଆରି ଖାଦ୍ୟ ହେଉଛି ଯେ ଦରକାର ହେଲେ ପରେ ଆବଶ୍ୟକତା ପୂରଣ କରିଦେବେ । ହୋଟେଲର ସୀମିତ ଖାଦ୍ୟ ।

—ଆପଣ ଭୁଲ ବୁଝିଲେ । ପୁଅମାନେ ଯେତିକି ଖାଆନ୍ତି ଝିଅ-ମାନଙ୍କର ତାଠାରୁ ଅନେକ କମ୍ ଦରକାର ହୁଏ ।...

—ନାହିଁ ଆଜ୍ଞା...ଭୁଲ ଆପଣ କହିଲେ । ଝିଅମାନେ ପୁଅମାନଙ୍କ ଅପେକ୍ଷା ଅଧିକ ଖାଇବାରେ ଅଭ୍ୟସ୍ତ ।

—ଆଦୌ ନୁହେଁ ।

—ବିଶ୍ୱାସ କରନ୍ତୁ—

ନିଜ ମନର ବିଶ୍ୱାସକୁ ଅପର ମନରେ ଜନ୍ମେଇ ପାରିବାଟା ଭାରି କଷ୍ଟ । ବୁଝିଲେ...

—ସ୍ୱୀକାର କରୁଛି ।—କିନ୍ତୁ ଆପଣଙ୍କୁ ବି ମାନିବାକୁ ପଡ଼ିବ ଯେ, ପୁରୁଷମାନେ ଏକକାଳୀନ ଯେତିକି ଖାଆନ୍ତି ନାରୀମାନଙ୍କର ଲୁଗାଛପା ଝିଅା, ଚଖାଚଖି, ବାପା, ଭାଇଙ୍କ ଅଇଁଠା ଥାଳୀ ସାଫ୍ କରି ଯିବା ସାଙ୍ଗେ ଓଳିକର ଖୋରାକ ମିଶିଲେ ତାର ଦୁଇଗୁଣ ସାଙ୍ଗେ ସମାନ ହେବ ।

ହସିଲେ ଦୁହେଁ ସମସ୍ୱରରେ ।

—ହଉ ହାତ ଚଳାନ୍ତୁ ଏଥର । ସବୁ ନହେଲେ ବରଫ ହୋଇଯିବ ।

—ଆପଣଙ୍କୁ ପରା ଆସିବାକୁ କହିଲି—

—ନାଇଁ ଆପଣଙ୍କର ସବୁ ଆଗ ।

—ଉଠିଲି ତେବେ—

ସତକୁ ସତ ଉଠି ପଡ଼ିଲା ସୌମ୍ୟକାନ୍ତ ଖାଇବା ପାଖରୁ ।

—ଏତେ ଅବାଧ ହୁଅନ୍ତୁନା···

ବସିଲା ସାହାରା ଅଗତ୍ୟା । ସୌମ୍ୟକାନ୍ତ ସାମନାରେ ବସିବା ତାର ଏଇ ପ୍ରଥମ । ଅବାଧ ଶାଢ଼ୀର ପଣତକୁ ବାଁ ହାତରେ ଜାବୁଡ଼ି ଧରି ପ୍ଲେଟ ଉପରେ ଝୁଙ୍କିଲା ସେ ।

ସୌମ୍ୟକାନ୍ତର ନାକରେ 'ବସନ୍ତ ମାଳତୀ'ର ଭିନ୍ ଭିନ୍ ସୁଗନ୍ଧ । ସାମନାରେ ସଲ୍ଲଜ ସାହାରାର ଆନତ ମୁଖ । ବାହାରେ ଫୁଟିଲା ରାତି । ନିସ୍ତବ୍ଧ ନିର୍ଲଜ ବଜୁଲି ବତି ।

ନୂଆ କରି କଥା କହି ଶିଖିଲେ ଅଭିଧାନ ବହିର୍ଭୂତ ଶବ୍ଦ ସବୁ ଶିଶୁ ଉଚ୍ଚାରଣ କରି ବୁଝିଲା ଭଳି ଖାଇବା ଅପେକ୍ଷା କହିବାରେ ହିଁ ସମୟ ବିତିଗଲା ।

—ଆପଣଙ୍କର ଆଜି ପଲଙ୍କରେ ଶୋଇବାର ପାଳି—

—ଆଉ ଆପଣଙ୍କର ? ତଳେ ନା ?—

—ଯିଏ ଆଗ ଖାଇ ସାରିବ ମହିଣା ତା'ର । ପଲଙ୍କ ପଛ ବାଲିର । ଏକାବେଳକେ ଗୋଟାଏ ରୁଟି ପାଟିରେ ପୂରେଇ ଦେଲା ସୌମ୍ୟକାନ୍ତ ।

ପଲଙ୍କରେ ଶୋଇବାକୁ ପଡ଼ିଲା ସାହାରାକୁ ।

—ଶୋଇଲେଣି ?

—ଚେଇଁଛି ।

—କିଛି କହିଲେ ନାଇଁତ ?

—କଣ ?

—ଆପଣଙ୍କ କଥା ।

—ମତେ ଆପଣ ସମ୍ବୋଧନ କଲେ ଭଲ ଶୁଣା ଯାଉଛି ?

—ଭାବିବାର କଥା ।

—ଭାବନ୍ତୁ ।

—ସମ୍ଭବତଃ ନା ।

—ଠିକ କରି କହନ୍ତୁ ।

—ନା ।

—ମତେ ଆପଣ କହିବେନ ଆଉ ।

—ଆଜ୍ଞା ।

—ପୁଣି ?

—ଆଜ୍ଞା ବ ନୁହେଁ ?

—ନା ।

—ତେବେ ?

—ସାହିବ୍ ତୁମେ କୁହ ।

—ସାହିବ ତୁମେ କୁହ ।

—ଧେତ୍ ।

—ଚେତ୍ ?

—ମାନେ ?

ସାନ୍ତାଳୀ ଭାଷାରେ 'ଚେତ' ମାନେ 'କଣ' ।

—କୁହନ୍ତୁନା···ଅନୁନୟ କଲି ସାହିବ ।

—ସାହିବ !

— ଆଜ୍ଞା ।

—ଆଜ୍ଞା ନୁହେଁ ।

—ଆଉ ?

—ଉଁ ।

—ହଉ ।

—ସାହିବ !

—ଉଁ !

ଅନେକ ଦୋ'ଛକର ଏଇ ଦୁନିଆଁ ଟାରେ କ୍ଷଣିକର ଦେଖାଚାହାଁ, ମୁହୂର୍ତ୍ତିକର ଆଳାପ ଆଲୋଚନା ବି ଅନେକଙ୍କୁ ନିକଟତର କରି ତୋଳେ । ନିଜ ଜୀବନର ବିଶ୍ଳେଷଣ ଆଉ ନିଜର ଅର୍ଜିତ ଅନୁଭୂତିରୁ ଏତିକ ହିଁ ସଂଗ୍ରହ କରି ପାରିଥିଲା ସୌମ୍ୟକାନ୍ତ ।

ସାହ୍ମାରି ସହ ବି ତା'ର କେଇ ଘଣ୍ଟାର ପରିଚୟ ମାତ୍ର । ସେତିକରେ ହିଁ ସେମାନଙ୍କର ବନ୍ଧୁତା ।

ଉତ୍ତର ବାଲେଶ୍ୱରର କେଉଁ ଏକ ଗ୍ରାମାଞ୍ଚଳରେ ଜନ୍ମ ସାହ୍ମାରିର । କେବଳ ବିଧବା ମା'ଟି ଛଡ଼ା ଦ୍ୱିତୀୟ ସଂପର୍କୀୟ କେହି ତାର ନାହିଁ । ନିମ୍ନ ମଧ୍ୟବିତ୍ତ ପରିବାରର ଏଇ ଝିଅଟି ସମୟର ଉଜାଣି ସୁଅରେ ନିଜକୁ ପ୍ରତିଷ୍ଠିତ କରେଇବା ପାଇଁ ଅବିରତ ସଂଗ୍ରାମ କରି ଆସିଛି । ସେ ସଂଗ୍ରାମ ତାର ଏବେ ବି ଅବ୍ୟାହତ ।

କଳାର ପ୍ରଥମ ବାର୍ଷିକ ଉପାଧି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଗୋଟିଏ ବେସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ରୂପେ ନିଯୁକ୍ତି ପାଇଛି । ସେ ବିଦ୍ୟାଳୟ ଏଇ ସହରରେ । ବାରିପଦାରେ ଯେଉଁ ଦୂର ସଂପର୍କୀୟଙ୍କର ଆତିଥ୍ୟ ଗ୍ରହଣ କରିବାପାଇଁ ଆସିଥିଲା ସେ, ବଦଳି ଗଲେଣି ସେ ବି ଅନେକ ଦିନରୁ ।

କୌଣସି କାରଣ ବଶତଃ ଶେଷ କ୍ଲାସ କେଇଟା ସସପେଣ୍ଡ ହୋଇ ଯିବାରୁ ଚାଲି ଆସିଛି ସୌମ୍ୟକାନ୍ତ । ସାହ୍ମାରି ହୁଏତ ଶେଷ ପିରିୟଡ଼ ପାଇଁ ପ୍ରସ୍ତୁତ ହେଉଥିବ । ସାଢ଼େ ତିନ ହେଲାଣି ଆସି । ଆଉ ଘଣ୍ଟାକ ଭିତରେହିଁ ପହଞ୍ଚିବ ।

ବାରିପଦାରେ ଆଜ ତାର ତୃତୀୟ ଦିବସ ।

ସୌମ୍ୟକାନ୍ତର ଚତୁର୍ଥ ବର୍ଷ ଚାଲିଲା ।

ଚାରିବର୍ଷ ତଳେ ବାପା ଯେଉଁ ଘରଟି ବନ୍ଦୋବସ୍ତ କରି ଛାଡ଼ିଯାଇ- ଥିଲେ ତାକୁ ସେଇ ଏକକୋଠରୀ ବିଶିଷ୍ଟ ଘରେ ସେ ଏବେ ବି ରହୁଛି ।

ବାପା ଜନ-ସ୍ୱାସ୍ଥ୍ୟ ବିଭାଗର ଏକ୍‌ଜିକ୍ୟୁଟିଭ ଇଂଜିନିୟର କୋରାପୁଟରେ । ନିଜର ସ୍ୱାଭାବିକ ଜ୍ଞାନ ଆସିବା ଦିନୁ ବାପାଙ୍କ ନିକଟରୁ ଦୂରେଇ ରହିଛି ସେ । ସବୁ ପାଇଲା ପରେ ମା' ନାମ୍ନୀ କୌଣସି ପ୍ରାଣୀର ସ୍ନେହ ଶତ ସନ୍ଧାନ ପରେ ସେ ପାଇ ପାରିନାହିଁ ।

ମାତୃହୀନ ସୌମ୍ୟକାନ୍ତ ।

ମମତାର ସେଇ ଗନ୍ତାଘରକୁ ସେ ହରେଇଛି ଦୁନିଆର ଆଲୋକ ସନ୍ଧାନ କରିବାର ଅବ୍ୟବହିତ ପରେ । ଜନଶ୍ରୁତି କହେ, ମେଜର ଅପରେଶନ ପରେ ତାର ଜନ୍ମ ଏବଂ କେଇଟି ମୁହୂର୍ତ୍ତ ପରେ ସେ ହୋଇଥିଲା ମାତୃହରା ।

ବାପା ଆଉ ମା'ଙ୍କର ସଂପର୍କ ଥିଲା ଅନେକ ନିବିଡ଼ତର । ଜଣକ ବିନା ଅପରର ବଞ୍ଚି ରହିବା ଥିଲା ସେମାନଙ୍କ ପକ୍ଷରେ ଅସମ୍ଭବ । କିନ୍ତୁ ଅସମ୍ଭବ ସମ୍ଭବ ହେଲା । ବଞ୍ଚି ରହିଲେ ସତ୍ୟେନ୍ଦ୍ର ନାରାୟଣ । ଜୀବନରେ ସ୍ୱାଦ ନାହିଁ । ଆଗ୍ରହ ନାହିଁ ଜିଇଁବାରେ । ଅନେକ ପ୍ରବର୍ତ୍ତନା ସତ୍ତ୍ୱେ କଲେ ନାହିଁ ଦ୍ୱିତୀୟ ବିବାହ । ସୌମ୍ୟକାନ୍ତ ନିଜପାଇଁ ତାଙ୍କ ମନରେ ସ୍ଥାନର ସନ୍ଧାନ କରିପାରି ନାହିଁ ଏଯାଏଁ ।

ତଥାପି ସେ ପିତା ।

ଜନ୍ମଦାତା ।

ଅନେକ ଜିନିଷ ଦୁନିଆରେ ଦେଖି ହୁଏନାହିଁ । ହୁଏନାହିଁ ଜାଣି । କେବଳ ଅନୁଭବ କରିହୁଏ । ସୌମ୍ୟକାନ୍ତ ସିମିତି ଅନୁଭବ କରୁଥିଲା ପିତାଙ୍କ ମନରେ ଥିବା ସ୍ନେହ ମମତାରୂପୀ ଝରଣାର ପ୍ରବାହ ତାରି ପାଇଁ ହିଁ ଉଦ୍ଦିଷ୍ଟ । କେବଳ ମାତ୍ର ତାରି ପାଇଁ । ତଥାପି କେବେ ଅଳି କରିନାହିଁ ସୌମ୍ୟକାନ୍ତ ସେଥିର ଗୋଟାଏ ଅଂଶ । ଅଝଟ ହୋଇ ନାହିଁ ମାତୃ ହସ୍ତର କୋମଳ ସ୍ପର୍ଶ ଆଶାରେ । ପୁଷ୍ପାସି ବୃକରଙ୍କ ହାତରେ ତାର ଭାଗ୍ୟ ଥିଲା ଏକଦା ନିୟନ୍ତ୍ରିତ ।

ଶିକ୍ଷାର୍ଥୀ ଜୀବନର ଅଧିକାଂଶ ସମୟ ତାର କଟିଲା ବିଭିନ୍ନ ଛାତ୍ରାବାସରେ । ହଷ୍ଟେଲରେ ସ୍ଥାନାଭାବ ହେତୁ ଅସ୍ଥାୟୀ ଭାବେ ବାପା ତାକୁ

ରଖେଇ ଯାଇଥିଲେ ଏଇ ବସାରେ ପ୍ରାୟ ଗୃହବର୍ଷ ଚଳେ । ସେଇଟା ସୌମ୍ୟକାନ୍ତର ପ୍ରାକ-ବିଶ୍ୱବିଦ୍ୟାଳୟ ଶ୍ରେଣୀ । ପରବର୍ତ୍ତୀ ବର୍ଷ ଚେଷ୍ଟା କରିଥିଲେ ନିଶ୍ଚିତରୂପେ ହୁଏତ ସ୍ଥାନଟିଏ ସେ ପାଇ ପାରିଥାନ୍ତା ଛାତ୍ରା-ବାସରେ । କିନ୍ତୁ ସେ ଚେଷ୍ଟା କରିନାହିଁ ସେ ।

ତା ବସା ସାମନା ସେଇ ବଣଖଣ୍ଡ ପାଖର ସେଇ ଏକ ମହଲା ଯେଉଁ ପକ୍କା ଘର···ସେଇଠି ତା' ଅତୀତ ଇତିହାସର କେଉଁଟି ଅଙ୍ଗଲଗ୍ନ ପୃଷ୍ଠା ପାଇଛି ପୂର୍ଣ୍ଣାହୁତି । ଯାହା ପାଇଁ ବସା ସେ ବଦଳାଇ ପାରିନାହିଁ । ଅତୀତର ଇତିବୃତ୍ତିମୟ ସ୍ମୃତିରେ ବସା ତାର ଏବେ ବି ସୁରଭିତ ।

ସାମନାର ସେଇ ପକ୍କା ଘରକୁ ଟିକେ ଦେଖିନେବା ଆଶାରେ ସାମାନ୍ୟ ଝୁଙ୍କି ପଡ଼ିଲା ସୌମ୍ୟକାନ୍ତ ଆଗକୁ ।

ଆଃ—ସାହାରା ଆସୁଛି ।
ଠିକ୍ ଏତିକିବେଳେ ତାର ଆସିବାର ଥିଲା ?
ନୀରବ ନିର୍ଜ୍ଜନତାର ଆସନ୍ନ ମୃତ୍ୟୁରେ ଆତଙ୍କିତ ହେଲା ସେ ।

ଏଇନେ ଖାଲି ଗୁଡ଼ାଏ ବକର ବକର ହବାଛଡ଼ା କାମ କିଛି ନାହିଁ । ସେ ଦିନର ଏଇ ନିରୀହା ସାହାରା କେତେ ଯେ ପ୍ରଗଲ୍‌ଭା ହୋଇ ଯାଇଛି ଏ ଭିତରେ ।

ଷ୍ଟେଟ୍ ଟ୍ରାନ୍ସପୋର୍ଟ ବସ ଦପ୍ତରୁ ସେଦିନ ଅର୍ଦ୍ଧରାତ୍ରିରେ ପହଞ୍ଚି ନିଯୁକ୍ତ କ୍ଷେତ୍ରର ସନ୍ଧାନରେ ଯାଉ ଯାଉ ହଠାତ୍ ବର୍ଷାମାଡ଼ ଭିତରେ ଯେଉଁ ନିରାଶ୍ରୟା ସାହାରା ତାର ଆଶ୍ରୟ ଭିକ୍ଷା କରିଥିଲା ଆଜି ତା' ପ୍ରଗଲ୍‌ଭତା ଦେଖିଲେ ଆଶ୍ଚର୍ଯ୍ୟ ହିଁ ଲାଗେ କେବଳ । କେତେ ତଫାତ୍ ସେଦିନ ଓ ଏଦିନ ଭିତରେ !

—ଆଜି ନାଇନ୍‌ଥ କ୍ଲାସରେ ନା···ଅମୁକ ଝିଅ ଗୋଲାପୀ ସ୍କାର୍ଟ ସାଙ୍ଗେ ନେଳିଆ ବ୍ଲାଉଜ ପିନ୍ଧିଥିଲା । ଅଲାଜୁକୀଟା ! ଦରବୁଢ଼ୀ ହେଲାଣି ଆସି ···ସ୍କାର୍ଟ ବ୍ଲାଉଜ ପିନ୍ଧିଲେ ବୟସ କ'ଣ ସତରେ କମିଯାଏ ? ଆମ ସ୍କୁଲର ସେଇ ମୋଟୀ ଝିଅ ଯୋଉ ରିକ୍‌ସାରେ ଆସେନାହିଁ···ଆଜି ସେ ଓହ୍ଲାଉ

ଓହ୍ଲାଉ ସେଇ ରିକ୍ସାର ଟାୟାରଟାଏ ବାଷ୍ଟ କରିଗଲା । ଇଲେଭେନ୍‌ଥରେ ଜଣଙ୍କୁ ନା···ସ୍ୱର୍ଗତଃ ମାର୍ଟିନ୍ ଲୁଥର କିଙ୍ଗ କିଏ ପଚାରିଲାରୁ ଉତ୍ତର ମିଳିଲା ସେ ସାଉଦି ଆରବର ରାଜା ।···କାଲି ଆମ ସ୍କୁଲରେ କୁଆଡ଼େ ଦାସ-କାଠିଆ ହବ । ବିଦ୍ୟୁ ଜାଣିଛନ୍ତି ? 'ରତିକଳା' ।

ଯାବତ୍ତୁ ଅଜବ କଥା ଏଇ ସାହାରା ମୁହଁରେ ।

କ୍ରମେ ନିକଟତର ହୋଇ ଆସୁଛି ହାଇହିଲ୍‌ର ଶବ୍ଦ । ଏଇ ଆସିଯିବ ।

ଆସିଲା ।

—ଆରେ ବାଃ ଖୁବ୍ ଚିନ୍ତାରେ ମଗ୍ନ ଅଛ ତ ଆଜି ?

—ଠିକ୍ ତମରି କଥା ହିଁ ଭାବୁଥିଲି ।

—ମୋ କଥା ? ମୁଁ କ'ଣ ଏତେ ବଡ଼ଲୋକ ହୋଇ ଗଲି ଏ ଭିତରେ ?

—ସବୁବେଳେ ବଡ଼ଲୋକଙ୍କ କଥା କ'ଣ ସମସ୍ତେ ଭାବନ୍ତି ?

—ଏ ପର୍ଯ୍ୟନ୍ତ ମୋର ଧାରଣା ସେଇଆ ।

—ଏ ଧାରଣା ସମସ୍ତଙ୍କର ସବୁବେଳେ ସଠିକ ହୁଏ ନାହିଁ । ତମେ ବିଶ୍ୱାସ କରି ନପାର କିନ୍ତୁ ତମରି କଥା ହିଁ ଭାବୁଥିଲି । ସାଢ଼େ ଚାରି ହୋଇ ଗଲାଣି କିନା ! ତମ ସ୍କୁଲ ହାଲଚାଲ ଶୁଣିବା ପାଇଁ ଅପେକ୍ଷା କରିଥିଲି ତମକୁ ।

—ଇସ୍ !

ଲୁଗା ପାଲଟିବା ପାଇଁ ଚାଲିଗଲା ସାହାରା ।

ଦିନ ଆଲୁଅରେ ଅନେକ ଅବଶିଷ୍ଟାଂଶ ବାହାରେ । ସିଧା କମି ନାହିଁ । ସାମାନ୍ୟ କଣେଇଁ ଚାହିଁଦେଲେ ଶାଢ଼ୀର ପରଦା ସେପଟୁ ସାହାରାର ଅବସ୍ଥିତି ବାରି ହୋଇ ଯାଉଛି । ଶିକ୍ଷୟିତ୍ରୀ ରୂପେ ଯୋଗଦେଲା ପରେ ଏବେ ସାହାରା ସାରେ ଲେଖାଁ ଚୁଡ଼ି ପିନ୍ଧୁଛି ହାତରେ । କାଚର ରିଣ୍ ଝିଣ ଶବ୍ଦ ।

···ସାହ୍ୱାରା !

···ଉଁ !

କାଚରେ ଝନ୍‌କାର ମିଳେଇ ଯାଇ ଥମିଗଲା ମୁହୂର୍ତ୍ତେ । ତାପରେ ଅନିଚ୍ଛାକୃତ କାଚରେ ମନ୍ଥର ସ୍ୱର । ସାହ୍ୱାରା ବାହାରି ଆସିଲା ସେ ପଟୁ ।

···କ'ଣ କହୁଥିଲ ?···

···ସାମାନ୍ୟ ଉପମା କରନ୍ତ···

···କାଲି ବି ତ ହେଇଥିଲା । ନୂଆ କଥା କିଛି ନାହିଁ ଏଥିରେ । କଫି ତା'ପରେ । ଆଉ କିଛି ?

···ନା । କେବଳ ସ୍ୱାଦଟା ଯିମିତି ଉପମାର ଅସାମାନ୍ୟ ହୁଏ ।

ଏକ ଅର୍ଥପୂର୍ଣ୍ଣ ଦୃଷ୍ଟିରେ ସାହ୍ୱାରା ହସି ଦେଇ ଚାଲିଗଲା ଷ୍ଟୋଭ୍ ପାଖକୁ ।

···ଆଜିର ସାଧ ଭୋଜନଟା କୌଣସି କ୍ୟାଣ୍ଟିନ୍‌ରେ କରିନେଲେ ଚଳନ୍ତା ନାହିଁ ?

···ଆଉ ତମେ ? ପ୍ରଶ୍ନ କଲା ସୌମ୍ୟକାନ୍ତ ।

···ସାଙ୍ଗ ହେଇ ଯାଆନ୍ତେ······

···ଆରେ ବାପ୍‌ରେ !···

···ଏତେ ଡରନା ? ଭାଇ ଭଉଣୀ କ'ଣ ସାଙ୍ଗ ହେଇ ଯାଆନ୍ତି ନାହିଁ କୁଆଡ଼େ ?

କରେଇରେ ଘିଅ ଢାଳିଲା ସାହ୍ୱାରା ।

···ବାହାରର ଲୋକେ ଭଲଟାକୁ ଏତେ ଶିଘ୍ର ବିଶ୍ୱାସ କରି ପାରନ୍ତି ନାହିଁ ।

ଉଭୟେ ନୀରବ ।

ପିଆଜ ଗଣ୍ଡାଏ ଚୂନି ଚୂନି କରି କାଟୁଛି ସାହ୍ୱାରା । ମୁଞ୍ଚାଏ ଲଙ୍କା । କିଛି ଲବଙ୍ଗ ପତ୍ର ଆଉ ସୋରିଷ ।

···କାଜୁବାଦାମର ଅଭାବ ରହିଗଲା ନା ?

ନୀରବ ରହିଲା ସାହାରା । କିଛି ଆଉ କହିବାକୁ ନଥିଲେ ଇମିତି ବେକାର କଥାରେ ମୁଣ୍ଡ ପୂରାଏ ସୌମ୍ୟକାନ୍ତ ।

…କିଛି କହିଲ ନାହିଁ ଯେ ?

… ଗୋଟାଏ କଥା କହିବ ?

…କୁହ ।

…ଭାବିବ ନାହିଁତ କିଛି ?

…ପ୍ରାୟ ନା ।

…ପ୍ରାୟ ଫ୍ରାୟ ନୁହେଁ । କେବଳ 'ହଁ' କି 'ନା'ରେ ଉତ୍ତର ଦିଅ ।

…ନା—

—ବାପା ତମର ଜଣେ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର । ଅଥଚ ଏତେ ଦୂରରେ ରହି ଏଇ ଏକ ବଖୁରିଆ ଘରଟାରେ ଚଳିବାକୁ ତୁମକୁ ଖୁବ୍ ଭଲ ଲାଗୁଛି ?

—ଯାହା ଦ୍ୱାରା ପୁରୁଷ ଉପକୃତ ହୁଏ ତାକୁ ସେ କେବେ ଭୁଲି ପାରେ ନାହିଁ କିମ୍ବା ହେୟ ବି ମନେକରି ପାରେ ନାହିଁ । ବିଶେଷ କରି ଏଇ ଘରଟା ଉପରେ ମୋର ମମତା ଆସି ଯାଇଛି ଏକ ରକମ । ତେଣୁ ବସା ବଦଳେଇ ଦବା ପ୍ରଶ୍ନ ମୁଁ ସବୁବେଳେ ଏଡ଼େଇ ଆସିଛି । ଯାହା ଏଇଠି ମୁଁ ଦିନେ ପାଇଥିଲି ତାକୁ ହରେଇ ବି ସାରିଲିଣି ଅନେକ ଦିନୁ । ଅଥଚ ଏଇ ଘରର ମାୟା ମତେ ଆବୋରି ବସିଛି ।

ନାକର ଦୁଇ ପୁଡ଼ା ଉପରକୁ ସାମାନ୍ୟ କୁଞ୍ଚିତ କରି ପ୍ରଶ୍ନ କଲା ସାହାରା —

—ଘରଟିର ପାରେ କି କ'ଣ ପାଇଥିଲ ?

— ଯାହା ମୁଁ ଦିନେ ହରେଇଲି ।

—କ'ଣ ହରେଇଲି ତେବେ ?

— ଯାହା ପାଇଥିଲି ମୁଁ ।

—ସତ କୁହନା···

ସାହାରାର ଅଳର ଉତ୍ତର ଦେବାକୁ ଯାଇ କହିଲା ସୌମ୍ୟକାନ୍ତ

—ସ୍ନେହ, ପ୍ରେମ ଓ ମମତା ।

—କାହାର ?

—ଖୁବ୍ ଏକ ଠିକ ଝିଅର । ତମରି ଭଳି ଲମ୍ବ ମୁହଁ । ତୀକ୍ଷ୍ଣ ନାକ, ପୋଟଳ ଫାଳ ଭଳି ଲମ୍ବା ଅଥଚ ବଡ଼ ବଡ଼ ଆଖି । ନାତିଦୀର୍ଘ କୁଞ୍ଚ କୁଞ୍ଚ ବାଳ ।

—ସେ କିଏ ?

— ଗୋଟିଏ ଝିଅ ।

—ନାଁଟା ତାର କହିବନି ?

ଉପମା ଆଉ ସାଲଡ଼ର ପ୍ଲେଟ୍ ସୌମ୍ୟକାନ୍ତ ପାଖରେ ରଖି ଉତ୍ତର ଆଶାରେ ଠିଆ ହେଲା ସାହାରା ।

—ଏତେ ଶୀଘ୍ର ନୁହେଁ ।

—କୁହନା···

—ନା ।

—ହଁ !

—ଏତେ ଖୁସି ?

—ନ କହିଲେ···

—ନ କହିଲେ ?

—ମୁଁ ରାଗିଯିବି ଜାଣିଛନା ?

—ନିଶ୍ଚୟ ରାଗ ।

—ବା'ରେ···କାହିଁକି ?

—ରାଗିଲେ ଝିଅମାନେ ସୁନ୍ଦର ଦିଶନ୍ତି ।

—ପୁଅମାନେ ସେଇଥିପାଇଁ ରଗେଇବାକୁ ଚାହାନ୍ତି ସେମାନଙ୍କୁ ?

—ଠିକ୍ ତା ନୁହେଁ । ଝିଅ ରାଗିଲେ ପୁଅମାନଙ୍କୁ ସୁନ୍ଦର ଦିଶନ୍ତି ବୋଲି ଜାଣିଥିବାରୁ ପୁଅମାନଙ୍କର ଖୁବ୍ ଶ୍ରେଷ୍ଠ ଶ୍ରେଷ୍ଠ କଥାରେ ବି ସେମାନେ ରାଗିଯିବାର ଅଭିନୟ କରନ୍ତି ।

ଏଥର ସାହାରା କାନ୍ଦୁ ରାଗିଗଲା ସତରେ । ଆଖିର ଉପକୂଳରେ ବର୍ଷାର ପୂର୍ବାଭାସ । ଅନେକ ବାଦଲର ସମାହାର । ଓଠ ଥରୁଛି । ଲାଲ ହେଇ ଆସିଲାଣି ମୁହଁ ।

—ରାଗିଲ ନା ସତରେ ?

—ଅଭିନୟ କରୁଛି ।

ସାନ୍ତ୍ୱନାର ମୌସୁମୀ ପାଇ ବାଦଲ ରୂପାନ୍ତରିତ ହେଇଗଲା ବର୍ଷାରେ । ରାଗ ରୂପାନ୍ତରିତ ହେଇଗଲା ଅଭିମାନରେ । ଉଠିଗଲା ସାହାରା ସୌମ୍ୟକାନ୍ତ ପାଖରୁ ।

—ସୁନାଭଉଣୀଟା ପରା ! ଇମିତି କ'ଣ କାନ୍ଦନ୍ତି ? ଖେଳଇଦେନ ଆଉ ରାଗିବ କହିଲ ? ଆଉ ଖୁବ୍ ବେଶୀରେ ଦୁଇ ତିନିଟା ଦିନ । ତା'ପରେ ଚାଲିଯିବ କ୍ୱାର୍ଟର୍ସ୍ ପାଇଲେ ।

ନୀରବ ସାହାରା ।

—ଭୁଜ ହବନ ? ଉଠିଲ ତେବେ ?

ଉଠି ପଡ଼ିଲା ସୌମ୍ୟକାନ୍ତ ଟିଫିନ୍ ଟେବୁଲ୍ ରୁ ।

ଫେରି ଆସିଲା ସାହାରା ଲୁହ ପୋଛି ଦେଇ । ହାତଧରି ବସେଇଲା ସୌମ୍ୟକାନ୍ତକୁ ।

—ତମେ ବି ଇମିତି ଅଷ୍ଟ ହେଲଣି ? ଭୁଜ ତାକ ଖାଅ । ମୁଁ କଫି ନେଇ ଆସେ ।

ଉପମାରୁ କାହୁ ପାଟିରେ ପୂରାଇ ପଚାରିଲା ସୌମ୍ୟକାନ୍ତ ।

—ସେଇ ଝିଅଟିର ନାଁ ପଚାରୁଥିଲ ପରା ?

କାହୁ କହିଲା ନାହିଁ ସାହାରା ।

—ତା ନାଁ ମାଳବିକା ।

କ୍ଷୋଭରେ ଦୁଧ ଫୁଟଉ ଫୁଟଉ ସାମାନ୍ୟ ହସିଦେଲା ମାତ୍ର ସାହିରା ସୌମ୍ୟକାନ୍ତର ଗମ୍ଭୀର ମୁହଁକୁ ଚାହିଁ ।

କଟକ-ପାରାଦ୍ୱୀପ ରାସ୍ତାର ଦଣ୍ଡାସାହି ଛକ ପାଖରୁ କନକପୁର ଗଲାବେଳେ ଫର୍ଲଙ୍ଗେ ଦୂରରେ ବାଁ ହାତ ଯେଉଁ ନେଳିଆ ଏକ ମହଲା କୋଠା—ତାର ନାଁ "ଶୈଳଶ୍ରୀ" ।

ଗେଟ୍ ବାହାରେ ଇଂରାଜୀ ଫଳକରେ ଲେଖା—ମହାନ୍ତି ସତ୍ୟେନ୍ଦ୍ର ନାରାୟଣ ।

ଏକଦା ସେଇ ଘରଥିଲା ମୁଖରିତ, ସୁରଭିତ । ସତ୍ୟେନ୍ଦ୍ର ନାରାୟଣଙ୍କର ପିତା ଥିଲେ ଇଂରେଜ ସରକାରଙ୍କର ଏକ ପଦସ୍ଥ ପୋଲିସ୍ କର୍ମଚାରୀ । ସେତେବେଳର ପୋଲିସ୍ କହିଲେ ଶକ୍ତି ଆଉ ସାମର୍ଥ୍ୟର ପ୍ରାଣ କେନ୍ଦ୍ରକୁ ବୁଝଉଥିଲା । ବୁଝଉଥିଲା ସାମ୍ରାଜ୍ୟବାଦୀ ଇଂରେଜ ସରକାରଙ୍କୁ । ସେଇମାନେହିଁ ହୁଏତ ଥିଲେ ଇଂରେଜ ସରକାରଙ୍କର ପ୍ରତ୍ୟକ୍ଷ ପ୍ରତିନିଧି ।

ଏ ଘର ତାଙ୍କର ଅମଳର ।

ସତ୍ୟେନ୍ଦ୍ର ନାରାୟଣ ତାର ସାମାନ୍ୟ ସଂସ୍କାର କରିଛନ୍ତି ମାତ୍ର । ଚାରିପଟେ ପୁରୁଷେ ଲେଖାଁ ଇଟାର ପାଚେରୀ । ଭିତରେ ଜାତି ଜାତିକା ଦେଶୀ ଆଉ ବିଦେଶୀ ଫୁଲ ଗଛର ଭିଡ଼ । ଏତକ ହେଉଛି ସତ୍ୟେନ୍ଦ୍ରଙ୍କ ସମୟରେ । ଆଗରୁ କେବଳ ତାର ବାଉଁର ଘେର ଥିଲା ।

ବାହାର ଆକାଶର ସ୍ତୂପୀକୃତ ମେଘମାଳା ଉପରୁ ଦୃଷ୍ଟି ଫେରାଇଲେ ସତ୍ୟେନ୍ଦ୍ର ନାରାୟଣ ।

ଡ୍ରଇଁରୁମ୍‌ରେ ତାଙ୍କ ସାମନାର ବଡ଼ଛ ତୈଳଚିତ୍ରଟି ମୃଦୁହାସିନୀ ଏକ ଅବଗୁଣ୍ଠନବତୀ ବଧୂର । ସେ ବଧୂ ଶୈଳଶ୍ରୀ । ଜନ୍ମଦାତ୍ରୀ ସୌମ୍ୟକାନ୍ତର । ଜନ୍ମ ଜନ୍ମର ସାଥୀନୀ ହେବାର ଶପଥ ନେଇ ଯିଏ ପାଦ ପକେଇଥିଲ ଶୈଳଶ୍ରୀ ଭବନରେ । ଅଥଚ ବର୍ଷ କେଇଟା ଭିତରେ ହିଁ ଫେରିଗଲ ଚରମ ପ୍ରତାରଣା କରି ।

ସଜଳ ହୋଇ ଉଠିଲା ଆଖି ସତ୍ୟେନ୍ଦ୍ର ନାରାୟଣଙ୍କର । ଯିଏ ଠକି ଦେଇଗଲା ତା ପାଇଁ ଭାବୁଛନ୍ତି ସେ । ଅଥଚ ଯିଏ ଠକି ଶିଖି ନାହିଁ ଏ ଯାଏ ତା କଥା ମୋଟେ ଚିନ୍ତା କରି ପାରୁ ନାହାନ୍ତି । ନିଜ ରକ୍ତର ସୃଜନ । ନିଜ ଅନୁଭୂତିର ଦ୍ୱିତୀୟ ସଂସ୍କରଣ । ସୁଦୂର ବାରିପଦାର କେଉଁ ଉପାନ୍ତର ଅସ୍ଥାୟୀ ଅଧିବାସୀ ସୌମ୍ୟକାନ୍ତ । ଠିକ୍ ଶୈଳଶ୍ରୀଙ୍କ ଭଳି ମୁହଁ । ସେଇ ଓଠ । ସେଇ ହସ । ଆଉ ସତ୍ୟେନ୍ଦ୍ରଙ୍କର ପୌରୁଷ ନେଇ ଗଠିତ । ପରଲୋକଗତା ଶୈଳଶ୍ରୀଙ୍କର ସଜୀବ ତୈଳଚିତ୍ର । ନକଲ ଅବିକଳ । ସ୍ମୃତିର ସନ୍ତକ ।

ନିର୍ଜୀବ ଏଇ ତୈଳଚିତ୍ରଟାକୁ ଦେଖିଲେ ଅତୀତର ସ୍ମୃତିଚର ବେଳାଭୂମିର ଯେକୌଣସି ଅଞ୍ଚଳକୁ ଫେରି ଯାଇ ହୁଏ ନାହିଁ ସୌମ୍ୟକାନ୍ତକୁ ଥରେ ମାତ୍ର ଦେଖିନେଲେ ସମଗ୍ର ସ୍ମୃତିର ସାଗର ବେଳାରେ ବିଚରଣ କରିବାର ଇଚ୍ଛା ପ୍ରବଳତର ହୁଏ । କେବଳ ମାତ୍ର ସେଇଥିପାଇଁ ନିଷ୍ଠୁର-ତାର ମିଛ ଆବରଣ ତଳେ ସେ ଦୂରେଇ ରଖିଛନ୍ତି ନିଜକୁ ସୌମ୍ୟକାନ୍ତ ନିକଟରୁ ।

ଦୀର୍ଘଶ୍ୱାସ ଛାଡ଼ିଲେ ସତ୍ୟେନ୍ଦ୍ର ନାରାୟଣ ।

ଶୈଳଶ୍ରୀ ଭବନରେ ଶେଷ ସୂର୍ଯ୍ୟଙ୍କର ନିଷ୍ପ୍ରଭ କିରଣ ଧର୍ମଘଟ ଆରମ୍ଭ କରିଛନ୍ତି । ସରକାର ଏବେ ଆନନ୍ଦର ସହିତ ସ୍ଥିର କରି ସାରିଲେଣି ପଞ୍ଚାବନ ବର୍ଷ ବୟସରେ ସରକାରୀ କର୍ମଚାରୀମାନେ ବାଧ୍ୟତା-ମୂଳକ ଭାବେ ଅବସର ନେବେ । ଆଉ ମାତ୍ର ମାସ କେଇଟା । ସାମାନ୍ୟ ଅସ୍ୱସ୍ତି ଅନୁଭବ କରିବାରୁ ଚାଲିଆସିଛନ୍ତି ସେ କୋରାପୁଟରୁ ସାମୟିକ

ଛୁଟିନେଇ । ସେଠି କାର୍ଯ୍ୟରେ ଯୋଗ ଦେଲାପରେ ପ୍ରିପାରେଟେରୀ ଲିଭ ନେଇ ଚାଲି ଆସିବେ ।

ତାପରେ ଆରମ୍ଭ ହେବ ଶୀତଳତର ଜୀବନ ।

ଏକାକୀ ।

ଏକାବେଳକେ ଏକାକୀ ହୋଇ ରହିବେ ସେ ।

ନିର୍ଜନତାକୁ ଭାରି ଭୟ ସତ୍ୟେନ୍ଦ୍ରଙ୍କର । ଏଇ ଘରେ ଲୋକବାକଙ୍କର ଯେଉଁ ଗହଳି ଥିଲା ଏକଦା ଏବେବି ମନେ ପକେଇ ପାରନ୍ତି ସତ୍ୟେନ୍ଦ୍ର ନାରାୟଣ । ବେତନଭୋଗୀ ଚାକରଙ୍କ ଅପେକ୍ଷା ଅବୈତନିକମାନଙ୍କର ସଂଖ୍ୟା ହିଁ ଥିଲା ଅଧିକ ହୁଏତ । ସତ୍ୟେନ୍ଦ୍ର ଗଣନ୍ତି ସକାଳୁ ଓ୍ୱାନ୍, ଟୁ, ଥ୍ରୀ, ଫୋର । ସେ ଅନେକ ପିଲାବେଳର କଥା । ମାଟିଘରର ଚାଳରେ ପ୍ରାଥମିକ ଶିକ୍ଷକ ପିଲାଙ୍କୁ ଗଣି ଶିଖେଇଲା ଭଳି ବାପା ଶିଖଉଥିଲେ ତାଙ୍କୁ ଇଂରେଜୀ ଗଣା । ଇଂରେଜୀ ପାଠ—ସିଏ ଜଣେ ମୋଟା ଲୋକ—ହି ଇଜ୍ ଏ ଫ୍ୟାଟ୍ ମ୍ୟାନ୍ ।

ସେଦିନର ସେଇ ମୋଟା ଜଗୁଆଳି ଆଜି ନାହିଁ କିନ୍ତୁ ପାରମ୍ପରିକ ସୂତ୍ରରେ ତା ଦାୟିତ୍ୱ ସେ ଦେଇ ଯାଇଛି ତାର ମୋଟା ପୁଅ ଉପରେ । ଅଥଚ ରାଘବେନ୍ଦ୍ର ନାରାୟଣଙ୍କର ପୁଅ ହୋଇ ତାଙ୍କର ଦୃଢ଼ତା, ତାଙ୍କର ଦାମ୍ଭିକତା କିଛି ନାହିଁ ସତ୍ୟେନ୍ଦ୍ରଙ୍କର ପାଖରେ । ସାମାନ୍ୟ ନିର୍ଜନତାର ଭୟରେ ବିଚଳିତ ହୋଇ ଉଠୁଛନ୍ତି ସେ ।

ସଜାଡ଼ି ହୋଇ ବସିଲେ ସତ୍ୟେନ୍ଦ୍ର ନାରାୟଣ ସୋଫା ଉପରେ । ଶୈଳଶ୍ରୀଙ୍କ ଅପେକ୍ଷା ତାଙ୍କର ଅଧିକ ମନେ ପଡ଼ୁଥିଲା ସୌମ୍ୟକାନ୍ତର କଥା । ନିର୍ବାସିତର ଜୀବନ ସିଏ ଯାପନ କରୁଥିଲା, ଅନେକ ଅନେକ ଦୂରରେ । ଦୀର୍ଘ ଚାରିବର୍ଷ ହେଲାଣି ଆଉ ଦେଖା ହେଇନାହିଁ ତାଙ୍କର ସୌମ୍ୟକାନ୍ତ ସହ । ନିଜର ହୃଦୟକୁ ଖିନ୍‌ଭିନ୍ କରି ନିଜେ ଦେଖିବାକୁ ଇଚ୍ଛା କରୁଥିଲେ ସତ୍ୟେନ୍ଦ୍ର ନାରାୟଣ । ଏତେ କୋମଳ ହୃଦୟ ଥାଇ ସୁଦ୍ଧା

ନିଜ ସ୍ମୃତିର ସନ୍ତକ ପ୍ରତି ଏତେ ନିଷ୍ଠୁର ସେ ହୋଇ ପାରୁଛନ୍ତି କିମିତି ? ନିଜ ଉପରେ ତାଙ୍କର ଯିମିତି ବିଶ୍ୱାସ ଆସୁ ନଥିଲା ।

ଆଃ ଶୈଳି ! ତମେ ମତେ ଏତେ କାତର କରିଦେଇ ଗଲ ?

କମାଟବନ୍ଧା ଆକାଶର ଆସନ୍ନ ଅନ୍ଧକାର ଭିତରେ ଯେତେ ଦୂରକୁ ଦୃଷ୍ଟି ଯାଇପାରେ ଚାହିଁବାକୁ ଚେଷ୍ଟା କରୁଥିଲେ ସତ୍ୟେନ୍ଦ୍ର ନାରାୟଣ । ତାଙ୍କର ମନେ ହେଉଥିଲା ସତେ ଯେମିତି ଅବଗୁଣ୍ଠନବତୀ ଏକ ଛାୟାମୂର୍ତ୍ତି ଅତି ଅସ୍ଥିର ପଦକ୍ଷେପରେ ଓହ୍ଲେଇ ଆସୁଥିଲା ଆକାଶର ସେଇ ନିବୁଜ ଅନ୍ଧକାରକୁ ଭାଗ ଭାଗ କରି ।

ଛାୟାମୂର୍ତ୍ତି ଅଟକିଗଲା ଅଧବାଟରେ ।

ସତ୍ୟେନ୍ଦ୍ରଙ୍କ ପ୍ରତି ହସ୍ତତୋଳି ପ୍ରଶ୍ନକଲା ସେ—ସତ କହିଲ, ମୋ ସ୍ମୃତିକୁ ତମେ କ'ଣ ଏତେ ଭୟକର ସତରେ ? ମୋର ସ୍ମୃତିର ସନ୍ତକକୁ ତମେ କ'ଣ ଦୂରେଇ ରଖିଛ କେବଳ ମୋ ସ୍ମୃତିର ଭୟରେ ??

ମନହେଲା ସତ୍ୟେନ୍ଦ୍ରଙ୍କର ସେ କହିବେ ଚିତ୍କାର କରି—ହଁ ତମେ ଠିକ୍ ବୁଝିଛ । ତମେ ଗଲାପରେ ମୁଁ ଏକାନ୍ତଭାବେ ହେଇଛି ନିଃସହାୟ । ସେଇ ନିଃସହାୟତାରୁ ରକ୍ଷା ପାଇବା ପାଇଁ ମୁଁ ସମସ୍ତଙ୍କଠାରୁ ଦୂରେଇ ରହୁଛି । ମୁଁ ଡରୁଛି ଏବେ ସମସ୍ତଙ୍କୁ । ସୌମ୍ୟକାନ୍ତକୁ ପାଖକୁ ଆଣିଲେ ମୁଁ ହୁଏତ ଆହୁରି ଦୁର୍ବଳ ହେଇ ପଡ଼ିବି । ହେବି ଆହୁରି ନିଃସହାୟ ।

ଅଟ୍ଟହାସ କଲା ଯିମିତି ଛାୟାମୂର୍ତ୍ତି । —ତମେ ଏଇ କଥା କହି ହୁଏତ ସମସ୍ତଙ୍କୁ ଠକିଦେବ । କିନ୍ତୁ ମତେ ନୁହେଁ । ମୁଁ ଆସିଲା ଦିନୁ ସବୁବେଳେ ନଜର ରଖି ଆସିଛି ତୁମ ଉପରେ । ପ୍ରବଳ ପ୍ରତାପୀ ରାଘବେନ୍ଦ୍ର ନାରାୟଣଙ୍କର ତମେ ସୁଯୋଗ୍ୟ ଦାୟାଦ ପରା ! ତାଙ୍କର ବିକ୍ରମ କ'ଣ ମିଶିନାହିଁ ରକ୍ତରେ ତମର ?

ସ୍ତମ୍ଭୀଭୂତ ହେଲେ ସତ୍ୟେନ୍ଦ୍ର ନାରାୟଣ—

—ତମେ ଏ କି ଅଭିଯୋଗ ବାଢ଼ୁଛ ଶୈଳଶ୍ରୀ !

ତାଙ୍କର ମନେ ହେଉଥିଲା ଶୈଳଶ୍ରୀଙ୍କର ସ୍ବପ୍ନମୂର୍ତ୍ତି କ୍ରମେ ସ୍ପଷ୍ଟତ
ହେଲା । କ୍ରମଶଃ ହେଲା ନିକଟତର । ଏଇ ଦରଜାରେ ଆଘାତ କରୁଛ
ପଶି ଆସିଲା କି ସେ ପ୍ରତିମୂର୍ତ୍ତି ଏଇ ରୁମ୍ ଭିତରକୁ । ସତ୍ୟେନ୍ଦ୍ରଙ୍କୁ ଝୁଙ୍କେ
ଦେଇ ପୁଣି ପ୍ରଶ୍ନକଲା ଯିମିତି···

—କ'ଣ ଉତ୍ତର ଦେଲ ନାହିଁ ଯେ ! କୁହ—ଜବାବ ଦିଅ ମ
ପ୍ରଶ୍ନର—

ତାପରେ ନିଃଶବ୍ଦତାର ତରଙ୍ଗ ଖେଳାଇ ବାହୁଡ଼ିଗଲା ସେ ନ
ପଥରେ ।

ନିଜ କପାଳ ଉପରେ ହାତ ବୁଲେଇ ଆଣିଲେ ସତ୍ୟେନ
ନାରାୟଣ । ଡିସେମ୍ବରର ପଡ଼ୁଥିବା ଶୀତରେ ବି ବିନ୍ଦୁ ବିନ୍ଦୁ ଝାଳ କ
ଆସିଛି ମୁଣ୍ଡରେ ତାଙ୍କର ।

ବାରିପଦା ।

ଆଧୁନିକତମ ନହେଲେ ବି ସୁନ୍ଦର, ସୁରୁଚିପୂର୍ଣ୍ଣ ଏକ ସହର
ବାଲେଶ୍ୱର ସହରରୁ ମାପିଗଲା ପରି ଦୂରତା ଅଣଷଠି କିଲୋ ମିଟର ।

ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜ ଏକମାତ୍ର କଲେଜ ବାରିପଦାର
ସେଇ କଲେଜର ସ୍ନାତକ ଶ୍ରେଣୀର ଛାତ୍ର ସୌମ୍ୟକାନ୍ତ ! ଅମ୍ବିକା ମନ୍ଦିର
ସାମାନ୍ୟ ଦକ୍ଷିଣକୁ ଯେଉଁ ଏକକୋଠରି ବିଶିଷ୍ଟ ଏକ ମହଲା କୋଠା, ସେ
ତାର ବସା । ବାହାରେ ଆଡ଼ମ୍ବର ନାହିଁ । ସାଜସଜ୍ଜା ନାହିଁ ଭିତରେ
ସୌମ୍ୟକାନ୍ତ କିନ୍ତୁ ଜାଣେ ଦିନେ ପୂର୍ଣ୍ଣଥିଲା ଏଘର ସାଜସଜ୍ଜାରେ
ବାହାରେ ଥିଲା ଫୁଟିଲା ଫୁଲର ମଉଛବ । ସୌନ୍ଦର୍ଯ୍ୟର ଅତୁଳ ବିଭବ

ଅତୀତ ଆଉ ବର୍ତ୍ତମାନ ଭିତରେ ଏଇମାତ୍ର ଫରକ । ତଫାତ୍
ଦିନ ଓ ଏଦିନ ଭିତରେ ।

ବାରପଦାର ଭାରି ଭାରି ଖୁଣ୍ଟ ଉପରେ ପାଦ ପକାଉଥିଲା
ମ୍ୟକାନ୍ତ ସେଦିନ ଅନେକ ଦର୍ପରେ । କୌଣସି ଏକ ନିର୍ଦ୍ଦିଷ୍ଟ ବୟସର
ସିଢି ଇଲାକାରେ ପାଦ ଦେଲେ ଚାଲିବାର ରଙ୍ଗ ବଦଳି ଯାଏ । ବଦଳେ
ହିଁବାର ଢଙ୍ଗ ।

ପୂର୍ବାହ୍ନର ଦଣ ।

କିଛି ଖାତା ବହି ଛାତିରେ ନିବିଡ଼ ଭାବେ ଚାପି ଦଳ ଦଳ
ଅଙ୍କର ଯାତ୍ରା ଆରମ୍ଭ ହୁଏ । ଯାତ୍ରା ସ୍କୁଲ ଆଉ କଲେଜର । ଅସଂଖ୍ୟ
ଲ । ଅସଂଖ୍ୟ ପ୍ରଜାପତି । କେହି ସେମାନଙ୍କୁ ଦେଖୁଛି କି ନା ଜିଜ୍ଞାସୁର
ଷ୍ଟି । ସଜାଗ ଶ୍ରବଣେନ୍ଦ୍ରିୟ — କେହି କାଲେ କହିଲା କି କିଛି ! ଚୁପି ଚୁପି
ନଭର ସେମାନଙ୍କୁ ଆଖିରୁ ଅଦୃଶ୍ୟ ହେଲାଯାଏ ଦେଖିନବାରେ
ମ୍ୟକାନ୍ତର ଅନେକ ଲୋଭ ।

ଇମିତି ଦେଖିବା ଭିତରେ ସୌମ୍ୟକାନ୍ତ ଦିନେ ଆବିଷ୍କାର କରି-
ଲା ତା ମନର ପ୍ରଜାପତି । (ଦଳେ ଝିଅଙ୍କୁ ଦେଖିଲେ, ସେମାନଙ୍କ ଭିତରେ
ଏ ସୁନ୍ଦର ଅନୁମାନ କରିବାର ଆକାଂକ୍ଷା ସମସ୍ତଙ୍କର ହୁଏ) ଲମ୍ବା,
ତଳା । ଚିକ୍କଣ ଭଳି ଦେହରେ ଚମ୍ପା ଫୁଲର ରଙ୍ଗ । ଗୋଛାଏ ଖାତା
ଉ ବହି ଭିତରେ ଛାତିକୁ ଲୁଚେଇବାର ଚେଷ୍ଟା କରି କରି ଆସୁଥିଲା ।
ଲିରେ ବନହରିଣୀର ଛନ୍ଦ । ଆଖିରେ ମଧୁମତ୍ତର ଗତି । ପଣତରେ
ାର ପାରିଜାତର ଗନ୍ଧ ।

ଝରକା ଫାଙ୍କରୁ ଦେଖୁ ଦେଖୁ ଦିନେ ଧରା ପଡ଼ିଗଲା ସୌମ୍ୟକାନ୍ତ ।
ଅଟି ଆବିଷ୍କାର କରି ନେଇଥିଲା ତାକୁ ।

ତାପରେ ସବୁଦିନ ଇମିତି ତାକୁ ଅପେକ୍ଷା କରିବାରେ ଆଗ୍ରହୀ
ହୋଇଗଲା ସୌମ୍ୟକାନ୍ତ । ସେଇ ଛନ୍ଦ ଚାଲିରେ । ତାର କବରୀରେ ଅମା-
ାସ୍ୟାର ଅନ୍ଧକାର । ହସରେ ଆଲୋକ ଜୁଆର ।

ସେ ଏକ ଟିକି ଝିଅ ।
ଲମ୍ବ ମୁହଁ, ଲମ୍ବା ନାକ ।
ତା ଓଠରେ ହସର ସ୍ତବକ ।

ସୌମ୍ୟକାନ୍ତ ତାକୁ ଦେଖେ । ସେ ଦେଖେ ସୌମ୍ୟକାନ୍ତକୁ । ଦିନେ ସ୍କୁଲ ଯାଉ ଯାଉ ସେଇ ଝିଅଟି ପଶି ଆସିଲା ସୌମ୍ୟକାନ୍ତର ବଗିଚା ଭିତରକୁ ।

ଥରଗଲା ସୌମ୍ୟକାନ୍ତର ଗାତ୍ର—

କାଳେ କିଛି ପଚ୍ଛରିଦବ କି ? ଝରକାରୁ ଇମିତି ସବୁଦିନ ତାକୁ ଦେଖିବା ତାର ହୁଏତ ଅନ୍ୟାୟ ହୋଇଛି । ପର ମୁହୂର୍ତ୍ତରେ କିନ୍ତୁ ଦମ୍ଭ ଆସିଗଲା ମନରେ । ଲକ୍ଷ ଲକ୍ଷ ପୁଅ ଇମିତି ହଜାର ହଜାର ସ୍କୁଲ କଲେଜ ଝିଅଙ୍କୁ ନିତି ନିର୍ଲଜ ନିଃସହାୟ ଅବସ୍ଥାରେ ଚାହିଁ ରହନ୍ତି । ଆଉ ସେ ଘରର ଝରକା ଫାଙ୍କରୁ କାହାରିକୁ କିଛି ସମୟ ଚାହିଁ ଦବାରେ ଦୋଷ କ'ଣ ?··· ତାପରେ ସେ ଯେ ତାକୁ ଅନେଉଥିଲା ତାର ପ୍ରମାଣ କାହିଁ ?

ସଦର୍ପେ ଘର ଭିତରୁ ବାହାରି ପଡ଼ି ବାରଣ୍ଡା ଉପରେ ପ୍ରଶ୍ନିଳ ଭଙ୍ଗୀରେ ଠିଆ ହୋଇଗଲା ସେ । ଦୁ' ହାତ ଫୁଲ୍ ପ୍ୟାଣ୍ଟର ଦୁଇ ପକେଟରେ ରଖି ଦମ୍ଭର ସହିତ ଚାହିଁ ରହିଲା ଝିଅଟି ଆଡ଼େ ।

ସେ ବୋଧହୁଏ କିଛି କହିବ ।

ଥର ଥର ଉଠୁଛି ଓଠ । ପ୍ରଥମ ଥର ପାଇଁ ପରୀକ୍ଷା ଦଉଥିବା ପିଲା ପରୀକ୍ଷକଙ୍କୁ ସାମନାରେ ଦେଖିଲେ ଯିମିତି କୌଣସି ପ୍ରଶ୍ନର ପ୍ରସ୍ତୁତ ଉତ୍ତର ଭୁଲିଯାଏ ଝିଅଟି ସିମିତି ଏକାବେଳେକେ ନୀରବ ହୋଇଗଲା ସୌମ୍ୟକାନ୍ତର ବୀର ମୂର୍ତ୍ତି ଦେଖି ।

—କ'ଣ ?

ଏତିକି ମାତ୍ର ପ୍ରଶ୍ନ କରି ପାରିଲା ସୌମ୍ୟକାନ୍ତ ।

ଝିଅଟିର ଓଠ ଖୋଲିଲା ଏଥର—

—ଏଠା ଫୁଲ ନଅନ୍ତୁ ।···ଆମ ଆଦର ଏଦ ବଦଳି ହୋଇ ଯାଉଛନ୍ତି—ତାଙ୍କ ବିଦାୟ ସମ୍ବର୍ଦ୍ଧନା ପାଇଁ ଦରକାର······

—ଓ ଫୁଲ···ସଂବତ୍ ଯିମିତି ଫେର ପାଇଲା ସୌମ୍ୟକାନ୍ତ—ନଅ ନଅ, ଅନେକ ଫୁଲ ଏଠି ଫୁଟିଛି ।

ଫୁଲ ତୋଳବାପାଇଁ ହାତ ବଢ଼େଇଲା ଝିଅଟି । ତଳକୁ ଓହ୍ଲେଇ-ଗଲା ସୌମ୍ୟକାନ୍ତ ।

—କନ୍ତୁ ତମ ନାଁ ନ କହଲେ ଫୁଲ ତୋଳବାକୁ ଅନୁମତ ଦେବନ ।

ତେମ୍ପରୁ ଗୋଲାପଟିଏ ତୋଳବାପାଇଁ ବଢ଼େଇ ଥିବା ହାତ ଝିଅଟିର ଫେର ଆସିଲା ।

—ଆଚ୍ଛା ତୋଳ ତୋଳ—ଅଭୟ ଦେଲା ସୌମ୍ୟକାନ୍ତ ।

ଅତ ଯତ୍ନରେ ଗୋଟି ଗୋଟି ଫୁଲ ତୋଳ 'ବ୍ରାଇଟ୍'ର ଲଭ୍-ମ୍ୟାରେଜ ବ୍ୟାଗରେ ଭର୍ତ୍ତି କଲା ସେ ।

ସୌମ୍ୟକାନ୍ତ ଖାଲି ଦେଖିଥିଲା ତାକୁ । ଏତେ ନିକଟରୁ ତାକୁ ଦେଖିବା ତାର ଏଇ ପ୍ରଥମ । ସରୁ ସରୁ ହାତ ଦିଓଟି ଫୁଲ ତୋଳିବାରେ ବ୍ୟସ୍ତ । ସିଏ ବି ଗୋଟାଏ ଫୁଲର ଗଛ ଯିମିତି । ଭଅଁରଟାଏ ଏତିକି-ବେଳେ ଆସିଲେ ତାକୁ ଅସ୍ତ ବ୍ୟସ୍ତ କରି ପକାନ୍ତା ହୁଏତ ।

ଫୁଲ ତୋଳା ବୋଧହୁଏ ସରିଗଲା ତା'ର ।

ତଳୁ ବହି ଆଉ ଫୁଲର ବ୍ୟାଗ୍ ଗୋଟେଇ ଠିଆ ହେଲା ସେ ।

—କ'ଣ ଫୁଲ ତୋଳା ସରିଗଲା ତମର ?

ସାମାନ୍ୟ ହସି ଦେଇ ସମ୍ମତିରେ ମୁଣ୍ଡ ହଲେଇଲା ଝିଅଟି ।

—ତମ ନାଁଟା ଆଉ କହିଲ ନାହିଁ ତ ?

—ମାଳ···ମାଳବିକା ।

ତାପରେ ଦୌଡ଼ ପଳେଇଲା ମାଳବିକା ।

ସେଦିନ ମାଳବିକା ଥିଲା । ଜୁଆର ଥିଲା ଯାବତ ଫୁଲର । ଆଜି ମାଳବିକା ନାହିଁ । ଖାଲି କଥା ଅଛି । ଅଛି ସ୍ମୃତି । ସେଦିନର ସେ ଫୁଲର ମଉଛବ ନାହିଁ ।

ଖାଲି ସୌମ୍ୟକାନ୍ତ ଅଛି ।

ଅଛି ବାରିପଦା ।

ତା ପର ଦିନ ଆସିଲା ମାଳବିକା ।

କିନ୍ତୁ ଫୁଲ ନବାକୁ ନୁହେଁ । କେଉଁଠା ବିଷୟ ବୁଝିବାକୁ । କୌଣସି ଜନନାୟକଙ୍କ ତିରୋଧାନ ହେତୁ ଛୁଟି ଥାଏ ସେଦିନ । ସାମନାର ବଦଳିଆ ପିଚୁରାସ୍ତା ଉପରେ ଆଉ ସମୟର ଫୁଲ ଫୁଟିବ ନାହିଁ ।

ମାସିକ ପତ୍ରିକାଟିଏ ଉପରେ ଆଖି ବୁଲଉଥିଲା ସୌମ୍ୟକାନ୍ତ ।
ବାହାରେ ପାଦ ଶବ୍ଦ ହେଲା ।
ଆଘାତ ହେଲା ଦରଜାରେ । ମୃଦୁ ମନ୍ଥର ଆଘାତ ।
—ଆସ—
ଥମିଗଲା ସୌମ୍ୟକାନ୍ତ ।
ପାଦରେ ପାରିଜାତର ଛନ୍ଦ ଛୁଟାଇ ଆସିଲା ମାଳବିକା ।
—ବସିବ ନାହିଁ ?

ଇତସ୍ତତଃ ହୋଇ ଗୋଟିଏ ଚୂଲଉପରେ ବସିପଡ଼ି ଆଣ୍ଠୁ ତଳକୁ ଫ୍ରକ୍ ଟାଣି ନବାର ଅପଚେଷ୍ଟା କଲା ମାଳବିକା ।

—କ'ଣ ଫୁଲ ନେବ ?

—ନା—

—ଆଉ କେଉଁ ଦ୍ରବ୍ୟ ବଦଳ ଯାଉ ନାହାନ୍ତି ?

କହିବାର ଇଚ୍ଛାଥାଇ ବି କିଛି କହି ପାରିଲା ନାହିଁ ମାଳ ହୁଏତ । ସୌମ୍ୟକାନ୍ତର ହସିଲା ମୁହଁକୁ ଚାହିଁ ଆଖି ତଳକୁ କରିନେଲା ।

—କିଛି କହିବ ନାହିଁ ?—

ମାରବରେ **Non detail** ବହିଟିଏ ବାଢ଼େଇଦେଲା ମାଳବିକା ।

—କିଛି ବୁଝିବ ?

ମୁଣ୍ଡ ହଲାଇ ସମ୍ମତି ସୂଚେଇଲା ମାଳ ।

—ଇଂରାଜୀ ତମର ଭଲ ହୁଏ ନାହିଁ ?

ଲାଜେଇ ଗଲା ମାଳ । ମୁଣ୍ଡ ତଳକୁ କଲା ।

ନିଜର ଦୁର୍ବଳତା ଅନ୍ୟ କାହା ପାଖରେ ଧରା ପଡ଼ିଗଲେ ଅପ୍ରସ୍ତୁତତାର ଇମିତି ଅନେକ ଜୁଆର ମାଡ଼ି ଆସେ ।

ତା'ପରେ ଅତିରିକ୍ତ ବହିର ଗୋଟିଏ ଅନୁଚ୍ଛେଦ ହୁଏତ ବୁଝେଇ ଥିଲା ସେଦିନ ସୌମ୍ୟକାନ୍ତ ।

ଗଲାବେଳେ ନିମନ୍ତ୍ରଣ କରିଥିଲା ମାଳବିକା—

—କାଲି ମୋର ଜନ୍ମ ଦିନ······

—'ତେର ପୂରି ଚଉଦ ଚାଲିବ ?'—

ମାଳବିକାର ଗଣ୍ଡରେ ରକ୍ତ ପଳାଶର ରଙ୍ଗ । ସେ ରଙ୍ଗ ମିଳେଇଗଲା ପରେ ଶୁଣିଲା ସୌମ୍ୟକାନ୍ତ—

—କାଲି ଆଠଟା ବେଳେ ନିଶ୍ଚୟ ଆସିବେ । ହେଇ ବାଁ ପଟ ଲାଇଟ୍ ପୋଷ୍ଟ ପାଖରେ ସେଇ ଯେଉଁ ଏକ ମହଲା ନେଳିଆ ପକ୍କା— ସେଇ ଆମ ଘର । ଆସିବେତ ? ଶୁଣ ଅଛି···

ଆଃ—ସେଦିନ ଆଜ ସପନର କଥା ।

ଦିନ ଯାଏ; ମନ ହଜିଯାଏ ।

ରହେ ଖାଲି ହଜି ଯାଇଥିବାର ସଙ୍କେତ । ବର୍ତ୍ତମାନ ଆଉ ଅତୀତ । ଅନ୍ଧକାର ଏବଂ ଆଲୋକ ।

ଆସିଛି ଅନ୍ଧକାର । ବ୍ୟାପି ଯିବ ପୁର ପଲ୍ଲୀ ସହର ସହର । ଫୁଟିବ ରାତିର ରଜନୀଗନ୍ଧା । ମନ ହେଉଥିଲା ସୌମ୍ୟକାନ୍ତର ଲାଇଟ୍ ଜଳାଇ ସେ ଅନ୍ଧକାର ଦୂର କରିଦେବ । କିନ୍ତୁ ଆଲୋକିତ ବାସ୍ତବତା ଅପେକ୍ଷା କାଳ୍ପନିକ ଅନ୍ଧକାର ତାର କାମ୍ୟ । ସେଇ ନିବିଡ଼ ନିବୁଜ ଅନ୍ଧକାର ଭିତରେ ସହଜ ଭାବରେ କିଛି ଭାବି ଯିବାକୁ ଭାରି ଇଚ୍ଛା ହେଉଥିଲା ତା'ର ।

ସାହାବି ଚାଲି ଯାଇଛି ତା କ୍ୱାର୍ଟରକୁ । ତାର ନୀରବ ନିର୍ଜନ ଆଶ୍ରୟ ସ୍ଥଳୀକୁ କେଇଟି ଦିନ ପାଇଁ କୋଳାହଳ ମୁଖରିତ କରିବା ପାଇଁ ସେ ଆସିଥିଲା ଯିମିତି । ସୌମ୍ୟକାନ୍ତ ବର୍ତ୍ତମାନ ଏକା ।

ଏକାନ୍ତ ନିଃସଙ୍ଗ ।

ସେ ନିଃସଙ୍ଗତାରୁ ରକ୍ଷା ପାଇବା ପାଇଁ ଏକ ମାତ୍ର ସ୍ଥାନ—'ସ୍ନେହ ସଦନ' ।

ବାରଣ୍ଡାକୁ ପାଦ ବଢ଼ାଇଲା ସୌମ୍ୟକାନ୍ତ ।

ବାହାରର ଅନେକ ଅନ୍ଧାର ଯାଇ ତା ରୁମରେ ଆତ୍ମଗୋପନ କରିଛନ୍ତି । ବାହାରେ ତେଣୁ ସେମାନଙ୍କର ସଂଖ୍ୟା ପତଳା ହୋଇ ଯାଇଛି । ଆଜି ମାଳବିକା ଇମିତି ସେ ରୁମ୍‌ରୁ ପଦାକୁ ପାଦ ବଢ଼ାଇଥିଲେ ଅନ୍ଧାର ହୁଏତ ଅପସରି ଯାଇଥାନ୍ତା ଏକାବେଳକେ ।

ମାଳବିକା—ନାମ ଏକ ନୀହାରିକାର ।

ନୀହାରିକା—

ଆକାଶର ଉଜ୍ଜ୍ୱଳ ଝଲକା ।



ଘୋଡ଼ାମାର୍କା ପିଲା କୋଉଠି ନାହାନ୍ତି ?

ଶୀତ ସକାଳର ସେ ନମ୍ରଡ଼ମ୍ବର ସୂର୍ଯ୍ୟାଲୋକର କିଛିଟା ଅଂଶ ବେଶ୍ ଆଡ଼୍ଡା ଜମେଇଥିଲା ଶୈଳଶ୍ରୀ ଭବନରେ । ସାମନା ବଗିଚାର ଏକ ନିଭୃତ ଅଂଶରେ ବସିଥିଲେ ସତ୍ୟେନ୍ଦ୍ର ନାରାୟଣ । ଦୃଷ୍ଟି ତାଙ୍କର ଜମିଥିଲା ଜାତି ଜାତିକା ଫୁଲର ବର୍ଷିମୂସୀ ଗଛ ଉପରେ । ବିଭିନ୍ନ ସମୟରେ ଏ ଗୁଡ଼ିକର ଚାରା ରୋପଣ କରିଥିଲେ ସେ ।

ସେ ଚାରା ଆଜି ଗଛ ହୋଇଛି । କେତେକରେ ରଙ୍ଗ ବେରଙ୍ଗୀ ଫୁଲର ସମ୍ଭାର । ପାଚେରୀ କଡ଼ର ତାଳଗଛ ଉପରେ ବସା ବୋହଲୁଛି ବାୟା ଚଢ଼େଇର । ମା' ଚଢେଇ ଏଇ ବୋଧେ ବାହାରି ଗଲା ଖାଦ୍ୟ ଅନ୍ୱେଷଣରେ । ଭିତରେ ପକ୍ଷୀ ଶାବକଙ୍କର ଅବୁଝା କ୍ରନ୍ଦନ ସ୍ୱର ।

ପାଚେରୀ ସେପଟେ ଧୂଳି ଧୂସରିତ ପିଲାଟିଏ ଧାଇଁବାର ଅଭ୍ୟାସ କରୁଛି । ତାକୁ ଧରିବାପାଇଁ ଅନୁଗମନ କରୁଥିବା ଯୁବକ ହୁଏତ ତା' ଜନକ ।

—ବାବୁ !

ଧ୍ୟାନ ଭାଙ୍ଗିଗଲା ସତ୍ୟେନ୍ଦ୍ରଙ୍କର ।

ପ୍ରାତଃ ଭୋଜନର ବ୍ୟବସ୍ଥା କରୁଥିଲା ପୁଷ୍ପାଶ୍ରୀ ।

—କ'ଣ କହିବ ?

—ଟିକିଏ ଗାଁକୁ ଯାଆନ୍ତୁ ବାବୁ । ପୁଅ ଦେହ ଭଲନାହିଁ । ଟିକିଏ ଦେଖିନେଇ ଉପରଓଳା ଚାଲି ଆସନ୍ତୁ ।

—ପୁଅ ଦେହ ଭଲ ନାହିଁ ?

—ତା ମା'ଖବର ପଠେଇଛି । ଖାଲି ଟିକିଏ ଦେଖି ଦେଇ ଚାଲି ଆସନ୍ତୁ ।

ପୁଷ୍ପାଶ୍ରୀ କଣ୍ଠରେ ଅନେକ ମିନତି ।

ତା ମା'ଖବର ପଠେଇଛି । ପୁଅ ଦେହ ଭଲନାହିଁ । କିନ୍ତୁ ତାଙ୍କୁ କିଏ ଖବର ଦବ ସୌମ୍ୟକାନ୍ତର ଦେହ ସବୁଦିନେ ଭଲରହେ କି'ନା ?

—ବାବୁ...

ପ୍ରକୃତିସ୍ଥ ହେଲେ ସତ୍ୟେନ୍ଦ୍ର ନାରାୟଣ । ଅନୁମତି ଦେଲେ ପୁଷ୍ପାରାଙ୍କୁ ।

ତାଙ୍କ ମନରେ କିନ୍ତୁ ଭାସି ଉଠୁଥିଲା ସୌମ୍ୟକାନ୍ତର କଥା ।

ସୌମ୍ୟକାନ୍ତ । ସେ ହୁଏତ ବୁଝେ କି ନା ପିତାପୁତ୍ରର ସଂପର୍କ । ଏତିକ ବୁଝିବାର ସୁଯୋଗ ବି ସେ ତାକୁ ଦେଇ ନାହାନ୍ତି । ସେ ଚାହୁଁଥିଲେ ସୌମ୍ୟକାନ୍ତକୁ ରୁକ୍ଷ ନିଷ୍ଠୁର ହେବାପାଇଁ । ତାଙ୍କ ପିତା ରାଘବେନ୍ଦ୍ରଙ୍କ ଭଳି କଠୋର କରି ଗଢ଼ି ତୋଳିବା ପାଇଁ । ଚାହୁଁଥିଲେ ସେ ସୌମ୍ୟକାନ୍ତର ଫୁଟିଲା ଜୀବନରେ ରଜନୀଗନ୍ଧାର ସୌରଭ ନେଇ ନ ଆସୁ କେହି ରୂପବତୀ । କାରଣ ସେ ବୁଝିଥିଲେ ଜୀବନ ଆକାଶରେ ନାରୀ ରୂପୀ ଇନ୍ଦ୍ରଧନୁ କ୍ଷଣିକ ଉନ୍ମାଦନାର ଏକ ଉତ୍ସ । ଇନ୍ଦ୍ରଧନୁ ଉଭେଇଗଲେ ବର୍ଣ୍ଣ ମହୋତ୍ସବମୟ ଆକାଶ କିମିତି ବିବର୍ଣ୍ଣ ହୋଇଯାଏ ସେ ବେଶ୍ ଅନୁଭବ କରିଥିଲେ ।

ତାଙ୍କ ଜୀବନ ଆକାଶରେ ବି ଇମିତି ଦିନେ ଇନ୍ଦ୍ରଧନୁର ରଙ୍ଗ ଉକୁଟି ଥିଲା ।

ସିଏ ତାଙ୍କର ଆଇ: ଏସ୍: ସି: ବର୍ଷ । କୌଣସି ଛୁଟିରେ ଗାଁକୁ ଫେରିଲା ବେଳେ ଗାଁ ମୁଣ୍ଡରେ ତାଙ୍କର ଦେଖା ହୋଇଥିଲା ତା ସହିତ । ସେ ଏକ ବିଚିତ୍ର ଝିଅ । ବର୍ତ୍ତୁଳ ନୟନା । ବିଚିତ୍ରବର୍ଣ୍ଣା । ସୌଦାମିନୀ ଭଳି ସତ୍ୟେନ୍ଦ୍ରଙ୍କର ଆଖି ଝଲସାଇ ଦେଇ ପରମୁହୂର୍ତ୍ତରେ ସେ ପଶିଯାଇଥିଲା ଘର ଭିତରକୁ ।

ସେ ଝିଅ ପ୍ରକୃତରେ ସୌଦାମିନୀ । କେବଳ ତାକୁହିଁ ଦେଖିବା ଆଶାରେ ଅସୁସ୍ଥତାର ବାହାନା କରି ଛୁଟି ଅପେକ୍ଷା ଅଧିକା ସପ୍ତାହେ ଘରେ କଟେଇ ଦେଲେ ସତ୍ୟେନ୍ଦ୍ର । ତାଙ୍କ କଲେଜ ଫେରନ୍ତା ଦିନ ଆସିଥିଲା ସୌଦାମିନୀ । ବୋଉ ଚିହ୍ନେଇ ଦେଇଥିଲେ ସୌଦାମିନୀର ମାଇଁ ତାଙ୍କ ବଉଳ । ଏକା ଗାଁର ଝିଅ ସେମାନେ ।

ସେଦିନର ସେତିକ ପରିଚୟ ସମୟ ଗଡ଼ିବା ସାଙ୍ଗେ ସାଙ୍ଗେ ବଢ଼ି ଯାଇଥିଲା । କିନ୍ତୁ ଏ ସମ୍ବାଦ ରାଘବେନ୍ଦ୍ର ନାରାୟଣଙ୍କ ଗୋଚରକୁ ଆସି

ଯାଇଥିଲା କମିତ । ସତ୍ୟେନ୍ଦ୍ରଙ୍କୁ ଇଞ୍ଜିନିୟରିଂ ପଢ଼ିବା ପାଇଁ ପଠେଇ ଏପଟେ ସୌଦାମିନୀର ବିବାହ ସେ କରେଇ ଦେଇଥିଲେ । ପ୍ରବଳ ପ୍ରତାପୀ ପୋଲିସ ସାହେବଙ୍କ ପୁଅର ନାଁ ସହିତ ସାମାନ୍ୟ ଗୃହଶାଳୀ ଅବଧାନର ଝିଅର ନାମ ଯୋଡ଼ାଯିବା ସେ ସହନ୍ତେ କମିତି ?

ସମ୍ପର୍କ ତୁଟିଗଲା ।

ପରିଚୟ କଟିଗଲା ।

ସବାଶି ଉଠିଗଲା ସୌଦାମିନୀର ।

ସତ୍ୟେନ୍ଦ୍ରଙ୍କର କିଛି ଆଉ କରି ପାରିବାର ନଥିଲା । ପିତାଙ୍କ ନିଷ୍ପତ୍ତି ବିରୁଦ୍ଧରେ ପୁଅ ଯିବାର ଯୁଗ ଆସିନଥିଲା ସେତେବେଳେ ।

ଚନ୍ଦ୍ର ଲୁଚିଗଲା । କିନ୍ତୁ ଚକୋର ଡେଣା ଝାଡ଼ି ଉଡ଼ିଯାଇ ପାରିଲା ନାହିଁ । ଜଳିଗଲା ମନର ବନସ୍ତ । ପରସ୍ତ ପରସ୍ତ ।

ସତ୍ୟେନ୍ଦ୍ର ତେଣୁ ବୁଝୁଥିଲେ ସୌମ୍ୟକାନ୍ତର ମନବନସ୍ତ କେବେ ଇମିତି ନିଜକୁ । ସୌମ୍ୟକାନ୍ତ କାହାର ପାଇଁ ବାକ୍‌ଦତ୍ତ । କେବଳ କ'ଣ ସେଇଥିପାଇଁ ତାକୁ ସେ ଦୂରେଇ ରଖିଛନ୍ତି ନିଜ ପାଖରୁ ?

ନିଜକୁ ନିଜେ ପ୍ରଶ୍ନ କଲେ ସତ୍ୟେନ୍ଦ୍ର ନାରାୟଣ ।

ସକାଳର ସେ ନିରାଡ଼ମ୍ବର ଖବର ଆଉ ଚୁପି ଚୁପି ଛପି ଛପି ଆସୁନାହିଁ । ଆସୁଛି ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟ ନେଇ । ଏଇ ତାର ଫୁଟିବାର ସମୟ । ସମୟ ଛୁଟିବାର ଆଉ ଲୁଟିବାର ।

ତାଳଗଛରେ ଆଉ ବାୟା ଶାବକଙ୍କର କ୍ରନ୍ଦନରୋଳ ଶୁଣାଯାଉନାହିଁ । ମା' ପକ୍ଷୀ ହୁଏତ ଆଣି ଆହାର ଦେଇ ସାରିଛି ସେମାନଙ୍କୁ ।

ରବିବାର ।

ଛୁଟିର ସକାଳ ।

ପ୍ରିୟଦର୍ଶୀ ଏଇମାତ୍ର ଫେରି ଯାଇଛି ସୌମ୍ୟକାନ୍ତର ବସାରୁ । ସୌମ୍ୟକାନ୍ତର ମନର ସାଗର ଉଦ୍‌ବେଳିତ । ଏକ ଅବିଶ୍ୱାସନୀୟ ପ୍ରସ୍ତାବ ନେଇ ଆସିଥିଲା ପ୍ରିୟଦର୍ଶୀ ।

ସ୍ନେହର ବିବାହ ପାଇଁ କୌଣସି ସ୍ଥାନରେ ନିର୍ଭର ପ୍ରତିଶ୍ରୁତି ପାଇ ସାରିଲାପରେ ଜାଣିବାକୁ ପାଇଥିଲା ସେ ସ୍ନେହ ଚାହେଁ ସୌମ୍ୟକାନ୍ତକୁ । ହଠାତ୍ ସକାଳୁ ଏ ଖବର ପାଇ ସୌମ୍ୟକାନ୍ତ ପାଖକୁ ଛୁଟି ଆସିଥିଲା ସେ । ଏକେତ ବିବାହର ପ୍ରତିଶ୍ରୁତି ନଦେଇଛି ସ୍ନେହ ମନରେ ବିଶ୍ୱାସର ସୃଷ୍ଟି—ସୌମ୍ୟକାନ୍ତ ତାକୁ ଭଲ ପାଏ ନାହିଁ—

ଦୁଇଟି ଯାଇଥିଲା ସୌମ୍ୟକାନ୍ତ ପାଇଁ ଗଭୀର ପରୀକ୍ଷାର କଥା । ସ୍ନେହ ତାକୁ ଭଲପାଏ ଏ କଥା ଦିନେ ହେଲେବି ସେ ଚିନ୍ତା କରି ପାରି ନଥିଲା । ବନ୍ଧୁ ହିସାବରେ ପ୍ରିୟଦର୍ଶୀର ଘରେ ତାର ଅବାଧ ପ୍ରବେଶ । ମାମୁଁର ଆବେଶ । ସ୍ନେହକୁ ସେ ସାନ ଭଉଣୀଟିଏ ଭଳି ଦେଖୁଥିଲା । ତଥାପି ତା ବ୍ୟବହାରରେ କୌଣସି ପ୍ରକାରର ତ୍ରୁଟି ରହିନଥିଲେ ସେ ବା ତାକୁ ଭୁଲ ବୁଝନ୍ତା କାହିଁକ ?

ମନେ ପକେଇବାକୁ ଚେଷ୍ଟାକଲା ସୌମ୍ୟକାନ୍ତ । ଏଇ ବର୍ଷକ ତଳେ ହୁଏତ । ପ୍ରିୟଦର୍ଶୀ ଅସୁସ୍ଥ ଥିବାରୁ ବାଳିକା ବିଦ୍ୟାଳୟର ବାର୍ଷିକୋତ୍ସବରୁ ସ୍ନେହଲତାକୁ ଆଣିବା ପାଇଁ ଯାଇଥିଲା ସେ ।

ସହରରେ ପଡ଼ିଥିଲା ରାତିର ପହରା ।

ବାଟରେ ଆସୁ ଆସୁ ପଚାରିଥିଲା ସ୍ନେହ—

—କାନ୍ତଭାଇ ! ଗୋଟାଏ କଥା ପଚାରିବି ?

ତା'ଗଳାରେ କମ୍ପନର କଣ୍ଠିତ ଆଭାସ ପାଇଥିଲା ସୌମ୍ୟକାନ୍ତ ।

—ପଚ୍ଚରୁନୁ…

କିଛିକ୍ଷଣ ନିରବ ରହି ପୁଣି ସ୍ନେହ ପଚାରିଥିଲା—

—ରାଗିବ ନାଇଁତ ?

—ରାଗିବା କଥା ପଚାରିଲେ ରାଗିବ ନିଶ୍ଚୟ ।

– ରାଗିବା କଥା ନୁହେଁ ଯେ…

—ପଚାର—

—ସତ କହିବ । ମୋ ଅଭିନୟ ତୁମକୁ କିମିତି ଲାଗିଲା ?

ସେଦିନ କିନ୍ତୁ ସତ କହି ନଥିଲା ସୌମ୍ୟକାନ୍ତ । ସ୍ନେହର ମନ ରଖିବା ପାଇଁ ତା ଅଭିନୟର ପ୍ରଶଂସା କରିଥିଲା ।

ସେଦିନ ଅନ୍ୟ କିଛି ପଚାରୁ ପଚାରୁ ଅଭିନୟ କଥା ବାଁ ଆରେଇ ଦେଇ ନଥିଲାତ ସ୍ନେହ ?

ଇମିତି ତ ଅନେକ ଥର ପ୍ରିୟଦର୍ଶୀ ପରିବାର ସହ ପ୍ରେକ୍ଷାଳୟ ବା ରଙ୍ଗମଞ୍ଚ ତଳେ ଆସ୍ଥାନ ଜମେଇଛି ସୌମ୍ୟକାନ୍ତ । ପଦ୍ମପଦାଣୀ ବା ଓଷା ବ୍ରତରେ ତାର ହୋଟେଲ ମିଲ୍ ମନ୍ଦ କରେଇଛି ସ୍ନେହ ।

ସେଇ ନିବିଡ଼ ଅନ୍ତରଙ୍ଗତମ ପରିବାରର ଝିଅ । କିମିତି ସେ ଏକ ତରଫା ଭାବେ ଭଲପାଇ ବସିଲା ସୌମ୍ୟକାନ୍ତକୁ ? ଏକାନ୍ତ ଆଶ୍ଚର୍ଯ୍ୟ ।

ଭିତରେ ବିଷୟବସ୍ତୁ ଠିକ ଥାଇ ଲଫାଫା ଉପରେ ଠିକଣା ଲେଖିବାରେ ଭୁଲ ହେଇଗଲେ ଡାକ ଯିମିତି ନିର୍ଦ୍ଦିଷ୍ଟ ଲୋକକୁ ଡେଲିଭରି ଦେଇ ହୁଏନାହିଁ ସିମିତି ମନକଥା ମନରେ ରଖି ବାହାରେ ଠିକଭାବେ କିଛିଟା ପ୍ରକାଶ ନକଲେ ମନଭାବ କାହାରିକୁ ଦେଇହୁଏ ନାଇଁ ।

ମନ ଖୋଲି ସ୍ନେହ ତାକୁ କେବେ କିଛି କହିନାହିଁ । କହିଥିଲେ ବା ସେ ବୁଝେଇ ପାରିଥାନ୍ତା ତାକୁ—ଅନ୍ୟ ଏକ ଝିଅ କିମିତି ସୃଷ୍ଟି କରିଛି ବୁକୁରେ ତାର ଅନାରୋଗ୍ୟ କ୍ଷତ ।

ସେ ଝିଅ ମାଳବିକା ।

କୁଜ୍‌ଝଟିକା—ଘନ କୁହେଳିକା ।

କେତୋଟି ମିନଟ ତଳେ ପ୍ରସ୍ତାବ ଦେଇଗଲା ପ୍ରିୟଦର୍ଶୀ । ବିବାହ ନଚେତ ବୁଝାଅ ।

କୌଣସିଟି ସହଜ ନୁହେଁ ସୌମ୍ୟକାନ୍ତ ପାଇଁ ।

ନିଜର ଅଜ୍ଞାତରେ କାହାରି ଭଲ ପାଇବାଟାକୁ ସେ ଏତେ ସହଜ ଭାବରେ ଗ୍ରହଣ କରି ପାରିବ କିମିତି ? ବିବାହତ ଅନେକ ଦୂରର କଥା । ଯେଉଁ ବାପାଙ୍କ ପାଖରୁ ସ୍ନେହ ମମତା ଧନେ ହେଲେ ଅଳଗା କରି ପାରିନାହିଁ ସେ ସେଇ ବାପାଙ୍କୁ ଏ ପ୍ରସ୍ତାବ ଦେବ କିଏ ଆଉ କିମିତି ?

ବାକି ରହିଲା ସ୍ନେହକୁ ବୁଝେଇବା କଥା । ନିଜ ଅଜାଣତରେ ଯେଉଁ ଝିଅ ତାକୁ ନେଇ ଜୀବନର ସ୍ୱପ୍ନ ସଫଳ କରିବାର ଆଶା ରଖିଛି ତା ସାମନାରେ ତାକୁ ଭଲ ପାଏ ନାହିଁ କହିଦେବା କଣ ଏତେ ସହଜ ?

ଯିଏ ପାଇ ନାହିଁ ସେ ପାଇବା ପାଇଁ ଚାହେଁ ଅଥଚ ଯିଏ ପାଏ ସେ ତାର ସହ ବ୍ୟବହାର କରି ଜାଣେନାହିଁ ।

ଗେଟ୍ ଖୋଲିବାର ଶବ୍ଦ ହେଲା । ନିସ୍ତବ୍ଧ ନୀରବତାକୁ ଭଙ୍ଗକରି ହାଇହିଲ ର ଶବ୍ଦ ନିକଟତର କରି ଆସୁଛି ସାହିରା । ଗୋଟାଏ ଦୁଃଶ୍ଚିନ୍ତାରୁ କିଛିକ୍ଷଣ ପାଇଁ ରକ୍ଷାପାଇଗଲା ସୌମ୍ୟକାନ୍ତ ନିଶ୍ଚିନ୍ତ ଭାବେ ।

ଆସିଲା ସାହିରା ।

ବାଃ ଚମତ୍କାର ଦେଖା ଯାଉଛି ସାହିରା ଆଜି !

—ବସିବାକୁ ବି କହିବ ନାହିଁ ?

—ସମସ୍ତଙ୍କୁ କ'ଣ ବସିବା ପାଇଁ କହିବା ଦରକାର ହୁଏ ?

—ଆମ ଭଳି ଲୋକ ବିନାନୁମତିରେ ଆସନଟିଏ ଦଖଲ କରିବା ଅନୁଚିତ ହବ ।

ସାହ୍ୱାଗ କେତେ ପର ସତରେ ! ବସ୍‌ର ଗୋଟିଏ ସିଟରେ ଯାତ୍ରା କରୁଥିବା ଦୁଇଟି ସହଯାତ୍ରୀଙ୍କ ଭଳି ସ୍ୱଳ୍ପ ସମୟର ପରିଚୟ ସେମାନଙ୍କର ।

—କ'ଣ ଭାବିଲ ଯେ ?

—ବସ; କହିବି ।

ବସିଲା ସାହ୍ୱାଗ ।

—ତମେ କେବେ କାହାକୁ ଭଲ ପାଇଛ ସାହ୍ୱାଗ ?

—ହଠାତ୍ ଏ ପ୍ରଶ୍ନ କାହିଁକି ?—ଇତସ୍ତତଃ ହୋଇଗଲା ସାହ୍ୱାଗ ।

—ମନେକର ତମେ କାହାରିକୁ ନିବିଡ଼ ଭାବେ ଭଲ ପାଇଛ । ଅଥଚ ତମ ଭଲ ପାଇବା କଥା ସେ ଦିନେ ସୁଦ୍ଧା ଭାବି ପାରିନାହିଁ ।

—ନା ନା ସିମିତି କଥା ପଚାରନା ନାହିଁ ମତେ । ମୁଁ ହୁଏତ କୌଣସି ଉତ୍ତର ଦେଇ ପାରିବିନି ।

—ମତେ ଅଟକାଅ ନାହିଁ ସାହ୍ୱାଗ । ଅନେକ ଭାବିଛି । ତମ ପାଖରେ ଏ ପ୍ରସଙ୍ଗ ଉଠାଇ ମୋ ମନର ବୋଝ କିଛି ହାଲୁକା କରିନେବି । ଭାବପ୍ରବଣ ହୋଇ ଉଠୁଥିଲା ସୌମ୍ୟକାନ୍ତ । ମନେକର ସେ ତୁମର ପ୍ରତ୍ୟେକ ବ୍ୟବହାରକୁ ସାନ ଭଉଣୀର ବ୍ୟବହାର କନେକରି ଏଡ଼େଇ ଯାଏ । ଭଉଣୀଠାରୁ ବଳି ସ୍ନେହ କରେ । ରାଗାଏ, ଚିଡ଼ାଏ, କନ୍ଦାଏ । ବୁଝାଏ ବି । ତମେ କିନ୍ତୁ ବୁଝ ସେ ତୁମକୁ ଅନେକ ଅନେକ ବେଶୀ ଭଲପାଏ । ଭଉଣୀ ଦୃଷ୍ଟିରେ ନୁହେଁ ।

ତା କଥା ସରିନାହିଁ ।

ହଠାତ୍ କିନ୍ତୁ ଉଠି ପଡ଼ିଲା ସାହ୍ୱାଗ । ଦି' ଆଖିରେ ସ୍କାର୍ଫ ଜଡ଼େଇ ଧରି ବୁଲାପଡ଼ି ଚାଲିଗଲା ସେ । ଓହ୍ଲାଇ ଗଲା ବାରଣ୍ଡାର ପାହାଚ ପାହାଚ ।

ତା ହାଇହିଲ୍‌ର ଶବ୍ଦ ଅସ୍ପଷ୍ଟ ହୋଇ ଆସୁଛି ।

ଆସିଲାବେଳେ ହାଇହିଲ ତାର ଯେଉଁ ଶବ୍ଦ କରୁଥିଲା ସେ ଶବ୍ଦ ଭଳି ଏ ଶବ୍ଦ ନୁହେଁ ।

ଇଏ କମିତି ଛନ୍ଦହୀନ ବେସୁରା ହୋଇ ଯାଇଛି । ବୁଝିହେଲା ନାଇଁ ସାହ୍ୱାଗ । କି ବ୍ୟାଧି ଆକ୍ରାନ୍ତ ।

ତା' ଦୃଷ୍ଟି ଉଠିଲା ଦରଜା ଉପରକୁ ।

ମାଳବିକାର ସନ୍ତକଟିଏ ରହିଯାଇଛି ସେଠି । କାଚବନ୍ଧା ଯାଇଛି ତାର ଏମ୍ବ୍ରଏଡ଼ରି କାମ । ତା'ରି ଭିତରେ କେଇଟି ଅକ୍ଷର ।

ମାଳବିକାର ସ୍ୱହସ୍ତ ଲିଖିତ—

'ଆଶା ଛଳନା ମାତ୍ର'

ଆଶା ଛଳନାର ଅନ୍ୟ ନାମ ।

ପାଇବାର ଆନନ୍ଦ ଭିତରେ ହଜାଇ ଦେଇଥିବା ସ୍ମୃତିକୁ ସତ୍ୟେନ୍ଦ୍ର ଅଣ୍ଡାଳୁଥିଲେ ବସି ।

ବାହାରେ ତୀବ୍ର କୋଳାହଳ ।

ସାହାନାଇ ସ୍ୱର ।

ତାଙ୍କର ଜଣେ ବାଲ୍ୟବନ୍ଧୁର ପୁଅର ବିବାହ । ଆକାଶ ଗୁମ୍ବତରେ କୋଟିତାରା ଫୁଲ । ଏକ ଚନ୍ଦ୍ର, ଅନେକ ତାରକା ।

ତିରିଶ ବର୍ଷ ତଳେ—

ସେ ବି ଦିନେ ଇମିତି ବରସାଜ ବେଦୀରେ ବସିଥିଲେ । ଗୋଟିଏ ରାସ୍ତାରେ କିଛିଦୂର ଆସିବା ପରେ ସାମନାର ଦୋ'ଛକିରୁ ବାଟ ଭାଙ୍ଗି ଅନ୍ୟ ରାସ୍ତାରେ ଆଗେଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ତାଙ୍କୁ ।

ଫେରିଥିଲେ ସେ ଏକ ନୂତନ ଅତିଥି ନେଇ । ସେ ଅତିଥି ଶୈଳ । ଶୈଳଶ୍ରୀ ।

ମଧୁଯାମିନୀରେ ନବବଧୂର ଅବଗୁଣ୍ଠନ ଅନାବୃତ କରି ବିସ୍ମିତ ହୋଇ ଯାଇଥିଲେ ସତ୍ୟେନ୍ଦ୍ର ନାରାୟଣ । ଏ ସୃଷ୍ଟିରେ ଏତେ ରୂପର ଯେ ଏକତ୍ର ସମାହାର ହୋଇପାରେ ଏ ଧାରଣା ନଥିଲା ତାଙ୍କର । ଶାନ୍ତ, ନିରୀହ ମୁହଁ । ପିତାଙ୍କ ଅବୁଝା ଆଦେଶରେ ଯେଉଁ ନୀରବ ପ୍ରତିବାଦର ଘୃଣା ପ୍ରତିଫଳିତ କରିବାକୁ ଚାହୁଁଥିଲେ ସେ ନବପରିଣୀତା ନିକଟରେ ସେ ଘୃଣା ମିଳେଇ ଗଲା ଆପେ ଆପେ ।

ତାଙ୍କର ପଦଧୂଳି ନେଇଥିଲେ ଶୈଳଶ୍ରୀ । ଯୁଗ ଓ ପରିପାର୍ଶ୍ୱ ତାଙ୍କୁ ତାହାହିଁ ଶିଖାଇ ଥିଲା ହୁଏତ । ଜଡ଼ାଇ ନେଇଥିଲେ ସତ୍ୟେନ୍ଦ୍ର ତାଙ୍କୁ ନିଜର ବଳିଷ୍ଠ ବାହୁ ବନ୍ଧନୀରେ । ପାଇବାର ଆନନ୍ଦ ଭିତରେ ସେ ହଜାଇ ଦେଲେ ଅଣ୍ତାକୁ ଥିବା ସ୍ମୃତିର ଶାମୁକା ।

ସେଇଦିନ ପାଖରୁ ଛାଇ ଭଳି ପାଖେ ପାଖେ ସବୁବେଳେ ଲାଗି ରହିଲେ ଶୈଳଶ୍ରୀ । ଶୀତ ଯାଇ ବସନ୍ତ ଆସିଲା । ବର୍ଷ ବିତିଲା । ଦୀର୍ଘ ସାତ ବର୍ଷ ପରେ ଜନ୍ମନେଲା ତାଙ୍କ ସ୍ମୃତିର ସନ୍ତକ ।

ସୌମ୍ୟକାନ୍ତ ।

କିନ୍ତୁ ସେ ସନ୍ତକ ସତ୍ୟେନ୍ଦ୍ରଙ୍କ ହାତରେ ଛାଡ଼ି ଆଖି ବୁଜିଲେ ଶୈଳଶ୍ରୀ । ମା କୋଳର ଉଷୁମ ଅନୁଭବ କରିବା ପୂର୍ବରୁ ସୌମ୍ୟକାନ୍ତ ହେଲା ମାତୃହରା ।

ସତ୍ୟେନ୍ଦ୍ରଙ୍କ ସଂସାର ସରିଲା । ରାଘବେନ୍ଦ୍ର ଯାଇଥିଲେ ବର୍ଷକ ଆଗରୁ । ବୁଦ୍ଧି ନାହିଁ । ବାଟ ନାହିଁ । ସାମନାରେ ଅନ୍ଧାର । ନିବୁଜ ଅନ୍ଧାର । ସେ ଅନ୍ଧାର ଭେଦକରି ସତ୍ୟେନ୍ଦ୍ରଙ୍କର ଆଖି ଯାଇ ପାରିଲା ନାହିଁ ଦୂରକୁ । ଦୂର ସଂପର୍କୀୟା ଜଣେ ଆତ୍ମୀୟାଙ୍କ ହାତରେ ସମର୍ପଣ କରି ସୌମ୍ୟକାନ୍ତକୁ, ସେ ଫେରିଲେ କର୍ମକ୍ଷେତ୍ରକୁ ।

ଜୀବନ ଏକ କଳ୍ପନା ବହିର୍ଭୂତ କାହାଣୀର ନାମ ।

ନିଜ ଜୀବନର କାହାଣୀ କଳ୍ପନାରେ ନଥିଲା ସତ୍ୟେନ୍ଦ୍ରଙ୍କର । ସୌମ୍ୟକାନ୍ତଙ୍କୁ ଅନ୍ୟର ତତ୍ତ୍ୱାବଧାନରେ ଛାଡ଼ି କକ୍ଷଚ୍ୟୁତ ଉଲ୍କା ଭଳି ସେ ବୁଲିଲେ ଏପ୍ରାନ୍ତ ସେପ୍ରାନ୍ତ ।

ବାଲେଶ୍ୱରରେ ତାଙ୍କ ଚାକିରିକାଳ ଭିତରେ ଦିନେ ହଠାତ୍—

ଗସ୍ତରୁ ଫେରିଲାବେଳେ ସେ ଆବିଷ୍କାର କଲେ ସୌଦାମିନୀଙ୍କୁ । ସେଦିନର ସେ ବିଦ୍ୟୁତ୍ ପ୍ରାୟ ସୌଦାମିନୀ ନୁହନ୍ତି । ଶ୍ୱେତ ବସ୍ତ୍ର ପରିହିତା, ଆଲୁଳାୟିତ କେଶା, ବୈଧବ୍ୟ ବିଧୁରା ସୌଦାମିନୀ । ଆଖିର ଜ୍ୟୋତି ନିଷ୍ପ୍ରଭ । କପାଳ ସାଧା । ପୂଜାଥାଳୀ ଧରି ସେ ହୁଏତ ଯାଉଥିଲେ କେଉଁ ମନ୍ଦିର ଅଭିମୁଖେ ।

ବ୍ରେକ୍ ଦେଲେ ସତ୍ୟେନ୍ଦ୍ର ନାରାୟଣ କପ୍‌ରେ । ପାଦ ଥମିଗଲା ସୌଦାମିନୀଙ୍କର । ଓହ୍ଲେଇ ଆସିଲେ ସତ୍ୟେନ୍ଦ୍ର ।

—ଆପଣ ?

—ବାଲେଶ୍ୱରରେ ସହକାରୀ ଇଂଜିନିୟର ଅଛି । ତମେ ଏଇ ଗାଁ'ରେ ନା···

ସମ୍ମତିର ମୁଣ୍ଡ ହଲାଇଲେ ସୌଦାମିନୀ ।

—ଭଲ ଅଛ ?

—ଖୁବ୍ ଭଲଅଛି ।

ସଜଳ ହୋଇ ଆସୁଥିବା ସୌଦାମିନୀଙ୍କର ଆଖି ଦୃଷ୍ଟିକୁ ଆସିଥିଲା ତାଙ୍କର ।

—ଆଖି ସଜଳ କରୁଛ କାହିଁକି ?

—ବେଶ ଭଲରେ ଅଛି କିନା !

—ମୁଁ ବି ତ ବେଶ୍ ଭଲରେ ଅଛି ।

—ମାନେ ?

—ମୋ ଖବର କିଛି ରଖିନ ନା ?

—ଅନ୍ୟର ଖବର ଦରକାର ନଥିଲେ କେହି କେବେ ରଖେନାହିଁ ।

—ମୋ ପୁଅ ସୌମ୍ୟକାନ୍ତ ପଢୁଛି ସପ୍ତମ ଶ୍ରେଣୀରେ ।

—ତା' ବୋଉ ଭଲ ଅଛନ୍ତି ?

—ମାତୃହରା ସୌମ୍ୟକାନ୍ତ—ମୁହଁ ବୁଲେଇ ନେଲେ ସତ୍ୟେନ୍ଦ୍ର । ତାଙ୍କ ମନର ଉଦବେଳିତ ଦୁଃଖ ସୌଦାମିନୀ ନଜରକୁ ନ ଆସିବା ପାଇଁ । ସେ ଲୁହକୁ ଆଖିରେ ଆଖିରେ ଶୋଷିନେଇ ସତ୍ୟେନ୍ଦ୍ର ମୁହଁ ଫେରାଇଲେ । ନିଜ ଦୁଃଖରେ ଯେଉଁ ସୌଦାମିନୀର ଲୁହ ଆଖିର ଉପତ୍ୟକା ଡେଇଁ ପାରି ନଥିଲା । ସେ ଲୁହ ତାଙ୍କ ଦୁଃଖରେ ସେ ଉପତ୍ୟକାକୁ ବନ୍ୟାପ୍ଳୁତ କରୁଛି ।

ମନ୍ଦିରର ଘଣ୍ଟାସ୍ୱନ ଭଙ୍ଗକଲା ବେପଥୁ ନୀରବତା ।

ଜୀବନର ଗାଥା ।

—ମୁଁ ଚାଲିଲି···

ଉତ୍ତରକୁ ଅପେକ୍ଷା ନକରି ଓଢଣା ଟାଣି ଚାଲିଗଲେ ସୌଦାମିନୀ ।

ବସିଲେ ସତ୍ୟେନ୍ଦ୍ର ଜପରେ । ସୌଦାମିନୀଙ୍କୁ ପଛକରି ଜପ ଧାଇଁଲା ଆଗରେ । ମୁହଁ ଫେରାଇ ଚାହିଁଲେ ସତ୍ୟେନ୍ଦ୍ର ନାରାୟଣ । ଧୂଳି । ଅନେକ ଧୂଳିର ପରସ୍ତ ସେପାରିରେ ସୌଦାମିନୀ ଲୁଚି ଯାଇଛନ୍ତି ।

ସତ୍ୟେନ୍ଦ୍ରଙ୍କର ଭାବନା ହୋଇ ଆସିଲା ଧୂମିଳ । ଝାପସା ଝାପ୍‌ସା ଧୂଳି ଭିତରେ ସେ ଆଉ ଅତୀତକୁ ଦୃଷ୍ଟି ଫେରାଇ ପାରିଲେ ନାହିଁ ।

ସବୁ ଆଡ଼େ ଧୂଳି ।

ପୃଥିବୀଟା ଧୂଳିରେ ସମ୍ଭବ ।

ଏ ପୃଥିବୀ ଧୂଳି ଥିଲା ।

ଦିନେ ଧୂଳି ହବ ।

ଶୀତର ସେ ମେଦବହୁଳ ସ୍ତୁତ ତରଙ୍ଗାୟିତ ଚନ୍ଦ୍ରାଲୋକ ହଜି ଯିବାର ଚେଷ୍ଟା କରୁଥିଲା ଯିମିତି । ସମୟର ପାହାଚ ପାହାଚ ଚଢ଼ି ଚନ୍ଦ୍ର ଉଠୁଛି ଆକାଶ ମଥାନକୁ । ଶିହରିତ ପବନର ଅସ୍ପଷ୍ଟ ଗୁଞ୍ଜର—ଶରଜନ୍ମା-ଘାର୍ଘାୟୁ ହୁଅ ।

ନିଦ୍ରାର ଆରାଧାନା କରି ସୌମ୍ୟକାନ୍ତ ଛଟପଟ ହେଉଥିଲା ତୁଳୀ-ତଳ୍ପ ଶଯ୍ୟାରେ । ମାଳ, ସ୍ନେହ, ସାହାର ସମସ୍ତେ ଯିମିତି ତା' ନିକଟରୁ ନିଜ ନାମକୁ ଛଡେଇ ନେଇ ଗୁଲିଯାଥିଲେ । ଦିନ ଥିଲା ଯେତେବେଳେ କଳ୍ପନାର ଏପାରି ପଲ୍ଲୀରୁ ଯାଇ ସେପାରି ସହରରେ ନ ପହଞ୍ଚିଲା ଯାଏ ଶାନ୍ତ ଆସୁ ନଥିଲା ସୌମ୍ୟକାନ୍ତର ।

ଆଜି କିନ୍ତୁ କହୁ ଚୁହେଁ ନାହିଁ ସୌମ୍ୟକାନ୍ତ ।

ଚୁହେଁ ଖାଲି ନିଦ୍ରା ।

କିନ୍ତୁ ଶାନ୍ତି ।

ଗଭୀର ଆଶ୍ୱସ୍ତି ।

ଦିନ ଥିଲା—ଯେତେବେଳେ ଅନ୍ଧକାରର ବନ୍ୟା ଭିତରେ ବୁଡ଼ି-ରହି ସୌମ୍ୟକାନ୍ତ ଭାବୁଥିଲା ମାଳବିକା ପ୍ରଥମ ପରିଚୟର କଥା । ପରିଚିତା ହେଲାପରେ ମାଳ କେବେ ଆଉ କିମିତି ଆସିଥିଲା ( କାହିଁକି ସେ ଆସି ଥିଲା ସେ କଥା ଭାବିବାକୁ ଇଚ୍ଛା କରେ ନାହିଁ ସୌମ୍ୟକାନ୍ତ ) । ମୂଳରୁ ଚୂଳ । ସବୁ କଥା ଭାବେ ସୌମ୍ୟକାନ୍ତ । ଭୁଲି ଯାଇଥିବା କଥା ପୁଣି ଯୋଡ଼େ ମନିରେ ନେଇ ।

ମାଳବିକା ତା'ର—ଏକାନ୍ତ ଆପଣାର ।

ପ୍ରଥମ ପରିଚୟ ମାଳବିକାର ହୋଇଥିଲା ଫୁଲ ଯୋଗୁ । ତା ପରେ ସେ ଆସିଥିଲା ଇଂରାଜୀ ନନ୍-ଡଟେଲ ବୁଝିବା ପାଇଁ ।

ତା ପରେ ସେ ଅନେକ ଥର ଆସିଛି । ସେ ସବୁର ହିସାବ ସୌମ୍ୟକାନ୍ତ ରଖିନାହିଁ । କେବେ ଫୁଲ ହୋଇ ଫୁଟିଛି ମାଳବିକା ।

ଛୁଟିଛି କେବେ ସମସ୍ତର ମୁଗ୍ଧ ସୁଗନ୍ଧ ନେଇ । ଲୁଚିଛି ଅଦେଖା ସପନ । ସୌମ୍ୟକାନ୍ତ ମନ ।

ବୁଝିବାର ବୟସ କଣ୍ଟ ହୋଇ ନଥିଲା ମାଳବିକାର । ସେ ଆସୁଥିଲା । ବ୍ୟସ୍ତ କରୁଥିଲା ସୌମ୍ୟକାନ୍ତଙ୍କୁ । ବିରକ୍ତ କରୁଥିଲା । ପୂର୍ବ ରାତ୍ରରେ ପଢ଼ିଥିବା ମାସିକ ପତ୍ରିକାର କୌଣସି ପ୍ରଶ୍ନର ପୁନରାବୃତ୍ତି କରୁଥିଲା ।

—ପୃଥିବୀର ସବୁଠାରୁ ବଡ଼ ନଦୀ ବନ୍ଧ ଯୋଜନାର ନାଁ କ'ଣ ?

..........

—କହି ପାରିବ ନାହିଁ । ଆଚ୍ଛା କହିଲ ଦେଖି ପୃଥିବୀର ବୃହତ୍ତମ ରେଳ ଷ୍ଟେସନର ନାଁ ।

ସୌମ୍ୟକାନ୍ତ ଉତ୍ତର ଦିଏ ନାହିଁ । ହସି ଦିଏ ଖାଲି । ମାଳବିକା ହୁଏତ ଭାବେ କଲେଜରେ ପଢ଼ିଲେ ଏ ସବୁର ଜ୍ଞାନ ଅନିବାର୍ଯ୍ୟ । କାନ୍ତ ଭାଇଟା ଗଧ । ନିହାତି ଗଧ । ତାଳି ମାରି ହସେ ମାଳବିକା ।

—ଏତିକ ଟିକିଏ ନାଁକୁ କଥା ତ ଜାଣିନ ତମେ । ଛେନା ପଢ଼େଇବ ମତେ । ଦି ହାତରେ ବହିର ଧୂଳି ଝାଡ଼ିନେଇ ପଳେଇବାକୁ ଉଦ୍ୟତ ହୁଏ ସେ ।

ତା କାନ ଧରି ପୁଣି ବସେଇ ଦିଏ ସୌମ୍ୟକାନ୍ତ ତାକୁ ।

—କାନ୍ତ ଭାଇ । ଆଜି ନା...ଖୁବ୍ ବଢ଼ିଆ ସିନେମା ଆସିଛି । ଯିବାନା ?

—ଯିବାନା—

—ଯିବାନାହିଁ ନା ? —ମୁହଁ ଫୁଲାଏ ମାଳବିକା ।

ତାର କଥାର ପୁନରୁକ୍ତି କରି ତାକୁ ଚିଡ଼ାଏ ସୌମ୍ୟକାନ୍ତ । କହିଲ ନା...ଆଜିନା...ଯିବାନା ।

—ହୁଁ...ମତେ ଖତେଇ ହଉଚ ... ।

—ନାଁରେ ଯିବା ଆଜି ।

—ମୋର ଯେ ତିନିଟା ଦିନ ପରେ ପରୀକ୍ଷା ! ଗୋଟାଏ କାମ କରିବା । ମୁଁ ଭାଇଙ୍କୁ କହି ଦେବି ପରୀକ୍ଷା ଯୋଗୁ ରାତିରୁ ଉଠି ପଢ଼ିବି । ତେଣୁ ତମ ବସାରେ ରହିଯିବି ଆଜି ।

ଉତ୍ତରକୁ ଅପେକ୍ଷା ନକରି ଧାଇଁ ପଳାଏ ମାଳବିକା ବନହରିଣୀର ଗତିରେ ।

ସେଦିନ ସୌମ୍ୟକାନ୍ତ ବସାରେ ରହିଯାଏ ମାଳବିକା । ସିନେମାରୁ ଫେରି ହୋଟେଲ୍‌ରେ ଖାଆନ୍ତି ଦୁହେଁ । ରାତି ଅଧଯାଏ ଇଂଲଣ୍ଡର ରାଣୀ, ଜାପାନର ସମ୍ରାଟ୍ ବା ପୃଥିବୀର ସର୍ବବୃହତ୍ ଚିଡ଼ିଆ ଘର ପ୍ରଶ୍ନ ଉପରେ ସୌମ୍ୟକାନ୍ତକୁ ବିରକ୍ତ କରେ ସେ ।

ଦିନ ବିତିଲା ।

ମାଳବିକାର ସବ୍-ଟ୍ରେଜେରୀ ଅଫିସର ଭାଇ ବଦଳିଗଲେ ରାଇରଙ୍ଗପୁର ।

ନିବିଡ଼ତା ଦୂରେଇ ଗଲା । ତଥାପି ରାଇରଙ୍ଗପୁରରୁ ଆସିଛି ମାଳବିକା ଅନେକ ଥର ବାରିପଦା । ବୁଲିଛନ୍ତି ଦୁହେଁ । ଫୁଟବଲ୍ ମ୍ୟାଚ୍ ଦେଖିଛନ୍ତି । କିନ୍ତୁ ପାଖରେ ଥିଲା ବେଳର ସେ କ୍ରମବର୍ଦ୍ଧିଷ୍ଣୁ ଆନ୍ତରିକତା ଦୂରତାର ବ୍ୟବଧାନ ନେଇ କମି ଆସିଛି କ୍ରମଶଃ ।

ରାଇରଙ୍ଗପୁରରୁ ଯେଉଁଦିନ ପ୍ରଥମ ଥରପାଇଁ ଆସିଲା ମାଳବିକା ।

ଏକାକୀ ସୌମ୍ୟକାନ୍ତ ପାଣି ଦେଉଥିଲା ଟିକି ଟିକି ଫୁଲର ଚାରା ଗଛରେ । ହଠାତ୍ ମାଳବିକାକୁ ଦେଖି ହତବାକ ହୋଇଗଲା ସେ । ଆନନ୍ଦ ଏବଂ ଆଶ୍ଚର୍ଯ୍ୟରେ ଏତିକି ମାତ୍ର ପଚାରି ପାରିଲା ସେ—

— ତମେ ?

—ଆଶ୍ଚର୍ଯ୍ୟ ହେଲ ଯେ ?

—ତମେ କିମିତି ଚାଲି ଆସିଲ ?

—ଭାଇ କହିଲେ—

—କଣ କହିଲେ ଭାଇ ?

—ତମ କଥା ଭାଇ ମନେ ପଡ଼ିଲା । ଖରାପ ଲାଗିଲା କାହିଁକି । ଏକା ଏକା ବସି କାନ୍ଦୁଥିଲି । ଭାଇ କେମିତି ଦେଖିଲେ । କାନ୍ଦିବାର କାରଣ ପଚାରିଲେ । ମୁଁ କହିଦେଲି ସତ କଥା । ତୁମକୁ ଦେଖି ଆସିବା ପାଇଁ ପଠେଇଦେଲେ ସେଇଥିପାଇଁ ।

ସେଦିନ ଅନେକ ବୁଲିଲେ ସେମାନେ ।

—ରାଇରଙ୍ଗପୁର କମିତି ଯାଗା ?

— କିଛି ମନ୍ଦ ନୁହେଁ ।

—ଗାର୍ଲସ୍କୁଲ୍ ଆରମ୍ଭ ବା ଛୁଟି ହେଲା ବେଳେ ବସ ଷ୍ଟାଣ୍ଡକୁ ବସ୍ ଆସିଲା ସମୟରେ ସେଠି ବି ଟୋକାଏ ଇମିତି ନସରପସର ହୁଅନ୍ତି ?

—ଘୋଡ଼ାମାର୍କା ପିଲା କୋଉଠି ନାହାନ୍ତି ?···ଏଇ କାନ୍ତ ଭାଇ ! ଆଜିନା···ମୁଁ ଆସିଲା ବେଳେ ତିନିଟା ପିଲା ବସ୍ଷ୍ଟାଣ୍ଡରେ ମୋ ଆଡ଼କୁ ଚାହିଁ ସୁସୁର ମାରୁଥିଲେ ।

—ଆଚ୍ଛା ସେମାନେ ନଳୀ ପ୍ୟାଣ୍ଟ ପିନ୍ଧିଥିଲେ ?

—ହଁ ।

—ଆଖି ସେମାନଙ୍କର ଧସି ଯାଇଥିଲା ଭିତରକୁ ?

ସମ୍ମତି ଜଣାଇଲା ମାଳବିକା ।

—ସେମ୍ପୋଦିଆ ବାଳ । ବଡ଼ ବଡ଼ ଚେକବାଲା ସାର୍ଟ । ଛାତି ଉପର ବୋତାମ ଖୋଲା ।

—ଠିକ୍ ଠିକ୍·· ବିକଳ ଭାବରେ ଚାହିଁଥିଲେ ସେମାନେ ଚିକିଚିଆ ପ୍ରଜାପତିକୁ ଚାହିଁଲା ଭଳି ।

—ତେବେ ନିଶ୍ଚୟ ସେମାନେ ହାଇସ୍କୁଲ୍ ପାରହେଇ ଆସିଛନ୍ତି ।

ସେଦିନ ଅଜବ୍ ଗପରେ ହିଁ ଧାର୍ଯ୍ୟଜାଗା ରାତିର ଆୟୁଷ ସରିଲା ।

ପରଦିନ ଫେରିଲା ମାଳବିକା ବିସ୍ମୃତା ନହେବାର ଅନେକ ପ୍ରତିଶ୍ରୁତି ନେଇ ।

ତାପରେ କିନ୍ତୁ ଆସିବାର ବ୍ୟବଧାନ ବଢ଼ିଗଲା ଅନେକ । ବେଶୀ କଥା କହେ ନାହିଁ ମାଳବିକା । ନିଜର ଅଜାଣତରେ ସେ ପହଞ୍ଚିଥିଲା ହୁଏତ ବୟସର ନିଷିଦ୍ଧ ଇଲାକା ।

ଶେଷଥର ପାଇଁ ଆସି ସେଉଁଦିନ ସନ୍ଧ୍ୟାରେ ବାହୁଡ଼ିଲା ମାଳବିକା—

ସେଦିନ ଲକ୍ଷ୍ୟ କରିଥିଲେ ସୌମ୍ୟକାନ୍ତ । ମାଳବିକା ପ୍ରକୃତରେ ଅନେକ ବଦଳି ଯାଇଛି । ଆଗର ସେ ଚଗଲାମୀ ନାହିଁ । ଦୁଷ୍ଟାମୀର ହସ ନାହିଁ । ହସର ପ୍ରତି ପାଖୁଡ଼ା ଉପରେ ତାର ଗାମ୍ଭୀର୍ଯ୍ୟର ସୂର୍ଯ୍ୟାଲୋକ ପ୍ରତିଫଳିତ । ମପା ଚୁପା ଭାଷା । ଭିନ୍ନ ଦେହ, ଭିନ୍ନ ମନ । ମାଳବିକା ବୟସର ଇଏ ଏକ ଅନ୍ୟ ଦିନ ।

ଡରିଗଲେ ସୌମ୍ୟକାନ୍ତ ସତରେ । ମାଳବିକାକୁ ସେଦିନ ରହିଯିବାକୁ ବି ସେ କହିପାରିଲେ ନାହିଁ ।

ବସ୍ ଷ୍ଟାଣ୍ଡରେ ପଚାରିଲା ମାଳବିକା ।

—ତମେ ଖୁବ୍ ବଦଳି ଯାଇଛ ନା ?

ମାଳବିକାର ଏ ଓଲଟି ପ୍ରଶ୍ନରେ ହତବାକ୍ ସୌମ୍ୟକାନ୍ତ କିଛି ଉତ୍ତର ଦେଇ ପାରିଲେ ନାହିଁ । ଜଣେଇ ବି ପାରିଲେ ନାହିଁ ମାଳବିକାକୁ ଯେ ସେ ନୁହେଁ ମାଳ ନିଜେ ହିଁ ବଦଳି ଯାଇଛି ।

ବସ୍ ଆସିଲା ।

ଠିଆ ହେଲା ।

ଷ୍ଟାର୍ଟ ଦେଲା ।

ସାମାନ୍ୟ ଗମ୍ଭୀର ହବାର ଚେଷ୍ଟାକରି ଚମକାଇ ଦେଲା ମାଳ ସୌମ୍ୟକାନ୍ତଙ୍କୁ ।

—ଜାଣିଚ ନା ଭାଇଙ୍କର ପୁଣି ବଦଳି ହେଇଛି ।

—କେଉଁଠିକି ?

—ତମର ଜାଣି ଲାଭ ନାହିଁ । ମତେ ମନେ ପକେଇବ ନାଇଁ ଆଉ ।

—ମାଳବିକା !!!

—ତମେ ସୌମ୍ୟ ହୋଇପାର ହୁଏତ; କିନ୍ତୁ କାହାରି କାନ୍ତ ହେବାପାଇଁ ତମ ନିକଟରେ ଯୋଗ୍ୟତା ନାହିଁ ଜମାରୁ ।

ଏକ କରୁଣାର ହସ ହସି ମାଳବିକା ଚଢ଼ିଲା ବସରେ । ବସ ଲୁଚିଗଲା ସୌମ୍ୟକାନ୍ତ ଆଖି ଆଗରୁ ମୁହୂର୍ତ୍ତେ ଭିତରେ । ଯେଉଁ ମାଳବିକା ଦିନେ ହଠାତ୍ ଆସି ଆପେ ପହଞ୍ଚିଥିଲା ସୌମ୍ୟକାନ୍ତ ଜୀବନରେ, ସେଇ ମାଳବିକା ପ୍ରତ୍ୟାବର୍ତ୍ତନ ବି କରିଥିଲା ଅତି ଆକସ୍ମିକ ଭାବରେ ।

ଆସିବାରେ ଯିଏ ବାଧା ଦେଇ ନଥିଲା ଯିବାରେ ପ୍ରତିବନ୍ଧକ ସୃଷ୍ଟି କରିବା ତା କ୍ଷମତା ବହିର୍ଭୂତ ।

ଆଉ କିଛି ଭାବି ପାରିବାର ଶକ୍ତି ନଥିଲା ସୌମ୍ୟକାନ୍ତର ।

ଗତିଶୀଳ ରାତିର ଛନ୍ଦରେ ଅନେକ ଅଶ୍ଳୀଳତାର ଗନ୍ଧ ।

ତା'ଆଖିରେ ନିଦ ନାହିଁ ।

ଶାନ୍ତି ନାହିଁ ।

ବାହାରେ ଫୁଟିଲା ଫୁଲର ରାତି ।

ନୀରବ ସନ୍ତୋଷରେ ପୃଥିବୀ ଶୋଇ ଯାଇଛି ଶିଶିର କୋଳରେ । ସେ କିନ୍ତୁ ଏତେଟା ଉତ୍ତପ୍ତର ଆମେଜ ନେଇ ବି ଶୋଇ ପାରୁନାହିଁ ।

ମନେ ମନେ ମିନତି କଲା ସୌମ୍ୟକାନ୍ତ—

'ହେ ଶିଶିର ! ଶାନ୍ତିଦିଅ ।'

କେବଳ ସୌଦାମିନୀଙ୍କର ଦେଖା ପାଇବା ଲୋଭରେ ସେ ଅଞ୍ଚଳକୁ ବାରମ୍ବାର ଗସ୍ତରେ ଯାଇଛନ୍ତି ସତ୍ୟେନ୍ଦ୍ର ନାରାୟଣ । କିନ୍ତୁ ଆଉ କେବେ ତାଙ୍କ ଭେଟି ନାହାନ୍ତି ।

ହଠାତ୍ ଥରେ—

ବାଲେଶ୍ୱର ରେଳ ଷ୍ଟେସନରେ ଦେଖା ହୋଇଗଲା ସୌଦାମିନୀଙ୍କ ସହ । ଟିକି ଝିଅଟିଏ ସାଙ୍ଗରେ ଧରି ସେ ଟ୍ରେନ୍‌ର ଅପେକ୍ଷା କରୁଥିଲେ ।

ତାଙ୍କ ନିକଟରେ ପହଞ୍ଚି ତାଙ୍କୁ ବିସ୍ମିତ କରିଦେଲେ ସତ୍ୟେନ୍ଦ୍ର ।

—ସୌଦାମିନୀ ଯେ ?

—ଭାଇ ଆସିଥିଲେ ଜିଦ୍ କରୁଥିଲେ ଅନେକ ମତେ ନେଇ-ଯିବା ପାଇଁ । ସପ୍ତାହେ ପରେ ଫିବାର ପ୍ରତିଶ୍ରୁତି ଦେଇ ତାଙ୍କୁ ଫେରାଇ ଦେଇଥିଲି । ତାପରେ ସଦ୍ଧମିନୀର ସ୍କୁଲ ଥିଲା । ଝିଅକୁ ଅନେଇ କହିଲେ ସୌଦାମିନୀ ।—ସେଇଥିପାଇଁ ବାହାରିଛି ବୁଲି ଆସିବି କିଛି ଦିନ ପାଇଁ ।

ଥରେ ସୌଦାମିନୀଙ୍କୁ ଚୃହିଁଲେ ସତ୍ୟେନ୍ଦ୍ର ।

ଆଉ ଥରେ ସଦ୍ଧମିନୀକୁ ।

ତାପରେ ସୌଦାମିନୀଙ୍କୁ ଅପେକ୍ଷା କରିବାକୁ କହି ବାହାରି ଗଲେ ପ୍ଲାଟ୍‌ଫର୍ମ ଛାଡ଼ି ।

କିଛିକ୍ଷଣ ପରେ ଫେରିଲେ ସତ୍ୟେନ୍ଦ୍ର ତିନୋଟି ପ୍ରଥମ ଶ୍ରେଣୀର ଟିକଟ ନେଇ ।

—ଆପଣ କ'ଣ ଗାଁକୁ ଫେରିବେ ?

—ହିଁ—

—କିନ୍ତୁ ଜିନିଷ ପତ୍ର କିଛି ତ ସାଙ୍ଗରେ ନାହିଁ ?

ପ୍ରକୃତରେ ଇତସ୍ତତଃ ହୋଇଗଲେ ସତ୍ୟେନ୍ଦ୍ର ନାରାୟଣ । ଗାଁକୁ ଯିବାପାଇଁ ତ ସେ ଆସି ନଥିଲେ । ସେ ଆସିଥିଲେ କୌଣସି ବନ୍ଧୁଙ୍କୁ

ରେଳ ଷ୍ଟେସନରେ ପାଗ୍ଲେଟି ନବା ପାଇଁ । ତଥାପି ନିଜର ଦୁର୍ବଳତା ପ୍ରକାଶ ନ କରି ଉତ୍ତର ଦେଲେ—

—ଦିନକର ମୋଟେ କଥା । ଜିନିଷପତ୍ର କିଛି ନହେଲେ ବି ଚଳିଯିବ ।

ଟ୍ରେନ୍ ଆସିଥିଲା ତାପରେ ।

ଆଉ ତୃତୀୟ ଶ୍ରେଣୀର ଟିକଟ କାଟିସୁଦ୍ଧା ସତ୍ୟେନ୍ଦ୍ରଙ୍କର ଅନୁରୋଧ କ୍ରମେ ସୌଦାମିନୀ ଉଠିଥିଲେ ପ୍ରଥମ ଶ୍ରେଣୀର ଗୋଟିଏ କମ୍ପାର୍ଟ-ମେଣ୍ଟରେ ।

ଅନେକ କ୍ଷଣଧରି ନୀରବ ରହିଲେ ଉଭୟ । ଅପମୃତ୍ୟୁ କରିଥିବା ଅତୀତର ଇତିବୃତ୍ତି ଅଣ୍ଡାଳିବାକୁ କେହି ସାହସ ପାଉ ନଥିଲେ ଯିମିତି । ଯିମିତିକି ଅତୀତର ପେଡ଼ି ଭିତରେ ମୋଡ଼ି ମାଡ଼ି ହୋଇ ଶୋଇଛି ବିଷଧର ଅଜଗର । ସେ ପେଡ଼ି ଯିଏ ଖୋଲିବ ତାକୁହିଁ ପ୍ରଥମ ଦଂଶିବ ନୀରବ ସେ ।

ଝିଅଟିକୁ ପୁଣିଥରେ ଚାହିଁଲେ ସେ ।

ସେଇ ମୁହଁରେ ସେ ଖୋଜୁଥିଲେ ସୌଦାମିନୀର ପ୍ରତିବିମ୍ବ । ଅବିକଳ ସେଇ ଦେହ । ସେଇ ମୁହଁ । ସେଇ ଚେହେରା ।

ନୀରବତା ଭଙ୍ଗକଲେ ସତ୍ୟେନ୍ଦ୍ର ।

—ସୌଦାମିନୀ !

—ଆଜ୍ଞା—

—ଝିଅ ପଢୁଛି କେଉଁ ଶ୍ରେଣୀରେ ?

—ଚତୁର୍ଥ ହେଲା ।

—କିମିତି ପଢୁଛି ?

ମୋଟେ ଭଲ ।—କ୍ଷୀଣ ହସ ହସି ଉତ୍ତର ଦେଲେ ସୌଦାମିନୀ ।

ସୌଦାମିନୀଙ୍କର ପାଠରେ ପାରଦର୍ଶିତା ବିଷୟରେ ଅଜ୍ଞ ଥିଲେ ସତ୍ୟେନ୍ଦ୍ର । ତଥାପି ନିଜର ଅଜ୍ଞତା ସୌଦାମିନୀଙ୍କ ନିକଟରେ ପ୍ରକାଶ ନ କରି ସଶବ୍ଦେ ମନ ଖୋଲି ହସିବାର ଅଭିନୟ କଲେ ସେ, ଯିମିତିକି ସୌଦାମିନୀ କିମିତି ପଢୁଥିଲେ ସେ ବୁଝୁଛନ୍ତି ।

—ଗୋଟାଏ ମିନତି କରିବ ସୌଦାମିନୀ ?

ଶୋଇଥିଲା ଝିଅ ଦେହରେ ଚଦର ଘୋଡ଼େଇ ଦଉ ଦଉ ବିସ୍ମୟରେ ଚାହିଁଲେ ସୌଦାମିନୀ ସତ୍ୟେନ୍ଦ୍ରଙ୍କ ମୁହଁକୁ—କି ମିନତି ସେ କରି ପାରନ୍ତି ?

—କିଛି କହିଲ ନାହିଁ ଯେ ?

—ଆପଣ କ'ଣ କହିବେ ପରା ?

—ଖରାପ ଭାବିବ ନାହିଁ ?

କିଛି କ୍ଷଣ ନୀରବ ରହି ପୁଣି ଆରମ୍ଭ କଲେ ସତ୍ୟେନ୍ଦ୍ର—ସୌମ୍ୟକାନ୍ତ ପାଇଁ ସୁଦାମିନୀକୁ ମୁଁ ମାଗିଲେ ଆପତ୍ତି କରିବ ?

—ବଡ଼ଘର ପୁଅ ପାଇଁ ବଡ ଘରେହିଁ ଝିଅ ଜନ୍ମ ହୋଇ ଥାଆନ୍ତି । ଏ ମନରଖା କଥା ମତେ ପୁଣି ଶୁଣଉଛନ୍ତି କାହିଁକି ?

ଯାହା ଯାଇଛି ଯାଉ ସୌଦାମିନୀ । ଆମର ଭାଗ୍ୟ ପ୍ରତିକୂଳ ହେଲା । ନିକଟକୁ ଆସିବାର ଶପଥ ନେଇକି ଦୂରେଇ ଗଲେ ଆମେ । ସୁଦାମିନୀକୁ ଦେଖିଲାବେଳୁ ମୁଁ ଅନେକ ଚିନ୍ତା କରୁଛି । ଆମର ଶପଥ ଆମର ରକ୍ତର ସନ୍ତକ ନିକଟରେ ପୂର୍ଣ୍ଣ ହଉ ।

—ଆପଣଙ୍କର ଇଚ୍ଛା ।

—ଆଉରି ଗୋଟିଏ କଥା—ମୋ ବୋହୂର ପାଳନ ଦାୟିତ୍ୱ ଆଜି ଠାରୁ ମୋର । ମନାକର ନାହିଁ ସୌଦାମିନୀ । ମୋ ପୁଅ ପାଇଁ ମୁଁ ଯାହାକୁ ବାଛିଛି ତାକୁ ନିଜେ ଗଢ଼ିବି ।

ହଠାତ୍ ଟ୍ରେନ୍ ଅଟକି ଯାଇଥିଲା ।
ପ୍ରଶ୍ନ କଲେ ସୌଦାମିନୀ—

—ଅଧବାଟରେ ଏ ଟ୍ରେନ୍‌ଟା ଅଟକିଲା କାହିଁକି ?—ଚାରି ଆଡ଼କୁ ଦୃଷ୍ଟି ଦୌଡ଼େଇଲେ ସତ୍ୟେନ୍ଦ୍ର । ଦିଓଟି ଷ୍ଟେସନ ମଝିରେ ଏକ ଜନହୀନ

ସ୍ଥାନରେ ଟ୍ରେନ ଅଟକି ଯାଇଛି । ହୁଏତ ଟ୍ରେନ୍‌ର ଚେନ୍ ଟାଣି ଦେଇଛି କେହି ।

ଶୈଳଶ୍ରୀ ଭବନରେ ବସି ବସି ଅନୁଭବ କରୁଥିଲେ ସତ୍ୟେନ୍ଦ୍ର —ତାଙ୍କ ଜୀବନର ଇମିତ କର୍ମମୁଖର ଗତିଶୀଳ ଟ୍ରେନ, ଦୁଓଟି ଷ୍ଟେସନ ମଝିରେ ଏକ ନିର୍ଜନ ଅପନ୍ତରିଆ ଇଲାକାରେ ହଠାତ୍ ଗତିହୀନ ହୋଇ ଅଟକି ଯାଇଛି ।

ଅନେକ ଡେରିରେ ଉଠିଲା ସୌମ୍ୟକାନ୍ତ ସେଦିନ । ଅଙ୍ଗେ ଅଙ୍ଗେ ତାର ଅଜସ୍ର ଅବଶତା ।

ଗତକାଲି ସରିଚି ସ୍ନେହଲତାର ବିବାହ । ଯିବା ନ ଯିବାର ଅନେକ ଦ୍ୱନ୍ଦ୍ୱ ଭିତରେ ପଡ଼ି ଅପେରା ପାର୍ଟିର ଉପନାୟକ ଅପମୃତ୍ୟୁ ବରଣ କଲାପରେ ପେଣ୍ଟିଂ ଛଡ଼ାଇ ନାୟକ-ନାୟିକାଙ୍କ ବିବାହରେ ଭଦ୍ରଲୋକ ସାଜିଲା ଭଳି ସ୍ନେହର ବିବାହରେ ଯୋଗଦେଇଛି ସୌମ୍ୟକାନ୍ତ । ସ୍ନେହ ଅନେକ ଥର ତାକୁ ଟିକିଏ ଦେଖିବାପାଇଁ ଡକେଇ ପଠେଇଥିଲେ ସୁଦ୍ଧା ସେ ଦେଖା କରି ପାରି ନାହିଁ ତାକୁ ।

ପୁଣି କାହିଁକି ତାର ମନେ ପଡ଼ୁଥିଲା ମାଳବିକାର ସ୍ମୃତି । ସେ ସିନା ମାଳବିକାର କାନ୍ତ ହେବା ପାଇଁ ଉପଯୁକ୍ତ ହେଇ ପାରିଲା ନାହିଁ । ଅନ୍ୟ କିଏ ଏ ଭିତରେ ତାର କାନ୍ତ ହେଇ ଯାଇଥିବ ନିଶ୍ଚୟ ।

ତାର ସେଇ ଶେଷ କଥା ପଦକ ସବୁବେଳେ ପ୍ରତିଧ୍ୱନିତ ହେଉଥିଲା ସୌମ୍ୟକାନ୍ତ କାନରେ—ତମେ ସୌମ୍ୟ ହେଇପାର ହୁଏତ; କିନ୍ତୁ କାହାରି କାନ୍ତ ହେବାପାଇଁ ତମ ନିକଟରେ ଆଦୌ ଯୋଗ୍ୟତା ନାହିଁ ।

ସେତେବେଳେ କିନ୍ତୁ ମାଳବିକା କ'ଣ କହିଲା ଆଉ କାହିଁକି କହିଲା ବୁଝିବାପାଇଁ ଇଚ୍ଛା କରି ବୁଝି ନଥିଲା ସେ ।

ସେଇଥିପାଇଁ ମାଳବିକା ଲେଉଟିବାର ସପ୍ତାହକ ପରେ ସେ ଧାଇଁ ଯାଇଥିଲା ଶ୍ରୀରାମପୁର ତାକୁ ଦେଖା କରିବା ଆଶାରେ ।

ଶ୍ରୀରାମପୁରରେ—ବୁଝିଲା ସୌମ୍ୟକାନ୍ତ ।

ମାଳବିକା ପରିବାର ସେଠୁ ପୁଣି ଚାଲି ଗଲେଣି । ହତବାକ୍ ସୌମ୍ୟକାନ୍ତ ଫେରିଲା ପଦେ ପଦେ —

—ମାତ୍ର ଗୋଟିଏ ଟଙ୍କାରେ ଭାଗ୍ୟ ପରୀକ୍ଷା କରନ୍ତୁ —

ଅଟକିଗଲା ସୌମ୍ୟକାନ୍ତର ପାଦ ।

—ଆପଣ ବିବ୍ରତ ମନେ ହେଉଛନ୍ତି । ବସନ୍ତୁ ଆଜ୍ଞା···ବସନ୍ତୁ ।

ସାମନା ରୁମ୍‌ଟିର ଗୋଟିଏ ବେଞ୍ଚ ଉପରେ ବସି ଚାହିଁଲା ସେ ତାକୁ ଲକ୍ଷ୍ୟକରି କହୁଥିବା ନାଲି ନଳୀପ୍ୟାଣ୍ଟ ପିନ୍ଧା ଭଦ୍ରଲୋକଙ୍କ ଆଡ଼କୁ ।

ଭଦ୍ରଲୋକ ପୁଣି ଉଚ୍ଚାରଣ କଲେ—

—ଏ ଦୋକାନ ଆଜ୍ଞା ଖୁଦିରାମ ହେଁସଙ୍କର । ଏଠି ବସିଲେହିଁ ଭାଗ୍ୟର ପରିବର୍ତ୍ତନ ହୁଏ । ଏ ପଟେ ଦେଖନ୍ତୁ ବିଭିନ୍ନ ଚଉଦଟି ରାଜ୍ୟର ଲଟାରୀ ଟିକଟ । ଯାହାକଥା ଆପଣ ସବୁବେଳେ ଭାବନ୍ତି ତାଙ୍କୁହିଁ ସ୍ମରଣ କରି ଅନ୍ତତଃ ଗୋଟିଏ ଟିକଟ କାଟି ପକାନ୍ତୁ । ମାତ୍ର ଗୋଟିଏ ଟଙ୍କା ।

— ଆପଣଙ୍କୁ···

—ନମସ୍କାର ଆପଣ ଚିହ୍ନି ନାହାନ୍ତି । ଏ ଅଧମକୁ ଦାସ ଏସ୍: କେ: କହନ୍ତି । ଅବଶ୍ୟ ଆମେ ଗୁଣ୍ଡା ।

ଗୁଣ୍ଡା ! ସ୍ୱଗତୋକ୍ତି କରି ଚମକି ଉଠିଲା ସୌମ୍ୟକାନ୍ତ । ଏଇଟା ଆଉ ପକେଟମାରୁ ନୁହେଁତ ? ପାଖରେ କିନ୍ତୁ ଦି ତିନୋଟି ଭଦ୍ରଲୋକ ବସିଛନ୍ତି ।

ପୁଣି ସେ ଭଦ୍ରଲୋକ ପଚାରିଲେ ।

—ଆପଣଙ୍କର ଶୁଭ ନାମ ?

—ସୌମ୍ୟକାନ୍ତ ।

—ସୌମ୍ୟକାନ୍ତ ! ବାଃ ଚମତ୍କାର ନାଁ । ଝିଅଏ ଶୁଣିଲେ ଗୁଣଆଁ ହୋଇଯିବେ । ଆପଣଙ୍କ ନାଁଟା ବି ଆରମ୍ଭ 'ଏସ୍'ରେ । ମୋ ନାଁ ସେଇ ଏସ୍'ରେ । ଆଉ ଏ ଗୁମୁଟୀ ଭିତରେ ହେଁସଘାଙ୍କୁ ଗୁଡ଼ ଦଉଛି ଲେଡ଼ିଜ୍ ସୁଦ୍ଧ ପିନ୍ଧି ଯେଉଁ ଭଦ୍ରଲୋକ ବସିଛନ୍ତି ତାଙ୍କ ନାଁର ଆଦ୍ୟ ଅକ୍ଷର 'ଏସ୍' । ତାଙ୍କର' ବି ଆଦ୍ୟାକ୍ଷର 'ଏସ୍' । ଭଗବାନ କରନ୍ତୁ ଆପଣ ଯାହାପାଇଁ ଅନ୍ୟମନସ୍କ ତାଙ୍କ ନାଁର ପ୍ରଥମ ଅକ୍ଷର ବି 'ଏସ୍' ହୋଇଥାଉ ।

ଲୋକଟା ସ୍ୱାଭାବିକ ଭାବେ ଅଭଦ୍ର । ଉଠି ଆସିଲା ସୌମ୍ୟକାନ୍ତ ଗୁମୁଟିରୁ ।

ତଥାପି ଲୋକଟି ତୁନ ହୋଇ ନଥିଲା ।

ତାର ଶେଷ କଥା କେଇପଦ ପ୍ରତିଧ୍ୱନିତ ହେଉଥିଲା ସୌମ୍ୟକାନ୍ତ କାନରେ ।

—ବିଶ୍ୱାସ କରନ୍ତୁ ଆଜ୍ଞା ପୃଥିବୀର ପ୍ରତ୍ୟେକ ରୂପବାନ ରୂପବତୀ ପୁଅ ଝିଅଙ୍କର ନାମ ଆରମ୍ଭ ହୁଏ 'ଏସ୍' ଅକ୍ଷରରେ । ଯଥା ସାଧନା, ଶର୍ମିଳା, ସୁପ୍ରିୟା, ଶଶୀକପୁର, ସଞ୍ଜୟ, ଶିଶିର ମଣ୍ଡଳ, ଶରତ ଦାସ···

ଯାହାକୁ ସୌମ୍ୟକାନ୍ତ ଚାହିଁଥିଲା ତାକୁ ହଜେଇଥିଲା ସେ ସେଦିନ । ଆଉ ଯିଏ ତାକୁ ଚାହିଁଥିଲା ନିଜେହିଁ ସେ ହଜି ଯାଇଛି ଗତ ରାତିରେ ।

ରାଇରଙ୍ଗପୁର ସେ ମାଳ ନଳୀପ୍ୟାଣ୍ଟ ପିନ୍ଧା ଭଦ୍ରଲୋକ ଜଣକ କାମନା କରୁଥିଲେ ତା ମନର ପ୍ରଜାପତିର ନାମ 'ଏସ୍'ରେ ଆରମ୍ଭ ହୋଇଥାଉ । ସେ ସେତେବେଳେ ହୁଏତ ଭବିଷ୍ୟତ ବାଣୀ କରିଥିଲେ ।

ଥିଲାବେଳେ ଯାହାର ମୂଲ୍ୟ ମଣିଷ ବୁଝିପାରେ ନାହିଁ ହଜିଗଲା ପରେ ତାକୁ ସେ ଅମୂଲ୍ୟ ମନେକରେ ।

ଏଇ ପ୍ରାୟ ଚାଲିଥିବ ସ୍ନେହ ବିଦାହୋଇ ଯିବାର ପ୍ରସ୍ତୁତିପର୍ବ । ଶାଶୁ ଘରେ ବୋହୂ ହବ ବାପଘର ଝିଅ । ଏ ସହର ମାୟା ଛାଡ଼ି ସ୍ନେହ ଚାଲିଯିବ ।

ସୌମ୍ୟକାନ୍ତର ହଠାତ୍ ମନେ ହେଲା ତା ଅଙ୍ଗରେ ଅଜସ୍ର ଅବଶତା ଯିମିତି ମନକୁ ତାର ସଂକ୍ରମିତ ହେଇ ଯାଉଛନ୍ତି କ୍ରମଶଃ ।

ଶୈଳଶ୍ରୀଙ୍କର ସେଇ ତୈଳଚିତ୍ର ଉପରେ ଜମି ରହିଥିଲା ସତ୍ୟେନ୍ଦ୍ରଙ୍କର ଆଖି । ଶୈଳଶ୍ରୀଙ୍କୁ କୈଫିୟତ ଦେବା ଢଙ୍ଗରେ ଚାହିଁ ରହି ଥିଲେ ସେ ।

ଏତେଦିନ ଧରି ମୁଁ ତୁମକୁ ଗୋପନ ରଖିଛି ଶୈଳ । ଜୀବନର ସୁଦୀର୍ଘ ଚଲାପଥରେ ମୁଁ ପୁଣି ସନ୍ଧାନ ପାଇଥିଲି ସୌଦାମିନୀର । ହାତରେ ତାର ଶଙ୍ଖା ନଥିଲା । ନଥିଲା ମଥାରେ ସିନ୍ଦୂର ।

ତା'ର ଝିଅ ସଂଘମିତ୍ରା ।

ଅନେକ ଦିନ ତଳେ ସଂଘମିତ୍ରାକୁ ଦେଖିଥିଲି ମୁଁ । ତାକୁ ମାଗିଥିଲି ସୌମ୍ୟକାନ୍ତ ପାଇଁ । ରାଜିହେଲା ସୌଦାମିନୀ । ସେଇଦିନ ପାଖରୁ ସୌଦାମିନୀର ସବୁଭାର ମୁଁ ଗ୍ରହଣ କରିଥିଲି । ମୋ ଅନୁରୋଧରେ ସୌଦାମିନୀ ଆସୁଥିଲା ମାସରେ ଥରେ ବା ଦି'ଥର । ସଂଘମିତ୍ରାର ସ୍କୁଲଖର୍ଚ୍ଚ ପୋଷାକପତ୍ର ଇତ୍ୟାଦି ମୁଁ ପଠାଏ ତା ହାତରେ । ତମ ସୌମ୍ୟକାନ୍ତର ଜୀବନ ସାଥିନୀ ଯିଏ ହେବ ତାକୁ 'କିଛି ନାହିଁ'ର ଆର୍ତ୍ତନାଦ ଭିତରେ ସଢ଼ିବ ମୁଁ କମିତି ଛାଡ଼ି ଦେଇଥାନ୍ତି କହିଲ ?

ଏ ପ୍ରସ୍ତାବ ପାଉଛୁ ତ ମନକୁ ତମର ?

ସଙ୍ଘମିତ୍ରା ପ୍ରଥମ ବାର୍ଷିକ କଳା ଶ୍ରେଣୀ ଯ.ଏ ପଢ଼ିଛୁ । ଲେଖିଛୁ ସୌଦାମିନୀ, ଏଇ 'କାଲମୁଁ ତା' ଚିଠି ପାଇଲି, ସେ କୁଆଡ଼େ ଅପେକ୍ଷା କରି କରି ଅତିଷ୍ଠ ହୋଇ ଉଠିଲିଣି ।

ଆସନ୍ତା ଫାଲ୍‌ଗୁନରେ ମୁଁ ତାକୁ ତଥି ଦେଇଛୁ ।

ତମେ ପାଖରେ ଥିଲେ ଆଜ ଦେଖିଥାନ୍ତ ଶୈଳ । କେତେ କ'ଣ କରିବାର ବରାଦ ଦେଇ ଥାଆନ୍ତ । ତମ ବରାଦ ଅନୁସାରେ କିଛି କରିବାର ସୌଭାଗ୍ୟ ମୋର ନାହିଁ ।

ଏଇ କାନ୍ଦିବେ ବୋଧହୁଏ ସତ୍ୟେନ୍ଦ୍ର ନାରାୟଣ । ଉତ୍ତର ଜୀବନରେ ତାଙ୍କ ଆଖିର ଏ ଅଶ୍ରୁ ତାଙ୍କ ଅସହାୟତାର ସ୍ମାରକୀ ।

କଳ୍ପନା ବହିର୍ଭୂତ ସତ୍ୟେନ୍ଦ୍ରଙ୍କର ଜୀବନ କାହାଣୀ ଅଶ୍ରୁଳ ହେବାକୁ ବସିଥିଲା । ଆଖିରୁ ଲୁହ ପୋଛୁଲେ ସେ । ତାଙ୍କ କାହାଣୀରେ ଆଉ ଭାଷା ନାହିଁ । ରଙ୍ଗ ଅଭାବରୁ ଲିପି ତା'ର ଅସ୍ପଷ୍ଟ ।

ଶୈଳଶ୍ରୀ ଭବନ ଭିତରକୁ ପଶି ଆସୁଛି ଦମକା ଦମକା ଶୀତର ବନ୍ୟା । ଭାବନା ବନ୍ଦ ହେଇଗଲା ସତ୍ୟେନ୍ଦ୍ରଙ୍କର ।

ଦେହରେ ତାଙ୍କର ଗତାୟୁର ଶିଥିଳତା ।

ପ୍ରୌଢ଼ତ୍ୱର ସ୍ଥବିର ସ୍ଥିରତା ।

ରଙ୍ଗଛଡ଼ା କାହାଣୀରେ ଅନେକଟା ଭାଷାହୀନ କଥା ।

ଏ ମନର ଯେତେ ବ୍ୟଥା; ଅକୁହା ଯେତେକ କଥା, ଅନ୍ୟ ନିକଟରେ ପ୍ରକାଶ କଲେ ଆଶ୍ୱସ୍ତି ଲାଗେ ଅନେକଟା ।

ମାଳ ନାହିଁ ।
ନାହିଁ ସ୍ନେହ ।

ଆସିବାର ପଥରେ ବାହୁଡ଼ି ଯାଇଛନ୍ତି ଉଭୟେ । ସାହାରାର ବି ଆଉ ଦେଖା ମିଳୁନାହିଁ । ତା ଆଗରେ କିଛିଟା ଅନ୍ତର ଖୋଲି ନିଜ ମନକୁ କିଞ୍ଚିତ୍ ଶାନ୍ତ କରି ନବାକୁ ଚାହୁଁଥିଲା ସୌମ୍ୟକାନ୍ତ ।

ସ୍ନେହ କଥାର ଅବତାରଣା କରୁ କରୁ ସେଦିନ ଆଖିରେ ସ୍କାର୍ଫ ଘୋଡ଼େଇ ଚାଲି ଯାଇଛି ସାହାରା । ଆଉ ଆସିନାହିଁ । ଦିନ କେଇଟା ସୌମ୍ୟକାନ୍ତର ଆତିଥ୍ୟ ଗ୍ରହଣ କରି ଥିବାରୁ ତା ପାଖକୁ ଆସିବାଟା ସାହାରାର କର୍ତ୍ତବ୍ୟ ବୋଲି ଭାବି ନାହିଁ ସୌମ୍ୟକାନ୍ତ । କାମର ଜଞ୍ଜାଳରେ ସେ ଆସି ପାରି ନାହିଁ ହୁଏତ ।

ସାହାରା ପାଇଁ ଦରଦ ଆସୁଥିଲା ସୌମ୍ୟକାନ୍ତ ମନରେ । ତା ସ୍କୁଲକୁ ଯାଇ ନିଜେ ତାକୁ ଦେଖା କରି ଆସିଲେ ମନ୍ଦ ହୁଅନ୍ତା ନାହିଁ ଅବଶ୍ୟ ।

ବାଳିକା ବିଦ୍ୟାଳୟର କୌଣସି ନବ ନିଯୁକ୍ତା ଶିକ୍ଷୟିତ୍ରୀଙ୍କୁ ଦେଖା କରିବା ପାଇଁ ଯାଉଛି ସୌମ୍ୟକାନ୍ତ । ନିଜର ହ୍ୱଗତୋକ୍ତି ନିଜକୁ ପରିହାସ ଜନକ ମନେହେଲା ତା'ର ।

ହାତ ଘଣ୍ଟା ଉପରେ ନଜର ପକେଇଲା ସେ । ଦଶଟା ବାଜିବାକୁ ଆହୁରି କୋଡିଏ ମିନିଟ ବାକି । ବର୍ତ୍ତମାନ ନଗଲେ ଆଉ କିଛି ସମୟ ପରେ ଝିଅଙ୍କର ଭିଡ଼ ଆରମ୍ଭ ହେଇଯିବ ।

ସାଇକେଲ୍‌ରେ ଉଠିଲା ସେ ।

—ମାସେ ଖଣ୍ଡେ ତଳେ ଜଣେ ନୂଆ ଦିଦି ଆସିଛନ୍ତି ଏ ସ୍କୁଲକୁ ନା ?

—ଆଜ୍ଞା—ସନ୍ଧମିତା ଦିଦି ।

—ସଙ୍ଘମିତ୍ରା ନୁହେଁ ସାହାନ୍—ସ୍କୁଲ ପିଅନର କଥାର ସଂଶୋଧନ କଲା ସୌମ୍ୟକାନ୍ତ ।

—ସାହାନ୍ ଦିଦି ତ ଏଠି କେହି ନାହାନ୍ତି । ମାସେ ତଳେ ଆସିଥିଲେ ସଙ୍ଘମିତ୍ରା ଦିଦି । ସେ ବି ଚାଲି ଗଲେଣି ।

—ଚାଲି ଗଲେଣି ?

—ଆପଣ ସୌମ୍ୟକାନ୍ତ ବାବୁ ?

ସମ୍ମତି ଜଣେଇଲା ସୌମ୍ୟକାନ୍ତ ।

ସାର୍ଟ ପକେଟରୁ ଲଫାପାଟିଏ ବାହାର କରି ବଢ଼େଇ ଦେଲା ପିଅନଟି ।

—ଦିଦି ଗଲାବେଳେ କହିଥିଲେ ସୌମ୍ୟକାନ୍ତ ବାବୁ କେହି ଆସି ତାଙ୍କୁ ଖୋଜିଲେ ଚିଠିଟା ଦେଇ ଦେବା ପାଇଁ ।

ଚିଠିଟା ତା ହାତରୁ ନେଇ ସାଇକେଲ୍ ଫେରେଇଲା ସୌମ୍ୟକାନ୍ତ ।

ବସାରେ ଝରକା ଖୋଲି କିଛି ସମୟ ତଳର ଅନ୍ଧାରକୁ ଦୂର କରିଦେଲା ସୌମ୍ୟକାନ୍ତ ।

ଲେଖିଥିଲା ସଙ୍ଘମିତ୍ରା—

ତମେ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ସତ୍ୟେନ୍ଦ୍ର ନାରାୟଣଙ୍କର ଏକ ମାତ୍ର ସନ୍ତାନ—ଜାଣିଲେ ବିସ୍ମିତ ହବ— ମୁଁ ଜାଣିଥିଲି ପରରୁ ଏ କଥା । ଚାକିରି ସନ୍ଧାନରେ ଯାଇ ଆରବ ଉପନ୍ୟାସ ନାୟିକା ଭଳି ରାତି ଅଧରେ କାହା ଦରଜାରେ କରାଘାତ କରିବା ନିତାନ୍ତ ଅବାସ୍ତବ କଥା । ଅବଶ୍ୟ ସେଦିନ ବସ ଲେଟ୍ ଥିଲା । ତମ ବସାର ଠିକଣା ଅନୁଗମନ କରି କରି ମାର୍କେଟ ପାଖରୁ ସେଇ ବର୍ଷଣ ମୁଖର ନିଶାର୍ଦ୍ଧରେ ଆସି ମୁଁ ପହଞ୍ଚିଲି ବସାରେ ତମର । ତମେ ଆଶ୍ଚର୍ଯ୍ୟ ହବ ତମ ଠିକଣା ମୁଁ ପାଇଲି କୋଉଠୁ । ସତ କଥା ଜାଣିଲେ ବୋଧହୁଏ ଆହୁରି ଆଶ୍ଚର୍ଯ୍ୟ ହେବ । ଠିକଣା ମତେ ମା' ଦେଇଥିଲା । ଚାକିରି କରିବା ମୋର ଯେତେ

ଆକାଂକ୍ଷିତ ନଥିଲି ତା ଠାରୁ ଅଧିକ ଆକାଂକ୍ଷା ଥିଲି ତୁମକୁ ଦେଖିବାରେ । କାରଣ ଜାଣିଛ ? ଜୀବନର ଚଲାପଥରେ ବେଶ୍ କିଛି ଦୂର ଆଗେଇଲି ପରେ ମୁଁ ଆକସ୍ମିକ ଭାବେ ମା' ନିକଟରୁ ଜାଣିବାକୁ ପାଇଥିଲି ସେ ମୁଁ ତୁମ ଲାଗି ବାକ୍‌ଦତ୍ତା । ତମ ବାପାଙ୍କର ସହାନୁଭୂତିର ବୋଝରେ ବୋଝିଲ ଆମେ ।

ପୁରୁଷ ଖୁବ୍ ସହସ୍ଥ । ତମେ ଯାହା ସହି ଆସିଛ ଅନ୍ୟେ ନିଭେଇ ଆସିଛ । ତେଣୁ ମୋ ବିଷୟରେ ଆଉ ପଦେ ସତ କଥା ତମକୁ ଜଣେଇବା ଲାଗି ପ୍ରବଳ ଇଚ୍ଛା ହେଉଛି । ବାରିପଦାରୁ ଆସିବା ପୂର୍ବରୁ ଦିନେ ତମ ପାଖକୁ ଯାଇଥିଲି—ମନେ ଅଛି ? କାହାର ଅଜାଣତରେ ତାକୁ କେମିତି ଭଲ ପାଇବା କଥାର ଉଲ୍ଲେଖ କରିଥିଲ ତମେ । ସେ ଦିନ ମୁଁ ନିଜକୁ ଭାରି ଦୁର୍ବଳ ମନେ କରିଥିଲି । କାରଣ ଜାଣିଚ ? ମୁଁ ବି ସିମିତି କାହାରିକୁ ତାଙ୍କ ଅଜାଣତରେ ଭଲପାଇ ବସିଥିଲି । ସିଏ କିନ୍ତୁ ପୁରୁଷ ନଥିଲେ । ଥିଲେ ପଥର । ସେଇ ପଥର—ବୁଡ଼ିଯିବା ଯାହାର ଧର୍ମ ।

ସେ ଥିଲେ ସମୁଦ୍ର । ଉପନଦୀର ଜଳ ନଦୀରେ ମିଶେ । ନଦୀ ସମୁଦ୍ରରେ । କିନ୍ତୁ ସମୁଦ୍ରରେ ? ସେ କେଉଁଠି ମିଶେ କେହି ଜାଣିନ୍ତି ନାହିଁ । ଅତଳ, ଅଥଳ ସମୁଦ୍ର ।

ମୁଁ ତାଙ୍କୁ ଅନେକ ବେଶୀ ଭଲ ପାଇଲି । ସେ ଭଲ ପାଇବା ଥିଲା ଏକତରଫା । ସେ ମୋ ଭଲ ପାଇବା କଥା ଜାଣିଥିଲେ କି ନା ମୁଁ ଜାଣି ନଥିଲି; କିନ୍ତୁ ଏ କଥା ତାଙ୍କୁ ଜଣେଇ ପାରିବା ପୂର୍ବରୁ ସେ ଚାଲି ଯାଇଥିଲେ । ତମ ମାଳବିକା ଗତ କାଲି ଯାଇଛି । ଆସନ୍ତାକାଲି ହୁଏତ ଫେରି ଆସିପାରେ । ସେ କିନ୍ତୁ ଫେରିବେ ନାହିଁ—ଏ ବିଷୟରେ ମୁଁ ନିଶ୍ଚିତ । କାରଣ ସେ ଯେଉଁଠିକି ଯାଇଛନ୍ତି ସେଠୁ କେହି କେବେ ଫେରି ନାହିଁ ।

ଅନ୍ୟର ଅଗୋଚରରେ କାନ୍ଦିଥିଲି ମୁଁ । ହାତରୁ କାଚ ଖସେଇ ବାରିପଦା ଆସିଲି ଯାଏ ନିଜ ମନକୁ ସାନ୍ତ୍ୱନା ଦେଉଥିଲି । ବୋଉ

ପଗ୍ଗରଲ ଦିନେ କାଚ ନ ପିନ୍ଧିବା କଥା । ଦିଦିଙ୍କ ମୁଣ୍ଡରେ ଅଠାବୋଳ ଖସିଥିଲ ସେ ଦିନ । ଝିଅବେଳୁ ଗୁଡ଼ାଏ କାଚ ପିନ୍ଧି ହାତକୁ ଭାରି କରିବା କଥା କୋଉ ଶାସ୍ତ୍ରରେ ଉଲ୍ଲେଖ ନାହିଁ । ତାପରେ ଡ଼ିଲ୍ କଲାବେଳେ ବା ଖେଳିଲା ବେଳକୁ ଚୁଡ଼ି ସବୁ ଅସୁବିଧାର ମୂଳହୁଏ । ମା' ହୁଏତ ବୁଝିଗଲା । ମୁଁ କିନ୍ତୁ ନିଜକୁ ବୁଝେଇ ପାରି ନଥିଲି । ପାଠ ଗୁଡ଼ିଲା ବେଳକୁ ମା' ମତେ ତମ କଥା କହିଲା । ତମକୁ ଦେଖିବାର ଉଦ୍ଦେଶ୍ୟ ମୋର ଥିଲା ମୁଖ୍ୟ । ଗୃହକର୍ମ ଗୌଣ ।

ତମକୁ ଦେଖିଲି । କିନ୍ତୁ ହାୟ ! ତାଙ୍କୁ ଦେଖିବା ଆଗରୁ ତମକୁ ଦେଖିବାର ସୌଭାଗ୍ୟ ମୋର ହୋଇଥାନ୍ତା । ଆଜି କେବଳ ମୋ ପାଖରେ ଦେହ ଅଛି । ମନ ନାହିଁ । ହଜି ଯାଇଥିବା ମନ ନେଇ ତମଭଳି କୌଣସି ସରଳ ବିଶ୍ୱାସୀ ଲୋକକୁ ଠକେଇବାରେ କିଛି ମାନେ ହୁଏ ନାହିଁ ।

ତମେ ମାଳବିକାକୁ ଭୁଲିବାର ଚେଷ୍ଟାଭିତରେ ମୋର ଦି'ଦିନଆଁ ସ୍ମୃତିକୁ ଭୁଲିଯିବ ।

ଏତିକି ଅନୁରୋଧ ତୁମକୁ ।

*  *  *  *

ଅବସନ୍ନ ମନନେଇ ଅନୁଭବ କରୁଥିଲା ସୌମ୍ୟକାନ୍ତ—ଥର ଥର କରି ପାଇବାର ଉଲ୍ଲାସ ଭିତରେ ଅତି ଆପଣାର ଜିନିଷ ସେ ନିଜ ଅବଜ୍ଞା କ୍ରମେ ହଜାଇ ଦେଇଛି ।

ରାଇରଙ୍ଗପୁର
୨, ଡିସେମ୍ବର, ୧୯୬୯

"ପ୍ରିୟତମା ଯୋସେଫାଇନ,

ତୁମେ ଏଇଭଳି ଏକ ପ୍ରେମରେ ମତେ ଉନ୍ମାଦ କରି ଦେଇଛ ଯେ ମୁଁ ମୋ ବୁଦ୍ଧିବୃତ୍ତି ସଂପୂର୍ଣ୍ଣ ହରାଇ ବସିଛି । ମୁଁ ଖାଇ ପାରୁନି, ଶୋଇ ପାରୁନି, ବନ୍ଧୁ ମେଳରେ ବନ୍ଧୁ ହୋଇ ପାରୁନି । ଖ୍ୟାତି ମୋ ଦୃଷ୍ଟିରେ ଅର୍ଥହୀନ ହୋଇ ପଡ଼ୁଛି । ଯୁଦ୍ଧରେ ମୋର ଜୟଲାଭ ତୁମକୁ ଆନନ୍ଦିତ କରେ—ସେଇଥିପାଇଁ କେବଳ ଏ ଯୁଦ୍ଧ ମୋ ଲାଗି ଏପର୍ଯ୍ୟନ୍ତ ଅର୍ଥ ହରାଇ ନାହିଁ । ତା ନହେଲେ ମୁଁ ଦଉଡ଼ି ଚାଲି ଯାଆନ୍ତି ପ୍ୟାରି ନଗରୀକୁ ଏବଂ ଲୋଟିପଡ଼ନ୍ତି ତୁମ ପାଦତଳେ ।

ଅସୀମ ପ୍ରେମରେ ତୁମେ ମୋ ଜୀବନକୁ ଭରି ଦେଇଛ । ତୁମ ପ୍ରେମର ସମ୍ମୋହନରେ ତୁମେ ମୋତେ ଉନ୍ମାଦ କରି ଦେଇଛ । ତୁମ ଚିତ୍ରପଟକୁ ନ ଦେଖି, ତାକୁ ଅଜସ୍ର ଚୁମ୍ବନରେ ଭରି ନ ଦେଇ ମୁଁ ଘଣ୍ଟାଏ ମାତ୍ର ବଞ୍ଚି ପାରୁନି ।"

## ଅନ୍ତରାଳର ନାୟିକା

ଯୁଦ୍ଧକ୍ଷେତ୍ରରୁ ଯୋଦ୍ଧାର ଏ ପ୍ରଣୟ ଚିଠାଉ । କି ରକମର ଯୋଦ୍ଧା ସେ ? ଆଉ କି ପ୍ରକାର ଯୁଦ୍ଧ ବା ସେ କରିପାରେ ? କହିଲେ ହୁଏତ ବିଶ୍ୱାସ କରି ହେବନି—କିନ୍ତୁ ଏ ଚିଠି ସତରେ କୌଣସି କୌଣସି ଏକ ଖିରୁ ଷ୍ଟେଣ ସୈନିକର ନୁହେଁ,ଏ ଚିଠି ସେଇ ଯୋଦ୍ଧାର, ଯାହାର ଅଭ୍ୟୁଦୟ ସାରା ୟୁରୋପରେ ଏକ ପ୍ରଳୟଙ୍କରୀ ଭୂକମ୍ପ ସୃଷ୍ଟି କରି ସମସ୍ତଙ୍କୁ ସ୍ତବ୍ଧ କରି ଦେଇଥିଲା । ଏ ଚିଠି, ଇତିହାସର ସେଇ ବିସ୍ମୟ ନେପୋଲିଅନଙ୍କ ଚିଠି ।

ଯୁଦ୍ଧକ୍ଷେତ୍ରରୁ ଦିନକୁ ଗୋଟିଏ କରି ଏଇଭଳି ଚିଠି ନେପୋଲିଅନ ଯୋସେଫାଇନଙ୍କୁ ଲେଖନ୍ତି । ୧୯୩୩ ସାଲରେ ଏହିପରି ଆଠଟି ପତ୍ର ଲଣ୍ଡନ ସହରରେ ୪୦୦୦ ପାଉଣ୍ଡ ଦରରେ ନିଲାମରେ ବିକି ହୋଇଗଲା ।



କିନ୍ତୁ କିଏ ଏ ଅସାମାନ୍ୟା ଯୋସେଫାଇନ୍, ଯାହାଙ୍କ ଲାଗି ନେପୋଲିଅନଙ୍କ ସମରବିଳାସୀ ହୃଦୟରେ ପ୍ରେମର ଏ କୂଳପ୍ଲାବିନୀ ବନ୍ୟା ସୃଷ୍ଟି ହୋଇଥିଲା ?

ଯୋସେଫାଇନ ଅସାମାନ୍ୟା ନୁହେଁ । ସେ ଏକାନ୍ତଭାବେ ସାମାନ୍ୟା । ଗୋଟିଏ ଧୀବର ବସତିରେ ଦରିଦ୍ର କନ୍ୟା ଯୋସେଫାଇନର ଜନ୍ମ । ନେପୋଲିଅନଙ୍କଠାରୁ ବୟସରେ ସେ ଛ'ବର୍ଷ ବଡ଼ । ସେମାନଙ୍କ ପ୍ରଥମ ସାକ୍ଷାତ ବେଳେ ଯୋସେଫାଇନଙ୍କ ବୟସ ତେତିଶି, ନେପୋଲିଅନ ମାତ୍ର ସତେଇଶ ବର୍ଷର ଯୁବକ । ଯୋସେଫାଇନଙ୍କ ସେମିତି କିଛି ଶାରୀରିକ ଐଶ୍ୱର୍ଯ୍ୟ ବି ନଥିଲା । ଫରାସୀ ବିପ୍ଳବୀମାନଙ୍କ ହାତରେ ସ୍ୱାମୀ ନିହତ ହେଲା-ପରେ ବିଧବା ଯୋସେଫାଇନ ଦୁଇଟି ସନ୍ତାନର ଦାୟିତ୍ୱ ମୁଣ୍ଡାଇ ଏତେବଡ଼ ପୃଥିବୀରେ ନିଜକୁ ସାହା ଭରସାହୀନ ଆବିଷ୍କାର କରି ଖୁବ ଅସହାୟ ମନେ କଲେ । ଦିନକୁଦିନ ଋଣଭାର ବଢ଼ିବାକୁ ଲାଗିଲା । କିନ୍ତୁ ଯୋସେଫାଇନଙ୍କ ଗୋଟିଏ ଫଳପ୍ରଦ ଯୋଗ୍ୟତା ଥିଲା—ସେ ହେଲା ପୁରୁଷ ମନକୁ ଖେଳାଇ ଜାଣିବା । ଚତୁରା ଯୋସେଫାଇନ ଖୁବ୍ ଶୀଘ୍ର ବୁଝିପାରିଲେ ଭାଗ୍ୟର ଏ ଅଠାକାଠିରୁ ମୁକୁଳିବା ପାଇଁ ଗୋଟିଏ ମାତ୍ର ଉପାୟ ହେଲା ସ୍ୱାମୀଟିଏ ଯୋଗାଡ଼ କରିବା । ସୁତରାଂ ସେ ଗୃହଆଡ଼େ ଶିକାରୀ ଦୃଷ୍ଟି ଖେଳାଇ-ବାକୁ ଲାଗିଲେ ଏବଂ ସେ ଦୃଷ୍ଟିରେ ଧରାପଡ଼ିଗଲେ ତରୁଣ ନେପୋଲିଅନ ।

ଯୋସେଫାଇନ ଓ ନେପୋଲିଅନଙ୍କ ପ୍ରଥମ ସାକ୍ଷାତ—ନେପୋଲିଅନଙ୍କ ପାଇଁ ସେଥିରେ କେତେ ମାତ୍ରାରେ ରୋମାଞ୍ଚ ଭରି ରହିଥିଲା କେଜାଣି ଚତୁରା ଯୋସେଫାଇନଙ୍କ ପାଇଁ ସେ ଥିଲା କେବଳ ଏକ ଶୀତଳ ହିସାବ କିତାବ । ଯୁଦ୍ଧରୁ ସଦ୍ୟ ଫେରିଥାନ୍ତି ନେପୋଲିଅନ ସଂକ୍ରାମକ ଚର୍ମ-ରୋଗରେ ଆକ୍ରାନ୍ତ ହୋଇ ଏବଂ ସେଥିରୁ ମୁକ୍ତି ପାଇବା ପାଇଁ ଲଣ୍ଡିତ ମୁଣ୍ଡ ହୋଇ ପଡିଥାନ୍ତି । ନିଜର ବାରବର୍ଷର ପୁଅକୁ ନେପୋଲିଅନଙ୍କ ପାଖକୁ

ପଠାଇଲେ ଯୋସେଫାଇନ । ପିତୃହୀନ ଅନାଥ ଶିଶୁର କାରୁଣ୍ୟ ନେଇ ସେ ନେପୋଲିଅନଙ୍କଠାରୁ ଭିକ୍ଷାକଲି ନିଜ ମୃତ ପିତାଙ୍କ ତରବାରି । ନେପୋଲିଅନ ସ୍ୱାଭାବିକ ସ୍ୱୀକୃତି ଦେଲେ । ପରଦିନ ନିଜର ଅପରୂପ୍ୟମାନ ତାରୁଣ୍ୟର ଦେହ ସମ୍ଭାରକୁ ଯଥାସମ୍ଭବ ଲୋଭମୟ କରି ତୋଳି ଯୋସେଫାଇନ ନେପୋଲିଅନଙ୍କ ପାଖରେ ପହଞ୍ଚିଲେ ଧନ୍ୟବାଦ ଦେବା ବାହାନାରେ । ଆଖିରେ ତାଙ୍କ ଲୁହ—ଛଳନାମୟୀ ଅଭିନେତ୍ରୀର ପ୍ରତାରଣା ଅଶ୍ରୁ ।

ଏବଂ ବିଶାଳହୃଦୟ ନେପୋଲିଅନଙ୍କ ସମ୍ବେଦନା ଅସୀମ ।

ଯୋସେଫାଇନଙ୍କ ଚୁମ୍ବକୀୟ ବ୍ୟକ୍ତିତ୍ୱର ଅସାଧାରଣ ମାଦକତାରେ ସମ୍ମୋହିତ ହୋଇ ପଡ଼ିଲେ ନେପୋଲିଅନ । ତାଙ୍କର ଆଉ ବୁଝିବାକୁ ବାକି ରହିଲା ନାହିଁ ଯେ ସାମାଜିକ ସିଡ଼ିରେ ଯୋସେଫାଇନ ତାଙ୍କଠାରୁ ଉଚ୍ଚରେ । ସୁତରାଂ ଯୋସେଫାଇନ ଯେତେବେଳେ ତାଙ୍କୁ ଚାହାପାନ ପାଇଁ ନିମନ୍ତ୍ରଣ କରି କହିଲେ ଯେ ସେ ଇତିହାସର ଶ୍ରେଷ୍ଠତମ ସେନାପତି ହେବାକୁ ଯାଉଛନ୍ତି । ନେପୋଲିଅନ ସମ୍ପୂର୍ଣ୍ଣ ଅଭିଭୂତ ହୋଇପଡ଼ିଲେ । ତିନି ମାସ ପରେ ସେମାନଙ୍କ ନିର୍ବନ୍ଧ ବିଧିବଦ୍ଧ ଭାବେ ଘୋଷିତ ହୋଇଗଲା ।

ନେପୋଲିଅନଙ୍କ ସମୟାନୁବର୍ତ୍ତିତା ଇତିହାସ ପ୍ରସିଦ୍ଧ । ସେ କହୁଥିଲେ ମୁଁ ଯୁଦ୍ଧରେ ହାରିଯାଇ ପାରେ । କିନ୍ତୁ କେହି କେବେ ମତେ ଏକ ମୁହୂର୍ତ୍ତ ହରାଇବା ଦେଖିବ ନାହିଁ ଏବଂ ସେହି ନେପୋଲିଅନଙ୍କୁ ବାହା ବେଦୀକୁ ଯିବାପାଇଁ ନିର୍ଦ୍ଧାରିତ ସମୟଠାରୁ ଦୀର୍ଘ ଦୁଇଘଣ୍ଟା ଅପେକ୍ଷା କରିବାକୁ ପଡ଼ିଲା । ଉତ୍ତୀର୍ଣ୍ଣଯୌବନା ବାହା କନିଆ ଯୋସେଫାଇନଙ୍କ ଖିଆଲ ଆଗରେ ବିଶ୍ୱବିଶ୍ରୁତ ଯୋଦ୍ଧା ନେପୋଲିଅନ ହାରି ମାନିଲେ । ସେମାନଙ୍କୁ ବିବାହ କରାଇବା ପାଇଁ ଅପେକ୍ଷା କରିଥିବା କର୍ମଚାରୀ ଅଳସରେ ଢୁଲେଇ ପଡ଼ିଥିଲେ ।

ବିବାହର ମାତ୍ର ଅଠଚାଳିଶି ଘଣ୍ଟା ମଧ୍ୟରେ ବୀର ନେପୋଲିଅନ ଇଟାଲିର ରଣକ୍ଷେତ୍ରରେ ତାଣ୍ଡବ ରଚିବା ପାଇଁ ନୂତନ ବିବାହିତା

ଯୋସେଫାଇନଙ୍କଠାରୁ ବିଦାୟ ନେଇ ଯାଉଥିଲେ । ନେପୋଲିଅନଙ୍କ ସେନାବାହିନୀ କହିଲେ ବୁଝାଉଥିଲା ଅନଭିଜ୍ଞ, ଜୀର୍ଣ୍ଣପରିହିତ ଦଳେ ଲୋକଙ୍କୁ । କିନ୍ତୁ ସେମାନଙ୍କୁ ନେଇ ଯେଉଁ ଯୁଦ୍ଧ ସେ ଲଢ଼ିଲେ ୟୁରୋପର ହଜାରେ ବର୍ଷର ଇତିହାସରେ ତାର ପଟାନ୍ତର ନଥିଲା । ତଥାପି ଯୁଦ୍ଧର ଏ ଘନଘଟା ମଧ୍ୟରେ ପ୍ରେମିକ ନେପୋଲିଅନ ପ୍ରତିଦିନ ଗୋଟିଏ କରି ଚିଠି ଯୋସେଫାଇନଙ୍କ ପାଖକୁ ଲେଖନ୍ତି । ଏବଂ ସେ ଚିଠି ! ସେମିତି ଗୋଟିଏ ରୋମାଣ୍ଟିକ ଚିଠିର ନାୟିକା ହେବା ଲାଗି ଜୀବନ ଦେବାପାଇଁ ଶତକଡ଼ା ନବେ ଫରାସୀ ତରୁଣୀ ଆଗଭର ହୋଇ ଆସନ୍ତେ କିନ୍ତୁ ଯୋସେଫାଇନ ପୁରୁଷ ମନ ଖେଳାଇବାରେ ନିଜ ସଫଳତାରେ ଅତିମାତ୍ରାରେ ଆତ୍ମବିଶ୍ୱାସୀ ହୋଇ ପଡ଼ିଥିଲେ । ଅନ୍ୟ ଏକ ପୁରୁଷଙ୍କୁ ନେଇ ସେ ଖେଳିବାକୁ ଲାଗିଲେ । ନେପୋଲିଅନଙ୍କ ଚିଠିର ଉତ୍ତର ସୁଦ୍ଧା ସେ ଦେଲେ ନାହିଁ । ଶେଷରେ ନେପୋଲିଅନ ଯୋସେଫାଇନଙ୍କୁ ଉଚିତ ଶିକ୍ଷା ଦେବାପାଇଁ ଇଜିପ୍ଟରେ ଯୁଦ୍ଧ କରୁଥିଲା ବେଳେ ଗୋଟିଏ ତରୁଣୀକୁ ନିଜ କୋଠରୀକୁ ସୁରାପାନ ପାଇଁ ନିମନ୍ତ୍ରଣ କଲେ । ସୁଦୂର ପ୍ୟାରୀ ସହରରେ ଯୋସେଫାଇନଙ୍କ ନିକଟରେ ଏ ସମ୍ବାଦ ପହଞ୍ଚିଗଲା । ନେପୋଲିଅନ ଫେରିଲା ପରେ ଏ ମନ ଫଟାଫଟି କଳିଗୋଳରେ ପରିଣତ ହେଲା । ଶେଷରେ ନେପୋଲିଅନ ରାତିରେ ଯୋସେଫାଇନଙ୍କୁ ନିଜ ଶୋଇବା ଘରୁ ବାହାର କରି ଦେଇ ଦୁଆର କିଳିଦେଲେ ।

ଏଣେ ନେପୋଲିଅନଙ୍କ ଭଉଣୀମାନେ ଯୋସେଫାଇନଙ୍କୁ ସହିପାରୁ ନଥିଲେ କାରଣ ସାମାଜିକ ସିଡ଼ିରେ ସେମାନେ ଯେ ଟିକିଏ ତଳରେ, ଏ ନ୍ୟୂନ ମନୋଭାବରେ ସେମାନେ ତିଳ ତିଳ ହୋଇ ପୋଡ଼ି ମରୁଥିଲେ । ପଛରେ ସେମାନେ ଯୋସେଫାଇନଙ୍କୁ 'ବୁଢ଼ୀ' ବୋଲି ଥଟ୍ଟା କରନ୍ତି । ନେପୋଲିଅନଙ୍କୁ ସେ ବୁଢ଼ୀ ସ୍ତ୍ରୀଟିକୁ ଛାଡ଼ପତ୍ର ଦେବାପାଇଁ ପ୍ରରୋଚିତ କରନ୍ତି ।

କିନ୍ତୁ ଯୋସେଫାଇନଙ୍କ ପାଇଁ ନେପୋଲିଅନଙ୍କ ପ୍ରେମରେ କଲଙ୍କି ଲାଗିଲା ନାହିଁ । ଅବଶ୍ୟ ଶେଷରେ ତାଙ୍କୁ ତ୍ୟାଗ କରିବା ପାଇଁ ନେପୋଲିଅନ

ବାଧ ହେଲେ, କାରଣ ସେ ଏପରି ଏକ ସାମ୍ରାଜ୍ଞୀ ଚାହୁଁଥିଲେ ଯେ ତାଙ୍କୁ ଗୋଟିଏ ପୁତ୍ର ସନ୍ତାନ, ସିଂହାସନର ଉତ୍ତରାଧିକାରୀ, ଦେଇ ପାରିବ । କିନ୍ତୁ ଛାଡ଼ପତ୍ର କାଗଜ ଦସ୍ତଖତ କଲାବେଳେ ନେପୋଲିଅନଙ୍କ ହୃଦୟ ଯେମିତି ଭାଙ୍ଗି ପଡ଼ିଲା, ସେ କାନ୍ଦି ପକାଇଲେ । ତାପରେ ତିନିଦିନ ଲାଗି ସେ ରାଜପ୍ରାସାଦରେ ଏକାକିଆ ଶୂନ୍ୟକୁ ଚାହିଁ ଚିନ୍ତିତ ମନରେ ବସି ରହିଲେ; କାହାକୁ ସାକ୍ଷାତ ଦେଲେ ନାହିଁ କିମ୍ବା କିଛି କାମ ବି କଲେ ନାହିଁ । ଅବଶ୍ୟ ପରେ ସେ ଅଷ୍ଟ୍ରିଆର ରାଜକୁମାରୀ ମେରୀ ଲୁସିଙ୍କୁ ବିବାହ କଲେ ।

ଅଷ୍ଟ୍ରିଆର ଅନ୍ୟ ସମସ୍ତଙ୍କ ଭଳି ମେରୀ ଲୁସି ବି ପିଲାଦିନୁ ନେପୋଲିଅନଙ୍କୁ ଘୃଣା କରି ଶିଖିଥିଲେ । କିନ୍ତୁ ରାଜନୈତିକ କାରଣରୁ ତାଙ୍କୁ ନେପୋଲିଅନଙ୍କୁ ବିବାହ କରିବାକୁ ପଡ଼ିଲା । ପାଞ୍ଚଜଣ ଲାଗି ଘୋଡ଼ାକୁ ପାଣି ପାଖକୁ ଟାଣି ନେଇ ପାରିବେ କିନ୍ତୁ ପଚିଶ ଜଣ ଲାଗି ବି ତାକୁ ପାଣି ପିଆଇ ପାରିବେ ନାହିଁ । ମେରୀ ଲୁସିଙ୍କ ମନରେ ନେପୋଲିଅନଙ୍କ ପାଇଁ ଟିକିଏ ବୋଲି ପ୍ରେମ ନଥିଲା ଏବଂ ନେପୋଲିଅନ ଯେତେବେଳେ ଯୁଦ୍ଧରେ ଆସ୍ତେ ଆସ୍ତେ ହାରିବାକୁ ଲାଗିଲେ ମେରୀ ଲୁସି ତାଙ୍କୁ ତ୍ୟାଗ କରି ଚାଲି-ଗଲେ । ଏପରିକି ନିଜ ପୁଅକୁ ମଧ୍ୟ ନିଜ ବାପାକୁ ଘୃଣା କରିବା ପାଇଁ ଶିଖାଇଲେ ।

ଯୋସେଫାଇନ ନେପୋଲିଅନଙ୍କ ଜୀବନରେ ପ୍ରଥମ ପ୍ରେମ ଓ ଶେଷ ପ୍ରେମ । ଯୋସେଫାଇନଙ୍କ ମୃତ୍ୟୁ ପରେ ତାଙ୍କର କବର ପାଖରେ ସଜଳ ଆଖିରେ ନେପୋଲିଅନ ବିଳପି ଉଠିଲେ—

ପ୍ରିୟତମା ଯୋସେଫାଇନ, ମୋ ଚରମ ଦୁର୍ଦ୍ଦିନରେ ଅନ୍ତତଃ ତମେ ମତେ ଏକାକୀ ଛାଡ଼ି ଚାଲିଯାଇ ନଥାନ୍ତ ।

ସକାଳ ଏଇ ହେଉଛି । ସେ ସହର ତଳ ରାସ୍ତାରେ ଲୋକ ଚଳାଚଳ ଆହୁରି ଆରମ୍ଭ ହୋଇନି । କେବଳ ମାଇପିଟିଏ ଆଉ ଚାରି ବର୍ଷର ଗୋଟିଏ ଛୁଆ । ଗୋଟା ଚକ ଚକ ହସ ହସ ଛୁଆଟି । ମାଇପିଟି କମ ବୟସର; ବେଶ୍ ପରିପାଟୀ କରି ଲୁଗା ପିନ୍ଧିଛି । ସେ ପୁଅକୁ ଚାହିଁ ଥିରି ଥିରି ହସୁଛି ଆନନ୍ଦରେ । ପିଲାଟା ଖେଳଣା ଚକାଟିଏ ଗଡ଼େଇ ଦେଇ ତା ପଛେ ପଛେ ଦଉଡ଼ୁଛି । କି ଖୁସି ।

ଛିଣ୍ଡା ଗଞ୍ଜି, ଗାମୁଛା ପିନ୍ଧା ବୁଢ଼ାଟିଏ ହାଡ଼ୁଆ ହାଡ଼ୁଆ ହାତ ଗୋଡ଼ ରାସ୍ତାକଡ଼ରେ କାନ୍ଥ ଦେହକୁ ଲେପଟି ପଡ଼ି ଛିଡ଼ା ହୋଇଗଲା—ସତେ ଯେମିତି ଏତେ ଚଉଡ଼ାର ରାସ୍ତାଟା ସେ ଦୁଇଜଣଙ୍କ ଯିବା ପାଇଁ ଯଥେଷ୍ଟ ନଥିଲା । ବୁଢ଼ା ପିଲାଟାକୁ ଚାହିଁଲା ଲେଞ୍ଜରା ଭରା ମିଞ୍ଜି ମିଞ୍ଜି ଆଖିରେ ଏବଂ ଅଳସ ଭାବେ ହସିଲା ।

"କେଉଁ ବାବୁଙ୍କର ପୁଅ ହେବ ପରା !" ବୟସ ଭାରରେ ଅବଶ ହୋଇ ପଡ଼ିଥିବା ତା ମନ ଅଳସେଇ ଅଳସେଇ ଚିନ୍ତା କରୁଥିଲା — "କି କଉତୁକିଆ ହସ ଖୁସିର ପିଲାଟାଏ ! କୋଉ ବାବୁଙ୍କ ପୁଅ ହେବ ନିଶ୍ଚୟ ।"

## ସୀତାନାଥର ପିଲାଦିନ

ବୁଢ଼ା ସୀତାନାଥର ମୁଣ୍ଡରେ କ'ଣ ସବୁ ଗୋଳମାଳ ହୋଇଯାଏ । ସେ ବୁଝି ପାରେ ନାହିଁ । ପିଲାଟିଏ ! ପୃଥିବୀରେ ତ ଫେର୍ ଏମିତି ଅନେକ ପିଲା ଅଛନ୍ତି । ଲଙ୍ଗଳା ଦେହରେ, ଭୋକିଲା ପେଟରେ ସେମାନେ ନର୍ଦ୍ଦମା କୂଳରେ ଧୂଳି ମାଟିରେ ଖେଳ ଖେଳନ୍ତି । ଅକଥ୍ୟ ଭାଷାରେ ଗାଳି ଗୁଲଜ କରନ୍ତି । ମା'ମାନଙ୍କ ଠାରୁ ମାଡ଼ ଖାଆନ୍ତି, ଚୁଟି ଝିଙ୍କା ପାଆନ୍ତି । ଆଉ ଏ ମା'ଟି । ପରିଷ୍କାର ଦାମି ଲୁଗା ପଟା ପିନ୍ଧି କି ସୁନ୍ଦର ସେ ଦେଖାଯାଉଛି ।

ଏବଂ ତା ପିଲାଦିନ ? ବୁଢ଼ା ସୀତାନାଥ ସକାଳର କଅଁଳ ଖରାରେ ସେମିତି ରାସ୍ତାକଡ଼ର ଉଷୁମ କାନ୍ଥ ଦେହରେ ଲେପଟି ପଡ଼ି ମନକୁ ମନ ଭାବି ହେଲା—ଛି, ବଳେଇ କୁକୁରର ଜୀବନ । ଏବେ ବା କୋଉଁ ଦିବ୍ୟ ଆରାମରେ ଅଛି ? ତେବେ ଆଉ ମାଡ଼ ଖାଇବାକୁ ପଡ଼ୁନି କି ଭୋକରେ ରହିବାକୁ ପଡ଼ୁନି ଯାହା । ପିଲା ଦିନ—ଲଙ୍ଗଳା ଦେହ, ଭୋକିଲା ପେଟ, ମାଡ ଗାଳି । ଖେଳଣା କଥା ପଚାରେ କିଏ ? ସାରା ଜୀବନଟା ଏମିତି ବିତି ଗଲା, ଅଭାବରେ, ଅନାଟନରେ, ଦୁଃଖରେ, କଷ୍ଟରେ । ଟିକିଏ ବୋଲି ହସ ନାହିଁ, ଖୁସି ନାହିଁ; ମନେ ପକାଇବା ପାଇଁ ଆଉ କ'ଣ ରହିଲା ?

ପାକୁଆ ପାଟିରେ ହସୁ ହସୁ ହଠାତ୍ ବୁଢ଼ା ସୀତାନାଥର ମନରେ ସେ ପିଲାଟି ପ୍ରତି ଈର୍ଷା ହେଲା । ହଃ,—ଏ ଫେର ଗୋଟାଏ ଖେଳ ନା ? ତା ଅଜାଣରେ ମନରେ ଜନ୍ମ ନେଇଥିବା ସେ ଈର୍ଷା ହଠାତ୍ ତାକୁ ଅବଶ କରିଲା । ସୀତାନାଥ-ଟାଣି ଓଟାର ହୋଇ ତାର ମଟର ମରାମତି କାର-ଖାନା ଆଡ଼କୁ ଚାଲିଲା । ଏ କାରଖାନା, ପିଲାଟି ଦିନରୁ ସୀତାନାଥ ଏଇଠି କାମ କରି ଆସୁଛି; ଏବେ ବୁଢା ହେଲାଣି ।

କିନ୍ତୁ କାରଖାନାର ଠନ୍ ଠାନ୍ ଝଣ ଝାଣ୍ ଶବଦ ଭିତରେ ବି ସୀତାନାଥ ଖାଲି ଶୁଣିଲା ପିଲାଟିର ସେ ଖଲ୍ ଖଲ୍ ହସ । ତା ମିଞ୍ଜି ମିଞ୍ଜି ଆଖି ଆଗରେ ଖାଲି ନାଚିଲା ତାର ଖେଳଣା ଚକା । ରାତିରେ ସୀତାନାଥ ସେମାନଙ୍କୁ ସ୍ୱପ୍ନ ଦେଖିଲା ।

ଏବଂ ତା ପରଦିନ ସକାଳେ ସୀତାନାଥ ପୁଣି ସ୍ୱପ୍ନ ଦେଖିଲା । କାରଖାନାରେ ଚକ ଘୁରିଲା । ବର୍ଷ ବର୍ଷର ଅନୁଭୂତିରେ ପୋଖତ ସୀତା-ନାଥ କଳ ଭଳି କାମ କରି ଗଲା । କିନ୍ତୁ କାମ କରୁ କରୁ ତା ପାକୁଆ ପାଟିର କଳା କଳା ମାଢ଼ି ଦେଖାଇ ସୀତାନାଥ ମନକୁ ମନ ହସିଲା । ତା ମିଞ୍ଜି ମିଞ୍ଜି ଆଖିରେ କେଉଁ ଏକ ସୁଦୂର ସ୍ୱପ୍ନ ଜମାଟ ବାନ୍ଧି ରହି-ଥିଲା । ତାର ମନେ ହେଲା ତା ସ୍ୱପ୍ନ ହିଁ ସତ୍ୟ; ଆଉ ଏ କାରଖାନାଟା କେବଳ ଗୋଟିଏ ସ୍ୱପ୍ନ । କାରଖାନା ଭିତରଟା ତାକୁ ଝାପ୍‌ସା ଝାପ୍‌ସା



ଅପରେସନ ଟେବୁଲ

ଦେଖାଗଲା । ସେ ମଇଳା ଆଲୋକରେ ସାଲୁବାଲୁ ହେଉଥିବା ଲୋକଗୁଡ଼ିକ ମନେ ହେଲେ କେଉଁ ସ୍ୱପ୍ନ ଦେଶର ଛାଇ ।

ବୁଢ଼ା ସୀତାନାଥର ମନେ ହେଲା ସେ ପୁଣି ପିଲା ହୋଇ ଯାଇଛି । ଦାମିକା ଲୁଗାପଟା ପରିପାଟୀରେ ତା ବୋଉ ସେ ମାଇପିଟି ଭଳି ସୁନ୍ଦର ଦେଖାଯାଉଛି । ଚକଚକିଆ ଧଳା ଜାମାପଟା ପିନ୍ଧି ସେ ନିଜେ ଖେଳଣା ଚକାଟିଏ ଗଡ଼େଇ ଗଡ଼େଇ ଆନନ୍ଦରେ ଖେଳୁଛି ।

ଦିନ ପରେ ଦିନ । ସେଇ କାମ, ସେଇ ସ୍ୱପ୍ନ ।

ଦିନେ ସଂଧାରେ ଘରକୁ ଫେରୁ ଫେରୁ ସୀତାନାଥ ଦେଖିଲା ରାସ୍ତା କଡ଼ରେ କାନ୍ଥକୁ ଆଉଜେଇ ଗୋଟିଏ ପୁରୁଣା ସାଇକେଲ ଚକା ଥୁଆ ହୋଇଛି । ସେଥିରେ କଳଙ୍କି ଲାଗିଗଲାଣି, ଲୁହା ଖାଡ଼ିଗୁଡ଼ିକ ଆଉ ନାହିଁ । ଆନନ୍ଦରେ ବୁଢ଼ା ସୀତାନାଥର ମନ ଭିତରଟା ଚହଲି ଗଲା । ତା

ଲେଞ୍ଜରା ଭରା ଦୁଇ ଆଖି ଆନନ୍ଦରେ ଛଳ ଛଳ ହେଲା । ହଠାତ୍ ଏକ ଅଜଣା ଲୋଭତା ମନଟାକୁ କାବୁ କରିଦେଲା । ଚାରି ପଟକୁ ସତର୍କରେ ଚାହିଁ ସେ ନଇଁ ପଡ଼ିଲା ଏବଂ ଥରିଲା ହାତରେ ଚକଟାକୁ ଉଠାଇ ନେଇ ସେ ଘର ମୁହାଁ ଚଞ୍ଚଳ ଚଞ୍ଚଳ ଚାଲିବାକୁ ଲାଗିଲା । ପାକୁଆ ପାଟିରେ ସେ ଥିରି ଥିରି ହସୁ ଥିଲା । କିନ୍ତୁ କେମିତି ଏକ ଲଜ୍ଜାରେ ସେ ସଙ୍କୁଚିତ ହୋଇ ପଡୁଥିଲା ।

କେହି ତାକୁ ଲକ୍ଷ୍ୟ କଲେ ନାହିଁ । କେହି କିଛି ପଚାରିଲେ ନାହିଁ । ଛିଣ୍ଡା ଗଞ୍ଜି ଗାମୁଛା ପିନ୍ଧା ବୁଢ଼ାଟିଏ ଅଦରକାରୀ ପୁରୁଣା କଳଙ୍କି ଲଗା ସାଇକେଲ ଚକାଟିଏ ନେଇ ଯାଉଛି—କିଏ କାହିଁକି କ'ଣ ପଚାରନ୍ତା ?

ସୀତାନାଥ କିନ୍ତୁ ଖୁବ୍ ସତର୍କରେ ତାକୁ ଘରକୁ ନେଲା । ସେ ହସୁଥିଲା ମୁହଁରେ କିନ୍ତୁ ଭିତରେ ଭିତରେ ଭୟରେ ଥରୁଥିଲା । ଚୁରି ଏ ପୁରୁଣା ସାଇକେଲ ଚକାଟିଏ ସେ କାହିଁକି ଚେଷ୍ଟା କରି ନେଇ ଆସିଲା, ସୀତାନାଥ ସେ କଥା ନିଜେ ବୁଝିନଥିଲା । ଖାଲି ଚକାଟି ସେ ପିଲାଟିର ଖେଳଣା ଭଳି ଦେଖାଯାଉଥିଲା—ସେଇଥିପାଇଁ ତାକୁ ସେ ନେଇ ଆସି-ଥିଲା ।

ଅନେକ ଦିନ ଯାଏ ତା ଶୋଇବା ଖଟିଆ ତଳେ ଚକାଟି ପଡ଼ି ରହିଲା । ବେଳେ ବେଳେ ଉଠାଇ ଆଣି ତାକୁ ହାତରେ ଧରେ ସୀତାନାଥ । ସେ ପୁରୁଣା କଳଙ୍କି ଲଗା ଚକାଟିର ସ୍ପର୍ଶ ବୁଢ଼ା ସୀତାନାଥର ମନରେ ଉଷୁମ ଭରି ଦିଏ । ପିଲାଦିନ ସମ୍ପର୍କରେ ତା ସ୍ୱପ୍ନ ହଠାତ୍ ଯେମିତି ସାକାର ହୋଇ ଉଠେ ।

ଦିନେ ସକାଳେ—ସେଦିନ ସକାଳଟା କାହିଁକି ଅଧିକ ଉଜ୍ଜ୍ୱଳ ଦେଖା ଯାଉଥିଲା, ସେ ଖରାଟା ଅଧିକ ଉଷୁମ ଲାଗୁଥିଲା, ଗଛ ଲତାର ପତ୍ର ଗହଳରେ ପକ୍ଷି ପକ୍ଷିଣୀଙ୍କ ଗୀତ ଅଧିକ ମିଠା ଲାଗୁଥିଲା । ବୁଢ଼ା ସୀତାନାଥ ଖୁବ୍ ସକାଳୁ ଉଠି ପଡ଼ିଲା ଏବଂ ଚକାଟିକୁ ଧରି ସହର ବାହାରକୁ ଚାଲି ଗଲା ।

ସହରର କିଛି ଦୂରରେ ଜଙ୍ଗଲଟିଏ । ଅନାବନା ଗଛଲଟା ଆଡ଼େଇ ସୀତାନାଥ ଜଙ୍ଗଲ ଭିତରେ ପଶିଲା । ଜଙ୍ଗଲର ନୀରବତାକୁ ସେ ବୁଝି ପାରିଲା ନାହିଁ । ବଣୁଆ ଫୁଲର ମହକ ତାକୁ ନୂଆ ନୂଆ ଲାଗିଲା । ଫୁଲରୁ ଫୁଲକୁ ଉଡ଼ି ବୁଲୁଥିବା ଛୋଟ ଛୋଟ ପ୍ରଜାପତି ଗୁଡ଼ିକୁ ସେ ଆବାକାବା ହୋଇ ଚାହିଁ ରହିଲା । ଏବଂ ଘାସ ଉପରେ ସକାଳର କାକର । ସୀତାନାଥର ମନେ ହେଲା, ପିଲାଦିନେ ହୁଏତ କେବେ କାହାଠୁ ପରୀ କାହାଣୀରେ ଏମିତି ଏକ ଦେଶ କଥା ସେ ଶୁଣିଥିଲା । ସେଠି ସହରର ହଟ୍ଟ ଗୋଳ ନଥିଲା, ଧୂଳି ମଳି ନଥିଲା । ଗଛ ଲତାର ସେ ଘଞ୍ଚ ଅରଣ୍ୟ ପଛ ପଟେ ଆଶ୍ଚର୍ଯ୍ୟଜନକ ଭାବେ ମୁଲାୟମ ଅନ୍ଧକାର ଜାମଟ ବାନ୍ଧିଥିଲା ।

ବୁଢ଼ା ସୀତାନାଥ ପାଖ ଗଛରୁ ସ୍ଲେଟ ଡାଳଟିଏ ଭାଙ୍ଗି ଆଣିଲା ।

ପଡ଼ିଆଟା କେଡ଼େ ଉଜ୍ଜ୍ୱଳ; କେଡ଼େ ଅଞ୍ଚଳ । କଷା ଘାସ ଉପରେ କାକର ଫୋଟା ସକାଳର ନରମ ଖରାରେ ଝଲସି ଉଠୁଥିଲା । ହଠାତ୍ ସୀତାନାଥ ପଡ଼ିଆରେ ଚକାଟା ଗଡ଼ାଇ ଦେଇ ତା ପଛରେ ଦଉଡ଼ିବାକୁ ଲାଗିଲା । ଗଡ଼ିଗଲା ପୁରୁଣା ସାଇକେଲ ଚକ ପଛରେ ଦଉଡ଼ୁ ଦଉଡ଼ୁ ସୀତାନାଥ ଆନନ୍ଦରେ ହସିଲା—ଠିକ୍ ସେ ପିଲାଟି ଭଳି । ଠିକ ସେ ପିଲାଟି ଭଳି ମୁଣ୍ଡ ଉପରକୁ ହାତ ଉଠାଇ ସ୍ଲେଟ ବାଡ଼ିଟିକୁ ଘୁରାଇବାକୁ ଲାଗିଲା ।

ଆଃ, କି ଆନନ୍ଦ । କି ଖୁସି । ସୀତାନାଥର ମନେ ହେଲା ସେ ପୁଣି ପିଲାଟିଏ ହୋଇଯାଇଛି । ପଡ଼ିଆରେ ଡେଇଁ ଡେଇଁ ଖୁସିରେ ଖେଳୁଛି । ତା ବୋଉ ସ୍ନେହ ଜୁଡ଼ୁ ବୁଡ଼ୁ ହସ ହସି ତାକୁ ସନ୍ତୋଷରେ, ଗର୍ବରେ ଚାହିଁ ରହିଛି ।

ହସୁ ହସୁ କାଶି ଉଠିଲା ବୁଢ଼ା ସୀତାନାଥ । କିନ୍ତୁ ତା ମୁହଁରୁ ବୟସର ଗାରଗୁଡ଼ାକ ହଠାତ୍ କେମିତି ଲିଭିଗଲା । ଆନନ୍ଦର ଆଲୋକରେ ତା ପାକୁଆ ମୁହଁ ସ୍ନିଗ୍ଧ ହୋଇ ଉଠିଲା ।

ବୁଢ଼ା ସୀତାନାଥ ପ୍ରତିଦିନ ସକାଳେ ତା ଖେଳଣାଟିକୁ ନେଇ ସେ ନିର୍ଜନ ଜଙ୍ଗଲକୁ ଚାଲିଯାଏ । ମନଭରି ଖେଳେ, ମନ ଭରି ନାଚେ,

କୁଦେ । ଖାଲି ବେଳେ ବେଳେ ସେ ଟିକଏ ଥମିଯାଏ, । କିଏ ଦେଖୁଥିବ ଯଦି ? ଅସହନୀୟ ଲଜ୍ଜାରେ ସଙ୍କୁଚିତ ହୋଇଯାଏ ସୀତାନାଥ । କି'ଣ କହିବେ ସେମାନେ ? ଲଜ୍ଜା କ୍ରମେ ଭୟରେ ପରିଣତ ହୁଏ । ସୀତାନାଥର ଗୋଡ ଦୁଇଟି ହଠାତ୍ ଦୁର୍ବଳ ହୋଇଯାଏ । ସେ ସତର୍କରେ ଚାରିଆଡ଼କୁ ଅନାଏ ।

କିନ୍ତୁ କେହି ତା ଖେଳ ଦେଖେ ନାହିଁ ; କେହି ତା ହସ ଶୁଣେ ନାହିଁ । ମନଭରି ଖେଳ ସାରି, ହସି ସାରି ସୀତାନାଥ ସହରକୁ ଫେରେ । ତା ଓଠରେ ପ୍ରଶାନ୍ତ ଆନନ୍ଦର ହାଲୁକା ହସ ।

ଶୀତ ଦିନ ଆସିଗଲା, ସୀତାନାଥର ଖେଳ କିନ୍ତୁ ବନ୍ଦ ହେଲାନାହିଁ । ତାକୁ ଜୋର ଥଣ୍ଡା ଧରିଲା, ଜ୍ୱର ହେଲା । ଶେଷରେ ସୀତାନାଥକୁ ହାସପାତାଳ ନିଆଗଲା । ହାସପାତାଳର ଅଜଣା ଅଚିହ୍ନା ଲୋକଙ୍କ ଗହଳରେ ମଲାବେଳକୁ ବୁଢ଼ା ସୀତାନାଥର ଓଠରେ ଥିଲା ହସ—ପ୍ରଶାନ୍ତ ଆନନ୍ଦର ଏକ ହାଲୁକା ହସ ।

ସୀତାନାଥର ଦୁଃଖ ନଥିଲା । ଦୁଃଖ ସେ କାହିଁକି କରନ୍ତା ? ପିଲାଦିନେ ସେ ବି ତ ଖୁସି ଥିଲା । କଅଁଳ ଘାସର ପଡ଼ିଆରେ, ସଜ କାକରର ମୁକ୍ତା ଶେଯରେ ସେ ବି ତ ଖେଳୁଥିଲା ଏବଂ ତା ବୋଉ ସ୍ନେହ ଜୁଡ଼ୁ ବୁଡ଼ୁ ହସ ହସି ତାକୁ ଚାହିଁ ରହୁଥିଲା ସନ୍ତୋଷରେ, ଗର୍ବରେ ।

## ସୂଚନା

କେତୋଟି ମାତ୍ର ମୁହୂର୍ତ୍ତକୁ ନେଇ କ୍ଷୁଦ୍ରଗଳ୍ପ ଲେଖାଯାଏ । କିନ୍ତୁ ଏଇ ସମସ୍ତ ଟିକିକିର ନିର୍ବାଚନ ଉପରେ ହିଁ କ୍ଷୁଦ୍ର ଗଳ୍ପ ଲେଖକର ସଫଳତା ନିର୍ଭର କରେ । କିନ୍ତୁ ଏଇ ମୁହୂର୍ତ୍ତ କେତୋଟିରେ ସାରା ଜୀବନର ଅର୍ଥ ପୁଞ୍ଜିଭୂତ କରିବାକୁ ହେବ । ଏହା ଜୀବନର ଏପରି ଏକ ମୁହୂର୍ତ୍ତ ହେବା ଲୋଡ଼ା ଯେଉଁଠାରୁ କି ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଏକ ବିହଙ୍ଗାବଲୋକନ ସମ୍ଭବ । ଯେଉଁ ମୁହୂର୍ତ୍ତରେ ସୀତାନାଥ ସେ ପିଲାଟିକୁ

ଲଙ୍ଗୁଟିଆ ସହରତଳି ରାସ୍ତାରେ ଖେଳୁଥିବା ଦେଖିଲା ତାହା ଏପରି ଏକ ମୁହୂର୍ତ୍ତ । ଏହା ସୀତାନାଥ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ସଙ୍ଘଟିତ କଲା ଏବଂ ସୀତାନାଥର ପ୍ରକୃତ ସ୍ୱରୂପ ଆମ ଆଗରେ ଉଦ୍‌ଘାଟିତ କଲା, ସତେ ଯେମିତି ପଥର ଚଟାଣ ଫୁଟାଇ ଅନ୍ତଃସଲିଳା ଝରଣା ଆତ୍ମପ୍ରକାଶ କଲା । ଏଇଠି ମନେ ରଖିବାକୁ ହେବ ଯେ ଉପନ୍ୟାସ ଓ କ୍ଷୁଦ୍ର ଗଳ୍ପ ସେଇ ଏକପ୍ରକାରର ନାୟକଙ୍କୁ ନେଇ ଲେଖା ହୋଇ ପାରିବ ନାହିଁ । ସମାଜ ଭିତରେ ବଞ୍ଚିଥିବା ମଣିଷ, ସେମାନଙ୍କ ଭିତରେ ଘାତ, ପ୍ରତିଘାତ ନେଇ ଉପନ୍ୟାସ ଲେଖା ହୁଏ । କିନ୍ତୁ କ୍ଷୁଦ୍ର ଗଳ୍ପରେ ନାୟକ କହିବାକୁ ଗଲେ ସବୁବେଳେ ସମାଜଠୁ ବାହାରେ । ସେ ଏକରକମ ନିର୍ବାସିତ ବ୍ୟକ୍ତି । ସେ ଏକାଧାରରେ ରୋମାଣ୍ଟିକ୍, ବ୍ୟକ୍ତିବାଦୀ ଏବଂ ସ୍ୱପ୍ନଦ୍ରଷ୍ଟା—ଏଇ ଅର୍ଥରେ ଯେ ସେ କେବେହେଲେ ଜୀବନ ସହିତ ସାଲିସ୍ କରିପାରିଲା ନାହିଁ । ସେ ଯାହା ଚାହୁଁଥିଲା ସମାଜ ଯେତେବେଳେ ତାହା ତାକୁ ଦେଲାନାହିଁ ସେ ସମାଜକୁ ଏକାବେଳକେ ପ୍ରତ୍ୟାଖ୍ୟାନ କରି ନିଜର ଅଲଗା ପୃଥିବୀ ସୃଷ୍ଟି କଲା । ଆତ୍ମପ୍ରବଞ୍ଚନାର ଏ ପୃଥିବୀ (make believe world) ଦିନେ କିନ୍ତୁ ସୀତାନାଥର ମନ ଉପରେ ଏପରି ବଳିଷ୍ଠ ପ୍ରଭାବ ପକାଇଲା ଯେ ସୀତାନାଥ ଭାବିଲା ତାହାହିଁ କେବଳ ସତ୍ୟ । ଯାହା ସତ୍ୟ, ତାହା ତାକୁ ସ୍ୱପ୍ନ ଭଳି ମନେହେଲା ; ଏବଂ ଯାହା ତାର ସ୍ୱପ୍ନ ସେ ତାକୁ ସତ୍ୟ ବୋଲି ମନେହେଲା । ମୃତ୍ୟୁଶଯ୍ୟାରେ ତାର ନିଜ ପିଲାଦିନର ଐଶ୍ୱର୍ଯ୍ୟ ବିଷୟରେ ଏ ଦୃଢ଼ ପ୍ରତ୍ୟୟ ସୃଷ୍ଟି କରିଛି ଏକ ଗଭୀର ଭାବପ୍ରବଣ କାରୁଣ୍ୟ । କ୍ଲାଇମେକ୍‌ସ୍, ଆଣ୍ଟିକ୍ଲାଇମେକ୍‌ସ ନ ଥାଇ, ସାଧାରଣ ଜୀବନକୁ ଏକ ଭିନ୍ନ ଦୃଷ୍ଟିକୋଣରୁ ଦେଖି କିପରି କ୍ଷୁଦ୍ର ଗଳ୍ପ ଲେଖାଯାଇପାରେ 'ସୀତାନାଥର ପିଲାଦିନ' ତାର ଏକ ନମୁନା । ରୁଷୀୟ ଲେଖକ ଫିଓଦର ସଲୋଗବ୍ (୧୮୬୩—୧୯୨୭) ଙ୍କ କ୍ଷୁଦ୍ର ଗଳ୍ପ 'ଦି ହୁପ୍' (The Hoop)ର ଅବଲମ୍ବନରେ ଏହା ଲିଖିତ । ନଆ ଲେଖକମାନଙ୍କ ପାଇଁ ଏ କ୍ଷୁଦ୍ର ଗଳ୍ପରୁ ଅନେକ କିଛି ଶିଖିବାର ଅଛି ।

# ଲେଖି ଶିଖନ୍ତୁ :

କ୍ଷୁଦ୍ରଗଳ୍ପ ଲେଖିବେ ? ଆମେ ଆପଣଙ୍କୁ ସାହାଯ୍ୟ କରିବୁ ।

ଦିନେ କୁହାଯାଉଥିଲା, ଲେଖକମାନେ ଜନ୍ମ ହୁଅନ୍ତି, ସେମାନଙ୍କୁ ତିଆରି କରାଯାଏ ନାହିଁ । କିନ୍ତୁ ଏ ବୈଜ୍ଞାନିକ ଯୁଗରେ ମଣିଷର ନିଜ ଶକ୍ତି ଉପରେ ଅଗାଧ ବିଶ୍ୱାସ । ସେଥିପାଇଁ ପୃଥିବୀର ସବୁ ଆଗୁଆ ଦେଶରେ ଲେଖକ ସୃଷ୍ଟି ପାଇଁ ବିଦ୍ୟାଳୟମାନ ରହିଛି । ଓଡ଼ିଶାରେ ଆମର ଏ ଉଦ୍ୟମ ପ୍ରଥମ । ଲେଖିବା ପାଇଁ ଆପଣଙ୍କ ଚେଷ୍ଟାରେ କୌଣସି ମତେ ସାହାଯ୍ୟ କରିପାରିଲେ ଆମେ ଆନନ୍ଦିତ ହେବୁ । ଆପଣ ଆପଣଙ୍କ ଲେଖା ପଠାନ୍ତୁ । ଓଡ଼ିଶାର ପ୍ରତିଷ୍ଠିତ ଲେଖକମାନଙ୍କ ଦ୍ୱାରା ତାର ସମୀକ୍ଷା କରାଇ ଆପଣଙ୍କୁ ସେମାନଙ୍କ ପରାମର୍ଶ ଯୋଗାଇ ଦେବୁ ଏବଂ ଆବଶ୍ୟକୀୟ ପରିବର୍ତ୍ତନ ପରେ ଆପଣଙ୍କୁ ଲେଖା 'ଜନ-ସାହିତ୍ୟ'ରେ ପ୍ରକାଶ କରିବା ପାଇଁ ଚେଷ୍ଟା କରିବୁ । ସମ୍ପାଦକ, ଜନ-ସାହିତ୍ୟ, ବଙ୍ଗାଳିସାହି, କଟକ-୧ ଠିକଣାରେ ଯୋଗାଯୋଗ କରିବେ ।



ବାଃ, ଭାରି ମିଠା ଅଙ୍ଗୁର ତ !

# ପେରିହାଲା ଓ ଲେନିନ

॥ ମିର୍ଜା ଇବ୍ରାହିମଫ୍ ॥

"ଆସନ୍ତୁ ! ଭ୍ଲାଦିମିର ଇଲିଚ ଆପଣମାନଙ୍କ ପାଇଁ ଅପେକ୍ଷା କରିଛନ୍ତି ।"

ସେକ୍ରେଟାରୀ ଏତକ କହିବାମାତ୍ରେ ସମସ୍ତେ ଉଠିପଡ଼ି ପେରି-ହାଲ୍‌ଙ୍କୁ ସବା ଆଗରେ ଯିବା ପାଇଁ ରାସ୍ତା କରିଦେଲେ ।

ପ୍ଲିଟ୍ ଦିଆ ନାଲ ସାର୍ଟିନର ସାର୍ଟ ଓ ମୁଣ୍ଡରେ ବାନ୍ଧିଥିବା କଳା ରୁମାଲ୍‌ଟିକୁ ଦି ହାତରେ ଟିକେ ବାଗେଇ ନେଇ ଧୀର ପଦକ୍ଷେପରେ ପେରି-ହାଲ୍ ଲେନିନଙ୍କ ଅଫିସ ରୁମରେ ପଶିଲେ ।

ଲେନିନ କାଗଜପତ୍ର ଦେଖୁଥାନ୍ତି ଓ ମଝିରେ ମଝିରେ ପେନସିଲରେ ଦାଗ ଦେଉଥାନ୍ତି । ପେରିହାଲ୍‌ଙ୍କୁ ଦେଖିବାମାତ୍ରେ କୈଶୋର ସୁଲଭ ଚପଳତାରେ ଏକପ୍ରକାର ଲମ୍ଫଦେଇ ଉଠିପଡ଼ିଲେ । ତା'ପରେ ହସି ହସି ପେରି-ହାଲ୍‌ଙ୍କ ହାତ ଧରି ଗୋଟିଏ ଆରାମ କୁର୍ସିରେ ଆଦରରେ ବସାଇଦେଲେ । ଇଙ୍ଗିତରେ ଅନ୍ୟମାନଙ୍କୁ ମଧ୍ୟ ବସିବାକୁ କହିଲେ ।

ସେକ୍ରେଟାରୀ ଆଡ଼କୁ ଜିଜ୍ଞାସୁ ଦୃଷ୍ଟିରେ ଚାହିଁ ଲେନିନ କହିଲେ, 'ଦୋଭାଷୀ ଦରକାର ନା ନାହିଁ ?' ସେକ୍ରେଟାରୀ ବାହାରକୁ ଯାଇ ମିଲଟାରୀ ପୋଷାକ ପିନ୍ଧା ଗୋଟିଏ କଳା ଲୋକକୁ ଡାକି ଆଣିଲେ ।

ପେରି-ହାଲ୍‌ର ମନେହେଉଥାଏ, ତା' ହୃଦଯନ୍ତ୍ର କ୍ରିୟା ଯେପରି ବନ୍ଦ ହୋଇଯିବ । ଲେନିନ ତାଙ୍କଆଡ଼କୁ ଅନେଇ ରହିଛନ୍ତି । ସେ ଆଶା କରୁଛନ୍ତି ପେରି-ହାଲ୍ ଆଗେ କଥା କହନ୍ତୁ । ପ୍ରତିନିଧି ଦଳର ଅନ୍ୟାନ୍ୟ ମାନେ ମଧ୍ୟ ତାଙ୍କୁ ଚାହିଁଛନ୍ତି । କିନ୍ତୁ କଣ କରିବେ ସେ ! ଗାଁରୁ ବାହାରିବା

ବେଳେ, ଏମିତିକି ହୋଟେଲରେ ବସି ଖାଇବାବେଳେ ତାଙ୍କ ମୁଣ୍ଡରେ ଯେଉଁସବୁ କଥାଗୁଡ଼ା ଖୁଜୁ ବୁଜୁ ହେଉଥିଲା, ସେଥିରୁ ଗୋଟିଏ ବି ମନେ ପଡ଼ୁନି ।

ଲେନିନ ତାଙ୍କ ଅବସ୍ଥା ବୁଝିପାରିଲେ ।

ସହୃଦୟ ଦୃଷ୍ଟିରେ ପେରି-ହାଲି ମୁହଁକୁ ଅନେଇ ଲେନିନ କହିଲେ, 'ଆଜାରବାଇଜାନ ସଂପର୍କରେ ବହୁ କଥା ମୁଁ କମ୍ରେଡ଼ ନରିମାନଫେଙ୍କ ମୁହଁରୁ ଶୁଣିଛି । ସେଠି ନାରୀମାନଙ୍କ ଜୀବନ ବଡ଼ କଷ୍ଟଦାୟକ, ସେକଥା ବି ଜାଣେ । ତାହାହିଁ ତ ସ୍ୱାଭାବିକ । ଯୁଗ ଯୁଗ ଧରି ରୁଷ ଦେଶ ଓ ପୂର୍ବାଞ୍ଚଳରେ ଗୃହିଣୀରମଣୀ ମୋଟାମୋଟି ଗୋଟିଏ ପ୍ରକାର ଜୀବନ ଅତିବାହିତ କରୁଛି । କର୍ମୀ ନାରୀମାନଙ୍କର ଜୀବନ ପ୍ରାୟ ସବୁଆଡ଼େ ଏଇଧରଣର ।'

ପେରି-ହାଲି ଏହାଭିତରେ ସ୍ୱଚ୍ଛନ୍ଦ ହୋଇପଡ଼ିଛନ୍ତି । ଲେନିନ କେତେ ସହଜରେ କଥା କହି ପାରୁଛନ୍ତି, ଯେପରି ସେ ତାଙ୍କର ବହୁଦିନର ପରିଚିତ ଜଣେ ବନ୍ଧୁ । ପେରିହାଲି ଜୀବନରେ ଯାହାସବୁ ସହ୍ୟ କରି ଆସିଛନ୍ତି, ସେ ସବୁ ଭଲଭାବେ ଜାଣନ୍ତି । ତାଙ୍କର ଇଚ୍ଛାରେ, ତାଙ୍କର କଥା କହିବାର ଭଙ୍ଗୀରେ ଏତେ ଦୟା ଆଉ ସରଳତା ଦେଖି ତାଙ୍କର ମନେହେଲା ସେ ଭେଲି ଏବଂ ପୁଅ ନାଜିମ ସହିତ ଯେପରି ସହଜ ଭାବେ କଥା ହୋଇପାରେ, ଲେନିନ ସହିତ ମଧ୍ୟ ସେହିପରି କଥା ହୋଇପାରିବ ।

ସେ କହି ପକାଇଲା, 'ଧନ୍ୟବାଦ, କମ୍ରେଡ଼ ଲେନିନ ଧନ୍ୟବାଦ । ଆମ ଗରିବମାନଙ୍କ ପାଇଁ ଆପଣ ଏତେ ଭାବୁଛନ୍ତି । ଆପଣ ଏବଂ ସୋଭିଏଟ ରାଷ୍ଟ୍ର ଆମର ନୂତନ ଜୀବନର ପଥ ସୁଗମ କରି ଦେଇଛି । ଧନ୍ୟବାଦ ।'

ଲେନିନ ଗମ୍ଭୀର ହୋଇଗଲେ । ତାଙ୍କର ସଙ୍କୁଚିତ ଦୃଷ୍ଟିରେ ଦୁଶ୍ଚିନ୍ତାର ଛାୟାପାତ ହେଲା । କହିଲେ, 'କାହିଁ, ସୁନ୍ଦର ଜୀବନ କହିଲେ ଯାହା ବୁଝାଏ, ତା କଣ ଆମେ ପାଇଲେଣି । ଏବେ ତ ନାନା ଅସୁବିଧା

ଭିତରେ ଚାଲିଛି—ଅନ୍ନ ତ୍ରୁଟି, ଜାମାପଟା ଯଥେଷ୍ଟ ନାହିଁ । ଶୀତ ଆସିଲା, ଅଥଚ ହସପିଟାଲ ଏବଂ ଶିଶୁଭବନମାନଙ୍କୁ ଜାଳେଣି କାଠ ଯୋଗାଇ ଦିଆଯାଉନି । ଯାନବାହନ ପ୍ରାୟ ଅଚଳ, ଟ୍ରେନ ଗୁଡ଼ା କୌଣସିମତେ ଠେଲି ପେଲି ଚାଲିଛନ୍ତି । ସବୁ ତ ଜାଣନ୍ତି । ମୋ ଅପେକ୍ଷା ବରଂ ଅଧିକ ଜାଣନ୍ତି । ଏହାସାଙ୍ଗକୁ ଶିକ୍ଷାର ଅଭାବ, ଅଜ୍ଞତା, କୁସଂସ୍କାର ଭଳି ଭୟଙ୍କର ଶତ୍ରୁ ରହିଛି । ସୁଦିନର ମୁହଁ ଦେଖିବା ପାଇଁ ଆମକୁ ଆହୁରି ଅନେକ ପଥ ଚାଲିବାକୁ ଅଛି ।' ଲେନିନଙ୍କ ହୃଦୟଖୋଲା କଥାଗୁଡ଼ା ସମସ୍ତଙ୍କ ମନ ତାରରେ ଅନୁରଣିତ କଲା ।

ପେରି-ହାଲ୍ ଲେନିନଙ୍କ ଦୁଶ୍ଚିନ୍ତାର କଥାଟା ବୁଝିଲେ ସିନା, କିନ୍ତୁ ତାଙ୍କ ସହିତ ଏକମତ ହୋଇପାରିଲେନି ।

'ଆଜାରବାଇଜାନର ଚାଷୀମାନେ ଜମି ପାଇଲେ । ବଡ଼ ବଡ଼ ଜମିଦାର ଓ ବେଗଙ୍କ କବଳରୁ ମୁକ୍ତି ପାଇଲେ । ଏହା ତ ବଡ଼ କଥା । ନିଜେ ଆମେମାନେ ଏବେ ନିଜର ମାଲିକ ହୋଇଛୁ ।'

ଶୁଣି ଖୁସି ହେଲେ ଲେନିନ । ପେରି-ହାଲଙ୍କୁ ଥରେ ଏବଂ ଅନ୍ୟ ପ୍ରତିନିଧିମାନଙ୍କୁ ଥରେ ଦ୍ରୁତଗତିରେ ଚାହିଁ ଦେଇ ବେଶ୍ କୌତୂହଳୀ ହୋଇ ପଚାରିଲେ, ତା'ହେଲେ ଆଜାରବାଇଜାନର ନାଗରିକମାନେ ବୁଝିପାରିଛନ୍ତି ଯେ ସୋଭିଏଟ ରାଷ୍ଟ୍ର ସେମାନଙ୍କୁ ଯୁଗ ଯୁଗର ଅନ୍ଧକାର ଭିତରୁ ଆଲୁଅକୁ ଆଣିଛି ? ଆଚ୍ଛା ? ଚାଷୀ ତାହାହେଲେ ସୋଭିଏତଗୁଡ଼ିକୁ ନିଜର ଜିନିଷ, ଜନସାଧାରଣଙ୍କ ରାଷ୍ଟ୍ରକ୍ଷମତାକୁ ନିଜର ବୋଲି ଭାବୁଚନ୍ତି ? ଆଚ୍ଛା କମ୍ରେଡ ପେରି-ହାଲ, କହନ୍ତୁ କହନ୍ତୁ ଥରେ ଦୋଭାଷୀଆଡ଼କୁ ଚାହିଁଲେ ଲେନିନ୍ । ଦୋଭାଷୀ ମଧ୍ୟ ମୁଣ୍ଡ ହଲେଇ ବୁଝେଇଦେଲେ ସମ୍ବୋଧନଟି ଠିକ୍ ହୋଇଛି । ଲେନିନ କହିଚାଲିଲେ, 'କହିଲେ ଦେଖି ଗାଁର କମ୍ୟୁନିଷ୍ଟମାନେ ଓ ପାର୍ଟି ବାହାରେ ଥିବା ସୋଭିଏତ୍ ରାଷ୍ଟ୍ର ସମର୍ଥକମାନେ କଣ ମନେ କରନ୍ତି ଯେ ସମଗ୍ର ପ୍ରାଚ୍ୟ ଦେଶ ଆଜାରବାଇଜାନକୁ ଅନେଇ ରହିଛି । ଆମର ମତରେ ଦୃଷ୍ଟିରୁ କଥାଟା ଅତି ଗୁରୁତ୍ୱପୂର୍ଣ୍ଣ । ଆପଣଙ୍କର ସେଠାକାର ଚାଷୀ,

ମଜୁରିଆ ଓ ଲାଲଫୌଜର ଲୋକେ ପ୍ରାଚ୍ୟ ଦେଶରେ ପ୍ରଥମ ସମାଜତନ୍ତ୍ରର ପତାକା ଉଡ଼େଇଛନ୍ତି ।'

ସମାଜତନ୍ତ୍ର କଥାଟା ପେରିହାଲ୍ ସଠିକ ବୁଝିପାରିଲେନି । କିନ୍ତୁ ତାଙ୍କର ମନେପଡ଼ିଗଲା ଗାଁ ସୋଭିଏଟ ଚଉପାଢ଼ି ଉପରେ ଲାଲଝଣ୍ଡା ଉଡ଼ିବା କଥା । କେଇଦିନ ଆଗରୁ ସେଇଟି ଥିଲା ଶାଖବାଜ୍ ବେଗ୍ ଙ୍କ ପ୍ରାସାଦ । ଏବେ ସେଠି ଲାଲଝଣ୍ଡା ଉଡୁଛି ବିଜୟ ଗର୍ବରେ । ଦୁଷମନ୍‌ମାନେ ତାକୁ ନଷ୍ଟ କରିବାକୁ ଚେଷ୍ଟାକରି ମଧ୍ୟ ପାରିନାହାନ୍ତି ।

'କମ୍ରେଡ୍ ସ୍, ଆଜାରବାଇଜାନକୁ ଆଦର୍ଶ ସୋଭିଏଟ ରିପବ୍ଲିକ୍ ଭାବେ ଗଢ଼ିତୋଳିବା ଆପଣଙ୍କ ହାତରେ । ଏ କାମ ଏଭଳି କରିବାକୁ ହେବ, ଯାହାଦ୍ୱାରା ପ୍ରାଚ୍ୟର ନିର୍ଯ୍ୟାତିତ ମଣିଷ ଆପଣମାନଙ୍କ କାମ ଭିତରେ ସେମାନଙ୍କ ଭବିଷ୍ୟତର ରୂପରେଖ ଦେଖି ପାରିବେ ।' ଜୋର ଦେଇ କହିଲେ ଲେନିନ୍ । ତାଙ୍କର ଶ୍ରୋତାମାନଙ୍କୁ ଏଇ କଥାଟି ପ୍ରଭାବିତ କରେ । ଆଖିରେ ଯୁଦ୍ଧର ବହ୍ନିଶିଖା ଫୁଟିଉଠିଲା ତାଙ୍କର : 'ଆଉ ଏଇ ମହାନ୍ ବ୍ରତରେ ନାରୀ ପ୍ରଥମ ଧାଡରେ ଠିଆହେଇଛି । ଆମର ଆଦର୍ଶ ରିପବ୍ଲିକରେ ନାରୀମାନଙ୍କୁ ହିଁ ସର୍ବାଧିକ ଉଚ୍ଚ ସ୍ଥାନ ଦିଆଯିବା ଉଚିତ, ଯାହା ଆଗରୁ ସେ ପାଇନଥିଲା । ଉପଯୁକ୍ତ ସମ୍ମାନ, ପ୍ରତିପତ୍ତି ଓ ସମ୍ପୂର୍ଣ୍ଣ ସ୍ୱାଧୀନତା ସେ ପାଇବା ଉଚିତ । ସୁସଂସ୍କୃତିର ସମସ୍ତ ଆଶୀର୍ବାଦ ନାରୀମାନଙ୍କର ହିଁ ପ୍ରାପ୍ୟ । କମ୍ରେଡସ୍, ପ୍ରାଚ୍ୟ ଦେଶ ପାଇଁ ପ୍ରଗତିର ଦୃଷ୍ଟିରୁ ମଧ୍ୟ ଏହାର ଗୁରୁତ୍ୱ ଅପରିସୀମ ।'

ଏଥରକ ମଧ୍ୟ ପେରି-ହାଲ୍ ଯେ ସବୁକଥା ବୁଝି ପାରିଲେନି, ଏପରି ନୁହେ । ତାଙ୍କର ମନେହେଲା ସୂର୍ଯ୍ୟର ପ୍ରାଣଦାୟିନୀ ଆଲୋକଧାରାରେ ସେ ସ୍ନାନ କରୁଛନ୍ତି । ପ୍ରତିନିଧି ଦଳର ସମସ୍ତେ ଗଭୀର ଭାବେ ଅଭିଭୂତ । ସେମାନଙ୍କର ମନେହେଲା, ଲେନିନ୍‌ଙ୍କ କଥା ଶୁଣୁ ଶୁଣୁ ସେମାନଙ୍କର ପ୍ରତ୍ୟେକଙ୍କର ପିଠିରେ ଯେପରି ଇଗଲର ଡେଣା ଗଜୁରିଛି ।

ଖୋଲଭାଡ଼ ସେମାନଙ୍କୁ ଠିକନଖି ପ୍ରଶ୍ନ ପଗ୍ଠରିବାକୁ ଲାଗିଲେ ଲେନିନ । ଭୋଗୁମାନଙ୍କ ଜମି ଜମା କିଭଳି ବଣ୍ଟନ ହେଲା, ଗରିବ ଚାଷୀମାନଙ୍କ ହଳ ଘୋଡ଼ା, ଲଙ୍ଗଳ, ମଇ—ଏସବୁ ଠିକ୍ ଅବସ୍ଥାରେ ଅଛି କି ନାହିଁ, ଯୋଉ ଜମିରେ ସେମାନେ ଦଖଲ ପାଇଛନ୍ତି ସେସବୁକୁ ମିଳିତଭାବେ ଚାଷ କରିବାକୁ ରାଜି ଅଛନ୍ତି କି ନାହିଁ ଇତ୍ୟାଦି । ଏ ସବୁ ପ୍ରଶ୍ନର ଉତ୍ତର ଦେବା ପେରି-ହାଲ୍ଙ୍କ ପକ୍ଷେ ଖୁବ୍ ସହଜ । ଜଳ ପରି ସରଳ । ଲେନିନଙ୍କ ପ୍ରଶ୍ନର ଉତ୍ତର ଦେବା ମାନେ ତ ତା ନିଜ ଜୀବନ କଥା କହିବା । ସେ କହି ଚାଲିଲେ ଏବଂ ଆଶ୍ଚର୍ଯ୍ୟରେ ଲକ୍ଷ୍ୟ କଲେ, ଯେଉଁ ଦୈନନ୍ଦିନ କଥାଗୁଡ଼ାକୁ ସେ ଅତି ତୁଚ୍ଛ ବୋଲି ଭାବୁଥିଲେ, ଲେନିନଙ୍କ ଆଗ୍ରହ ସେଇଥିରେ ବେଶି । ତାଙ୍କ ପାଖରେ ସେହି କଥାହିଁ ଗୁରୁତ୍ୱପୂର୍ଣ୍ଣ ବିଷୟ ।

ସ୍କୁଲ ନେଇ ପ୍ରଶ୍ନ ହେବାରୁ ପେରି-ହାଲ୍ ଗାଁ'ର ଶିକ୍ଷା ବ୍ୟବସ୍ଥା ନେଇ ଗୋଟାଏ ବାସ୍ତବ ଚିତ୍ର ଥୋଇଲେ । ଲେନିନ୍ ବହି ଓ ଖାତା ମିଳିବା କଥା ପଗ୍ଠରିବାରୁ ପେରିହାଲ୍ କହିଲେ, ବହିର ବଡ଼ ଅଭାବ କମ୍ରେଡ୍ ଲେନିନ । ପାଳିକରି ଜଣକ ପରେ ଜଣେ ବହି ପଢ଼ନ୍ତି । କିନ୍ତୁ ଏକଥା ଥାଉ । ଆଉ ଗୋଟାଏ କଥା ପଗ୍ଠରିବାକୁ ଚାହେଁ କମ୍ରେଡ !

'କେଉଁ କଥା ?' ଉତ୍ସୁକ ହୋଇ ପଗ୍ଠରିଲେ ଲେନିନ ।

'ଆମ ଜିଲ୍ଲାରେ ଅଛି ତିନି ଶହ ଗାଁ । ଗାଁର ଅଳ୍ପ ବହୁତ ଲୋକ ପଢ଼ି ଶିଖୁଛନ୍ତି । କିନ୍ତୁ ସମସ୍ତ ଆଜାରବାଇଜାନରେ ଖବର କାଗଜ ଖଣ୍ଡେ ପାଇବା ମୁସ୍କିଲ । ଜିଲ୍ଲାରେ ଗୋଟିଏ ବି ଛାପାଖାନା ନାହିଁ । ଆପଣ ଯଦି ଗୋଟାଏ ଛାପାକଳ ପଠାଇ ପାରନ୍ତେ, ଆମେ ଅନ୍ତତଃ ମାସକୁ ଖଣ୍ଡିଏ ଖବର କାଗଜ ଛପାଇ ପାରନ୍ତୁ । ସେଥିରେ ଆମ ଗାଁ ଗହଳର କଥା; ସୁବିଧା ଅସୁବିଧା କଥା ଛପା ଯାଇ ପାରନ୍ତା; ଯେଉଁମାନେ ପଢ଼ି ପାରିବେନି, ସେମାନଙ୍କୁ ସଂଧ୍ୟାବେଳେ ପଢ଼ି ଶୁଣାଇ ହେବ । ଏଥିରେ ଆମର ଖୁବ୍ ଉପକାର ହୁଅନ୍ତା । ହୁଅନ୍ତା ନି ?'

ନୋଟ ବହିରେ ଲେନିନ କ'ଣ ସବୁ ଟିପି ରଖିଲେ । ତାପରେ ଅନ୍ୟ ପ୍ରତିନିଧିମାନଙ୍କୁ ଗୁହିଁ କେତେ କଥା ପଚାରିଲେ ।

ଲେନିନ ନଦେଖି ପାରିଲା ଭଳି ଇଂଗିତରେ ତାଙ୍କ ସେକ୍ରେଟାରୀ ପ୍ରତିନିଧି ଦଳକୁ କହିଲେ, ଏଥର ଆପଣମାନେ ବିଦାୟ ନିଅନ୍ତୁ । ଲେନିନ ସହଜେ କ୍ଳାନ୍ତ, ଏବେବି ଅନେକ କାମ ଶେଷ କରିବାକୁ ଅଛି । ଏଣୁ ସେମାନେ ଉଠିଲେ ।

ଆବେଗଭରା ଗଳାରେ ପେରି-ହାଲି କହିଲେ, 'କମ୍ରେଡ୍ ଲେନିନ, ମଣିଷର ଭାଗ୍ୟ ସହିତ ଯେଉଁ ଡାଆଣୀ ଖେଳେ ସେଇ ସମୟର ଚକ୍ରାନ୍ତରୁ ଆଲ୍ଲା ଆପଣଙ୍କୁ ରକ୍ଷା କରନ୍ତୁ । ଆପଣଙ୍କୁ ସେ ଦୀର୍ଘଜୀବୀ କରନ୍ତୁ । ଆପଣଙ୍କ ଜୀବନ ଆମମାନଙ୍କ ପାଖରେ ଅତି ଉପକାରୀ, ଅତି ପ୍ରିୟ ।'

'ମଣିଷର ଭାଗ୍ୟକୁ ନେଇ ଛିଣିଭିଣି ଖେଳେ ଯେଉଁ ଡାଆଣୀ, ତାକୁ ଆପଣମାନେ କହୁଛନ୍ତି ସମୟ ?' ଲେନିନଙ୍କ ଦୃଷ୍ଟି କୁତୂହଳ ଭରା । 'ଭାରି ମଜା କଥା ତ ? ଡାଆଣି, ନୁହେଁ ?'

ପେରିହାଲି ଆଜାରବାଇଜାନର ପ୍ରଚଳିତ ବହୁ ପୁରୁଣା ରୂପ କଥାରୁ କାହାଣୀଟି ଶୁଣାଇଲେ ।

ଆଗ୍ରହରେ ସବୁ ଶୁଣି ଲେନିନ କହିଲେ, 'ବେଶ ମଜା ରୂପ କଥାଟି । ସେ କାଳର ସମାଜରେ ମଣିଷର ଭାଗ୍ୟ ହଠାତ୍ ଘଟୁଥିବା କେତେ ଘଟଣା ଉପରେ ନିର୍ଭରଶୀଳ ଥିଲା, ମଣିଷର ସୁଖର ସ୍ୱପ୍ନ ହଠାତ୍ କିଭଳି ଧୂଳିସାତ ହୋଇଯାଏ, ସେଇ ଧାରଣାଟିକୁ ମଣିଷ ଅତି ଚମତ୍କାର ଭାବେ ରୂପକଥା ଭିତରେ ଫୁଟେଇଛି । କିନ୍ତୁ ଏଣିକି ସମୟ ଆମମାନଙ୍କର ବନ୍ଧୁ । ମଣିଷ ଭାଗ୍ୟ ସହିତ ସେ ଆଉ ଖେଳିବନି । ଆମେ କମ୍ୟୁନିଷ୍ଟ-ମାନେ—ଏଇ ଡାଆଣିକୁ ଜନସାଧାରଣର ସ୍ୱାର୍ଥ ପାଇଁ କାମ କରିବାକୁ ବାଧ୍ୟ କରିବୁ । ପ୍ରତିବିପ୍ଳବୀ ଅଛନ୍ତି, ଏଇଆ ନା ? ଧୈର୍ଯ୍ୟ ଧରନ୍ତୁ, ସେମାନଙ୍କୁ ଆମେ ସାବାଡ଼୍ କରିବୁ ।' ଖୁସିରେ ପ୍ରାଣ ଆନନ୍ଦରେ ହସି ଉଠିଲେ ଲେନିନ ।

ହଠାତ୍ ପେର-ହାଲ୍‌ଙ୍କ ମନେ ପଡ଼ିଲା, ଲେଲିନଙ୍କୁ ଉପହାର ଦେବାପାଇଁ ଯେଉଁ ଆପେଲ ଝୁଡ଼ିଟା ଆଣିଥିଲେ, ସେଇଟା ବାହାର ଘରେ ରହି ଯାଇଛି । ସାଙ୍ଗେ ସାଙ୍ଗେ ସମସ୍ତଙ୍କୁ ଠେଲି ସେ ଝୁଡ଼ି ଆଣିବାକୁ ବାହାରିଲେ । 'ମୋ ବଗିଚାର ଫଳ । ଯୋଉ ବଗିଚାଟିକୁ ମତେ ପୁଣି ଫେରାଇ ଦେଇଛନ୍ତି କମ୍ରେଡ୍ ଲେନିନ, ସେଇ ବଗିଚାର ଫଳ ।'



ଝୁଡ଼ିଟିକୁ ଟେବୁଲ ଉପରେ ରଖି ଉତ୍ତେଜନାରେ ଥରି ଉଠିଲେ ପେରହାଲ୍ । 'ଜାଣନ୍ତି, ଏଇ ବଗିଚାର ମାଟି ମୁଁ ନିଜେ ଖୋଳିଛି । ଯେତେବେଳେ ପାଣି ମୁନ୍ଦାଏ ମିଳିଲା ନାହିଁ, ମୁଁ ନିଜ ଦେହ ଝାଳରେ ଏହାର ଚେରକୁ ଓଦା କରିଛି । ନିଅନ୍ତୁ, ଧରନ୍ତୁ, ଆପଣଙ୍କର ଅଯୋଗ୍ୟ ସାମାନ୍ୟ ଏଇ ଉପହାର । ତେବେ ଭାବିବେ ଏଇଟି ମୋର ଏକବାରେ ହୃଦୟର ଉପହାର ।'

ଶୀତରେ ଥଣ୍ଡା ପବନ ଛୁଆଁ ପାହାଡ଼ି ଝିଅର ଲାଲ ଟୁକୁ ଟୁକୁ ଗାଲ ପରି ସବୁଠୁ ବଡ଼ ଆପେଲଟିକୁ ଝୁଡ଼ିରୁ ଉଠେଇ ଲେନିନଙ୍କ ହାତକୁ ବଢ଼େଇ ଦେଲେ ପେରହାଲ୍ ।

ଆପେଲ୍ ଦେହରେ ହାତ ବୁଲେଇଲେ ଲେନିନ । ଆଘ୍ରାଣ କଲେ । ସୂର୍ଯ୍ୟର ସମସ୍ତ ଉତ୍ତାପକୁ ଯେପରି ଶୋଷିଥିବା ଘରଟାରେ ଝାଡିଦେଲା ସେଇ ଆପେଲଟା । ପେରହାଲ୍ ଲକ୍ଷ୍ୟ କଲେ, ଲେନିନଙ୍କ ହାତ ଆକାରରେ ଛୋଟ ହେଲେ ମଧ୍ୟ ମୁଠାଟି ବେଶ ଶକ୍ତ ।

'ଆହା କି ବାସନା !' ଲେନିନଙ୍କ କଣ୍ଠସ୍ୱର ଦୀର୍ଘଶ୍ୱାସରେ ମିଳେଇ ଗଲା । 'ଜାଣନ୍ତି, ମସ୍କୋର ଜଣେ ମଜଦୁର ମୋର ବନ୍ଧୁ । ହଁ ହଁ ଖୁବ୍

ପରିଚିତ—ଖାଣ୍ଟି କମ୍ୟୁନିଷ୍ଟ ଏକବାରେ, ହଁ ଇଭାନୋଭ୍ ତା ନାଁ, ଚମତ୍କାର ଲୋକଟି ।' ଫେରହାଲଙ୍କୁ ଚାହିଁ ଏପରି କହିବାକୁ ଲାଗିଲେ ଲେନିନ୍, ଯେପରି ସେ ଦୁହିଁଙ୍କ ବ୍ୟତୀତ ସେଠି ଆଉ କେହି ନାହାନ୍ତି । 'ଦିନ କେଇଟି ହେବ ଫ୍ରଣ୍ଟରେ ସେ ମରିଯାଇଛି । ବିଧବା ସ୍ତ୍ରୀ, ଚାରିଟି ଛୁଆ ପିଲାଙ୍କୁ ଛାଡ଼ି ଯାଇଛି ! ଆପଣଙ୍କର ଏଇ ଉପହାରଟି ପାଇଲେ ସେମାନେ କେତେ ଖୁସି ହୁଅନ୍ତେ ! ଇଭାନୋଭ୍ ପରିବାର ପକ୍ଷରୁ ଆପଣଙ୍କୁ ଧନ୍ୟବାଦ ଜଣାଉଛି —ଧନ୍ୟବାଦ, ଧନ୍ୟବାଦ ।'

ଲେନିନଙ୍କ ଅଫିସରୁ ବାହାରି ଯାଉଁ ଯାଉଁ ଅଶ୍ରୁ ଛଳ ଛଳ ଆଖିରେ ଫେରହାଲ୍ ଭାବିଲେ—ମଣିଷ ମରିଗଲେ ବି ଏତେଟା ଭୟଙ୍କର ମନେ ହୁଅନ୍ତାନି ।

କିନ୍ତୁ ନା, ସେ ମରିବାକୁ ଚାହାନ୍ତି ନାହିଁ । ଏତେ ଶୀଘ୍ର ନୁହେଁ ।

ପ୍ରତିନିଧି ଦଳଟି ଫେରି ଆସିବାର ମାସ କେଇଟି ଭିତରେ ଭେଲି ଦିନେ ସହରକୁ ଘୋଡ଼ାରେ ଚଢ଼ି ପାହାଡ଼ ରାସ୍ତା ଡେଇଁ ଅସମ୍ଭାଳ ହେଇ ବାହାରୁ ଡାକ ଛାଡ଼ିଲା, 'ଫେରହାଲ୍, ଦେଖିଲୁ ଛାପା କଳ, ଅକ୍ଷର ସବୁ ଆସିଯାଇଛି । ବାଞ୍ଚୁରୁ ଛାପାକଳ କାମ ଜାଣିଥିବା ଲୋକ ବି ଆସିଛି । ଦେଖିଲୁ ଲେନିନ ଆମମାନଙ୍କୁ ଭୁଲି ନାହାନ୍ତି ? ଯେମିତି କଥା, ସେମିତି କାମ ।'

ଦୁଆର ମୁହଁରେ ଛିଡ଼ା ହୋଇ ଫେରହାଲ୍ କହିଲା, 'ଆରେ ପୁଅ, ଲେନିନଙ୍କ କଥା ଆଉ କାମରେ କଣ ଫରକ ହେଇପାରେ ? ସେ ଦୁଇଟା-ଯାକ ଜାଣି ଗୋଟାଏ ।'

'କି କଥା ଏ !' ଭାବିବାକୁ ଲାଗିଲେ ଫେରହାଲ୍, କାଲି ସକାଳେ ଯିଏ ଥିଲା ଦିନ ମଜୁରିଆ, ଜଣେ ସାମାନ୍ୟ ଚାଷୀ ତାଙ୍କୁ କଣ ବା ମାଗିଲା, ସେତିକରେ ସ୍ୱୟଂ ଲେନିନ ସେକଥା ଆଦୌ ଭୁଲି ନଯାଇ ତା ଇଚ୍ଛା ପୂରଣ କରି କରିଦେଲେ । ନା, ନା, ମତେ କାମ କରିବାକୁ ହେବ । କଠିନ ପରିଶ୍ରମ କରି ତାଙ୍କର ଏଇ ସହାନୁଭୂତିର ମାନ ରଖିବାକୁ ହେବ ।

ଦୁଇ ସପ୍ତାହ ପରେ 'ଲେନିନଙ୍କ ପଥରେ' ନାଁ ଦେଇ ଜିଲ୍ଲାର ପ୍ରଥମ ଖବର କାଗଜର ପ୍ରଥମ ସଂଖ୍ୟା ପ୍ରକାଶିତ ହେଲା ।

ହରିଶ ଭାରି ସାବଧାନୀ ଲୋକ । ଗାଡ଼ି ବି ଭଲ ଚଳାଏ । କିନ୍ତୁ ଯେତେବେଳେ ସେ ଅପେକ୍ଷାକୃତ ଛୋଟିଆ ରାସ୍ତାରେ, ଯେଉଁଠିକି କାଁ ଭାଁ ଗୋଟାଏ ଦିଓଟି କାର୍ ଯାଏ, ଗୋଟାଏ ଦୁର୍ଘଟଣା ଘଟାଇ ଦେଲା, ତାପରେ କି'ଣ ଆପଣ ହରିଶକୁ ସାବଧାନୀ କହି ପାରିବେ ?

ହରିଶ କିନ୍ତୁ କହେ : ତଥାପି ସେ ସାବଧାନୀ ।

କିନ୍ତୁ ଦୁର୍ଘଟଣା ?

ତା'ର ଉତ୍ତର ଦେଇ ହରିଶ କହେ ତା' ଆଖି ଆଗରେ ଗୋଟାଏ ନାଲି ଗାଡ଼ି ସବୁବେଳେ ଯାଉଥିବ, ଏହା ସେ ମୋଟେ ସହି ପାରିବ ନାହିଁ । ଯଦି ଗୋଟାଏ ନାଲି ଗାଡ଼ି ଆଗରେ ଯାଏ, ତାହାହେଲେ ଗୋଟିଏ ଆସନ୍ନ ଦୁର୍ଘଟଣା ତା' ଆଖିଆଗରେ ନାଚଯାଏ । ଏଣୁ ସେ ସାବଧାନ ହୋଇ ଶୀଘ୍ର ନାଲି ଗାଡ଼ିଟିକୁ ଟପି ଚାଲି-

## ଆପଣଙ୍କ ଜୀବନରେ ରଙ୍ଗ

ଯିବାକୁ ବସିଥିଲା ବେଳେ ଯଦି ଦୁର୍ଘଟଣାଟି ଘଟିଗଲା, ତେବେ କି'ଣ ତାକୁ ଅସାବଧାନୀ ବୋଲାଯିବ ?

ହରିଶ ନାଲି ରଙ୍ଗ ସହି ପାରେନା । ଆପଣ ? ହୁଏତ ଆପଣ ନାଲି ରଙ୍ଗକୁ ପସନ୍ଦ କରନ୍ତି । ତେବେ ଅନ୍ୟ କେତେକ ରଙ୍ଗ ନିଶ୍ଚୟ ଥିବ ଯାହାକୁ ଆପଣ ପସନ୍ଦ କରନ୍ତି ନି । ଆପଣ କି'ଣ ଜାଣନ୍ତି, ଆପଣଙ୍କ ପସନ୍ଦ ଏବଂ ନାପସନ୍ଦ ରଙ୍ଗ ସବୁ କିପରି ଆପଣଙ୍କ ଜୀବନକୁ ନିୟନ୍ତ୍ରିତ କରେ ? ହରିଶ ତାହାର ଗୋଟାଏ ଉଦାହରଣ । ହୁଏତ ଆପଣ ବି ଦିନେ ଗୋଟା ଏକ ଉଦାହରଣ ବନିବେ ।

ବିଭିନ୍ନ ରଙ୍ଗ ବିଭିନ୍ନ ପ୍ରକାର ମନସ୍ଥିତି ପାଇଁ ଦାୟୀ ହୋଇ ପାରେ । ଗୋଟାଏ ରଙ୍ଗ ଆପଣଙ୍କୁ ବିଚଳିତ କରି ପକାଏ ତ ଅନ୍ୟଟି

ଆମୋଦଦାୟକ ମନେହୁଏ, ଗୋଟାଏ ବିରକ୍ତିକର ମନେହୁଏ ତ ଅନ୍ୟଟି ଆପଣଙ୍କୁ ପ୍ରଫୁଲ୍ଲିତ କରେ । ଏ ସବୁ ସମ୍ଭବ ହୁଏ କାରଣ ବିଭିନ୍ନ ରଙ୍ଗ ଆପଣଙ୍କ ମସ୍ତିଷ୍କରେ ବିଭିନ୍ନ ଧରଣର ପ୍ରଭାବ ପକାଇଥାଏ ।

ଗୋଟାଏ ଧରଣର ନାଲି ରଙ୍ଗ କେତେକ ସ୍ତ୍ରୀଙ୍କୁ ଶାନ୍ତ କରେ ଅନ୍ୟ କେତେକଙ୍କୁ କ୍ରୋଧାନ୍ୱିତ କରାଏ, ଅନ୍ୟ ଧରଣର ଗୋଟାଏ ନୀଳ ରଙ୍ଗ ହୁଏତ ଆପଣଙ୍କ ଶାନ୍ତ ସ୍ୱଭାବ ବିକଶିତ କରାଏ କିନ୍ତୁ ଅନ୍ୟ କାହାର ଅସାଧୁତାର ପ୍ରଦର୍ଶନ କରାଏ । ତେଣୁ ପ୍ରତ୍ୟେକ ରଙ୍ଗର ବିଶିଷ୍ଟତା ରହିଛି ।

ନାଲି ରଙ୍ଗ ଭୟ ଓ ବିପଦର ସୂଚନା ଦିଏ । ଏହା ଆପଣଙ୍କ ମସ୍ତିଷ୍କକୁ ଉତ୍ତେଜିତ କରାଏ, ଆପଣଙ୍କ ନାଡ଼ିର ଗତି ବି ବଢ଼ାଏ ଏବଂ କ୍ଷୁଧାଶକ୍ତି ବଢାଏ । ତେଣୁ ରେସ୍ତୋରାଁ ଗୁଡ଼ିକରେ ସାଧାରଣତଃ ନାଲି ରଙ୍ଗରେ ସାଜସଜ୍ଜା କରାଯାଇଥାଏ । ହଳଦିଆ ରଙ୍ଗ ଆନନ୍ଦର ସୂଚକ । ତେଣୁ ଘର ସଜାଇବା ବେଳେ ସାଧାରଣତଃ ପର୍ଦ୍ଦା, ଗାଲିଚା ଆଦିର ରଙ୍ଗ ହଳଦିଆ ଯେପରି ହୁଏ, ସେଥିପ୍ରତି ଦୃଷ୍ଟି ଦିଆ ଯାଇଥାଏ । ବିଶେଷତଃ ଉତ୍ତର ଦିଗରେ ଥିବା କୋଠରୀଗୁଡ଼ିକୁ ହଳଦିଆ ରଙ୍ଗରେ ସଜେଇବା ଦରକାର ।

ବାଇଗଣିଆ ରଙ୍ଗ ସମ୍ମାନ ଏବଂ ଗୋପନତାର ପ୍ରତିନିଧିତ୍ୱ କରେ । ନୀଳ ରଙ୍ଗ ଶାନ୍ତି ଏବଂ ବିଶ୍ରାମର ପ୍ରତିନିଧି । ସବୁଜ ରଙ୍ଗ ହେଲା ପ୍ରାକୃତିକ ରଙ୍ଗ, ଏହା ଉତ୍ତେଜନା କମାଏ । କଳା ରଙ୍ଗ ଗୁପ୍ତ ତଥ୍ୟର ପ୍ରତୀକ ଏବଂ ଦୁଃଖର ମଧ୍ୟ । ଧଳା ରଙ୍ଗ ସ୍ତ୍ରୀତ୍ୱର ପ୍ରତିନିଧିତ୍ୱ କରେ, ତା ସଙ୍ଗେ ସଙ୍ଗେ ବିଳାସର ମଧ୍ୟ ।

## ବିଭିନ୍ନ ରଙ୍ଗ ଏବଂ ଆପଣଙ୍କ ଘର :

ଗୋଟିଏ ଶ୍ରେଷ୍ଠ ଘରକୁ ବଡ଼ ଦେଖାଗଲା ଭଳି, ଯଦି ଆପଣ ଚାହାନ୍ତି ତେବେ ସମସ୍ତ କୋଠରୀରେ ଗୋଟାଏ ରଙ୍ଗ ମାତ୍ର ଦିଅନ୍ତୁ । ଚିତ୍ରକାନ୍ଥ, ଝରକାର ପର୍ଦ୍ଦା, ଦ୍ୱାରରେ ପର୍ଦ୍ଦା, ଗାଲିଚା ଏବଂ ଫର୍ନିଚରର

ରଙ୍ଗ ସମସ୍ତ ଗୋଟିଏ ରଙ୍ଗର ଯଦି ହୁଏ, ତେବେ ଆପଣଙ୍କ ଶ୍ରେଷ୍ଠ ଘରଟି ବଡ଼ ଦେଖାଯିବ । ଫିକା ପାଉଁଶିଆ ରଙ୍ଗ ଘରର ବାହାର କାନ୍ଥ ପାଇଁ ଉପଯୁକ୍ତ କାରଣ ଏହା ଅନ୍ୟାନ୍ୟ ରଙ୍ଗଠାରୁ ପୃଥକ୍ ହୋଇ ଆପଣଙ୍କ ଘରଟିକୁ ସଭିଙ୍କ ଦୃଷ୍ଟିରେ ବଡ଼ କରି ଦେଖାଏ ।

ଆପଣ ଯଦି ଘରେ ଥଣ୍ଡା ରଙ୍ଗ ଦେବାପାଇଁ ଇଚ୍ଛାନ୍ତି, ତେବେ ଧଳା ରଙ୍ଗ ଭଲ । ନୀଳ ଏବଂ ବାଇଗଣିଆ ରଙ୍ଗ ମଧ୍ୟ ଏ ଧରଣର ରଙ୍ଗ । ଅନ୍ୟ ପକ୍ଷରେ, ଯେପରିକି ପୂର୍ବରୁ କୁହାଯାଇଛି ନାଲି ଏବଂ ହଳଦିଆ ରଙ୍ଗ ବ୍ୟବହାର କରାଯାଇ ପାରେ କିନ୍ତୁ ସେଥିରେ ଦୃଷ୍ଟି ଦେବାକୁ ପଡ଼ିବ ଯେ ଯେପରି ହଳଦିଆ ରଙ୍ଗ ବିଶେଷ ପ୍ରାଧାନ୍ୟ ଅଧିକାର କରେ ।

ଯେ କୌଣସି ରଙ୍ଗ ହେଉନା କାହିଁକି; ତା'ର ପ୍ରଭାବ ଗଢ଼ଣର ବିଭିନ୍ନ ପାହାଚରେ ନିର୍ଭର କରେ । ଗୋଟାଏ ସ୍ଥାନରେ ଗାଢ଼ ହଳଦିଆ ହୁଏତ ଭଲ ଦେଖାଯାଇ ନ ପାରେ; କିନ୍ତୁ ଟା ଫିକା ହଳଦିଆ ଭଲ ଦେଖାଯାଇ ପାରେ । ଏହା ସବୁ ପଡ଼ୋଶୀ ଘରମାନଙ୍କ ରଙ୍ଗ ଉପରେ ନିର୍ଭର କରେ । ତେଣୁ ଗୋଟିଏ ସୁସ୍ଥ ରଙ୍ଗ ଖୋଜିବା ବେଳେ ଏ ସମସ୍ତକୁ ବିଚାରରେ ନିଆଯିବା ଦରକାର ।

## ରଙ୍ଗ ଏବଂ ଆପଣ :

ଆପଣ ଲୁଗାପଟା କିଣିବା ପୂର୍ବରୁ କେଉଁ ରଙ୍ଗ ଆପଣଙ୍କ ପାଇଁ ଉପଯୁକ୍ତ ବିଚାର କରିବା ଦରକାର । ଆପଣଙ୍କ ଚର୍ମ; ଆଖି ଏବଂ ବାଳର ରଙ୍ଗ ପାଇଁ ଲୁଗାପଟାର ରଙ୍ଗ ଯଦି ଉପଯୁକ୍ତ ହୋଇ ନଥାଏ ତେବେ ଭଲ ଲୁଗା ବି ଆପଣଙ୍କ ପାଇଁ ନିରର୍ଥକ ବୋଧ ହେବ । ସବୁଜ ଆଖି ଏବଂ ମାଟିଆ ରଙ୍ଗର ବାଳ ଥିବା ଲୋକଟିଏ ଯଦି ସବୁଜ ରଙ୍ଗର ଲୁଗା ପିନ୍ଧେତ ସେ ଭଲ ଦେଖାଯାଏ କିନ୍ତୁ ସେ ଯଦି ଧଳା ରଙ୍ଗର ଲୁଗା ପିନ୍ଧେ ତେବେ ଏମିତି ମନେହେବ ଯେ ସେ ଯେମିତି ଲୁଚି ଯାଇଛି ।

ଯେଉଁମାନଙ୍କ ରଙ୍ଗ ସଫା ନୁହେଁ; ସେମାନେ ହଳଦିଆ ଏବଂ ତା' ଭଳି ଅନ୍ୟାନ୍ୟ ଫିକା ରଙ୍ଗ ବ୍ୟବହାର କରିବା ଉଚିତ । ଯେଉଁମାନଙ୍କ

ରଙ୍ଗ କଳ୍ଚଟା ସଫା ସେମାନଙ୍କ ପାଇଁ ନାରଙ୍ଗୀ ରଙ୍ଗ ଉପଯୁକ୍ତ । ଯେଉଁମାନଙ୍କ ରଙ୍ଗ ସଫା ଏବଂ କଳ୍ଚ ନାଲି ସେମାନଙ୍କ ପାଇଁ ସବୁଜ ରଙ୍ଗ ସବୁଠାରୁ ଭଲ; କାରଣ ସବୁଜ ରଙ୍ଗ ନାଲି ଚମର ପ୍ରାଧାନ୍ୟ ସ୍ପଷ୍ଟ କରିଦିଏ । କଳା ରଙ୍ଗର ଲୁଗା ବୟସ୍କା ସ୍ତ୍ରୀମାନେ ପିନ୍ଧିବା ମୋଟେ ହିଁ ଉଚିତ ନୁହେଁ, କାରଣ ଯେତେବେଳେ ମୁଣ୍ଡ ବାଳର ରଙ୍ଗ ଫିକା ପଡ଼ି ଆସୁଥିବ; ସେତେବେଳେ କଳା ରଙ୍ଗର ଆପେକ୍ଷିକତାରେ ସେ ଆହୁରି ବୁଢ଼ୀ ଦେଖାଯିବ ।

ଯେଉଁମାନଙ୍କ ଉଚ୍ଚତା କମ; ସେଇ ସ୍ତ୍ରୀମାନେ ଶାଢ଼ୀ ଏବଂ ବ୍ଲାଉଜର ରଙ୍ଗ ମିଳାଇ ପିନ୍ଧିବା ଉଚିତ । ଅପର ପକ୍ଷରେ ଯେଉଁ ସ୍ତ୍ରୀମାନଙ୍କ ଉଚ୍ଚତା ଅତି ବହୁତ ସେମାନେ ଶାଢ଼ୀ ଏବଂ ବ୍ଲାଉଜର ରଙ୍ଗ ଅଲଗା କରିବା ଆବଶ୍ୟକ ।

ଠିକ୍ ସେ ରକମ ଗେଡ଼ୀ ମୋଟୀ ସ୍ତ୍ରୀଲୋକେ ବଡ଼ ବଡ଼ ପ୍ରିଣ୍ଟ ଥିବା ଶାଢ଼ୀ ପିନ୍ଧିବା ଅନୁଚିତ । ଉଚ୍ଚତା ସମ୍ପନ୍ନ ମହିଳାମାନଙ୍କ ପାଇଁ ସେଗୁଡ଼ିକ ଉପଯୁକ୍ତ । କମ୍ ଉଚ୍ଚତାର ଲୋକେ ଯଦି ଷ୍ଟ୍ରାଇପ୍ ଥିବା ଲୁଗା ପିନ୍ଧନ୍ତି ତେବେ ଏହା ମନେ ରଖିବାକୁ ପଡ଼ିବ ଯେ ଷ୍ଟ୍ରାଇପ୍‌ଗୁଡ଼ିକ ଯେପରି ଭୂମିସହ ସମାନ୍ତର ନ ହୁଏ କାରଣ ଏହା ଫଳରେ ସେମାନଙ୍କ ଉଚ୍ଚତା ଆହୁରି ବି କମ୍ ଦେଖାଯାଏ । ଯେଉଁମାନଙ୍କ ଓଜନ ଅତ୍ୟଧିକ ସେମାନେ ଫିକା ରଙ୍ଗ ହିଁ ପିନ୍ଧିବା ଦରକାର ।

ଦିନର ବିଭିନ୍ନ ସମୟରେ ଆପଣଙ୍କ ଚମର ରଙ୍ଗ ବି ବଦଳେ । ଏଣୁ ଯେଉଁ ଶାଢ଼ୀଟି ଆପଣ ସକାଳେ ପିନ୍ଧିଥିଲେ; ସେଇଟିକୁ ଦ୍ୱିପହରରେ ଅବା ରାତିରେ ପିନ୍ଧିବା ଉଚିତ ନୁହଁ । ସକାଳୁ ଚେହେରା ଫିକା ଦେଖାଯାଏ; କିନ୍ତୁ ଦ୍ୱିପହରରେ କିଞ୍ଚିତ ନାଲି ଦେଖାଯାଏ, ଅପରାହ୍ନରେ ଚମର ରଙ୍ଗ ଆହୁରି ଗାଢ଼ ହୁଏ ଏବଂ ରାତିରେ ଚମ ପୁଣି ଫିକା ଦେଖାଯାଏ । ଏଣୁ ନିଜର ରୂପ ପ୍ରତି ଯେଉଁମାନେ ସଚେତନ ସେମାନେ ସକାଳ; ମଧ୍ୟାହ୍ନ, ଅପରାହ୍ନ ଏବଂ ରାତିରେ ଆପଣା ଦେହର ରଙ୍ଗ ନେଇ ଶାଢ଼ୀ ବଦଳାଇବା ଦରକାର ।

ପରିବାରର ସମଷ୍ଟିଗତ ରୂପ ଅର୍ଥ ସମାଜ । ଶ୍ରେଷ୍ଠ ପରିବାରକୁ କେନ୍ଦ୍ର କରିହିଁ ଗଢ଼ିଉଠେ ବରିଷ୍ଠ ସମାଜର ଆଶା-ଭରସା ।

ପରିବାରର ପ୍ରାଧାନ୍ୟ ପ୍ରତ୍ୟେକ ଯୁଗରେ ଦେଖାଯାଇଛି । ଅତୀତରେ ଥିଲା ବର୍ତ୍ତମାନ ବି ରହିଛି । ଅତୀତର ପରିବାର ଭିତରେ ଥିଲା ମିଳା-ମିଶା, ଭାବ ଦିଆନିଆ ଓ ପ୍ରତ୍ୟେକଙ୍କର ପ୍ରତ୍ୟେକଙ୍କ ସହିତ ବୁଝା-ମଣା ଭିତରେ ବାସ କରିବାର ଇଚ୍ଛା ବା ଚେଷ୍ଟା । କିନ୍ତୁ ଆଜିକାର ବଡ଼ ପ୍ରଶ୍ନ ହେଉଛି ପରିବାରଗୁଡ଼ିକ ଭାଙ୍ଗି ପଡ଼ିବାର କାରଣ କ'ଣ ? ଯଦିଓ ଏହା ଏକ ସମାଜ ବିଜ୍ଞାନର ପ୍ରଶ୍ନ, ତା ସତ୍ତ୍ୱେ ସମୂହ ଭାବରେ ଚିନ୍ତା କରିବାର ଏବେ ସମୟ ହୋଇଛି ।

## ଆଧୁନିକ ପରିବାର କାହିଁକି ଭାଙ୍ଗୁଛି !

ଆଧୁନିକ ପରିବାରଗୁଡ଼ିକ ଉପରକୁ ମୁଣ୍ଡ ଟେକି ଟେକି କାହିଁକି ଭାଙ୍ଗି ପଡୁଛି ଟିକିଏ ତଳେଇ ଦେଖିଲେ ସ୍ପଷ୍ଟ ବୁଝାଯିବ । ପରିବାରଗୁଡ଼ିକ ସ୍ଥାୟୀତ୍ୱ ନ ପାଇବାର କାରଣ ହେଲା ବୁଝାମଣାର ଅକ୍ଷମତା, ଯାହାକୁ କହନ୍ତି Lack of adjustment. ପରିଣାମରେ ସମାଜରେ ଦେଖା ଦେଉଛି ମନୋମାଳିନ୍ୟ ଓ ବିବାହ ବିଚ୍ଛେଦର ପ୍ରାଧାନ୍ୟ । ସ୍ୱାମୀ ସ୍ତ୍ରୀ ଯଦି ନିଜ ଭିତରେ ମିଳିମିଶି ବା ପରସ୍ପରକୁ ଶ୍ରଦ୍ଧାକରି ନ ଚଳନ୍ତି, ପରସ୍ପରକୁ ଭଲଭାବେ ବୁଝି ନ ପାରନ୍ତି, ତା' ହେଲେହିଁ ବିପଦ । ତାପରେ ଦେଖାଦେବ ମନୋମାଳିନ୍ୟ, ସେଉଠୁ ମୁଣ୍ଡ ଟେକିବ ଗୁଡ଼ପଣ, ଶେଷରେ separation

ମାନି ଚଳିବାର ଅକ୍ଷମତା ଯୋଗୁ ପରିବାରର ପ୍ରଧାନ ସ୍ୱାମୀ-ସ୍ତ୍ରୀ ଯେ କେବଳ ବହୁ ସମସ୍ୟାର ସମ୍ମୁଖୀନ ହୁଅନ୍ତି, ତା ନୁହେଁ, ଏମାନଙ୍କର ଯଦି ସନ୍ତାନ ଥାଏ, ସେମାନେ ମଧ୍ୟ ତାର ସମ୍ମୁଖୀନ ହୁଅନ୍ତି ।

ମୁଖ୍ୟତଃ ବର୍ତ୍ତମାନର ପରିବାରଗୁଡ଼ିକ ସ୍ଥାୟୀତ୍ୱ ପ୍ରାପ୍ତିରୁ ବଞ୍ଚିତ ହେବାର ଅନ୍ୟତମ କାରଣ ହେଉଛି ଏ ଯୁଗର ନାରୀ, ଅର୍ଥାତ୍ ଯେଉଁମାନେ



( ବିବାହ ପୂର୍ବରୁ )

ଆଧୁନିକ ସ୍ତ୍ରୀ ହେଉଛନ୍ତି; ସେମାନଙ୍କର ସ୍ୱାବଲମ୍ବିତା ଓ ଚରମ ସ୍ୱାଧୀନତା । ଆଗଯୁଗର ସ୍ତ୍ରୀମାନେ ସ୍ୱାମୀ ଅନୁଗତ ହେବାକୁ ବାଧ୍ୟ ହେଉଥିଲେ । ସେତେବେଳେ ସେମାନେ ସେତେଟା ଶିକ୍ଷିତା ହୋଇନଥିଲେ କି ସାମାଜିକ ସ୍ୱୀକୃତି ମଧ୍ୟ ପାଇ ନଥିଲେ । ସେମାନେ ପ୍ରତ୍ୟେକେ ଯେ ସ୍ୱ-ବୈଶିଷ୍ଟ୍ୟର ଅଧିକାରୀ, ତାହା ମଧ୍ୟ ଗ୍ରାହ୍ୟ ହେଉ ନଥିଲା । ବରଂ ସେମାନେ ଥିଲେ ନିତ୍ୟ ପ୍ରୟୋଜନୀୟ ସାମଗ୍ରୀ ସଦୃଶ । ତା ସତ୍ତ୍ୱେ ସେ ଯୁଗର ସ୍ତ୍ରୀମାନେ ବହୁ ଲାଞ୍ଛନା ଗଞ୍ଜଣା ସହ୍ୟ କରି ପରିବାରର ପ୍ରଧାନ ରୂପେ ପରିବାରକୁ ଚାଳନା କରି ସ୍ଥାୟୀ କରି ପାରୁଥିଲେ । କିନ୍ତୁ ଆଜିର ଆଧୁନିକା ନାରୀ କାହାକୁ ହେଲେ ଉଚ୍ଚାଧିକାର ଦେବାକୁ ନାରାଜ । ସେ ନିଜେ ଆଜି ସମ-ଅଧିକାରିଣୀ । ସେମାନେ ଆଜି ନିଜ ଗୋଡ଼ରେ ଠିଆ ହୋଇଛନ୍ତି—ଚାକିରି କରି ଘରକୁ ଟଙ୍କା ଆଣୁଛନ୍ତି । ସୁତରାଂ ମାନ ତଳିବାର ପ୍ରଶ୍ନ ଉଠିଲେହିଁ ଆଧୁନିକାମାନେ ଭିନେ ଚଳିବାର କ୍ଷମତା ପ୍ରଦର୍ଶନ କରନ୍ତି । ବାଧ୍ୟତା ମୂଳକ ସହନଶୀଳତା ନାରୀସ୍ୱଭାବରେ ଯେଉଁ ମାଧୁର୍ଯ୍ୟ ଫୁଟାଏ, ତାହା ଆଜି ବିଲୁପ୍ତ । କିନ୍ତୁ ଆଦର୍ଶ ଦୃଷ୍ଟିରୁ କିଏ ଅସ୍ୱୀକାର କରିବ ଯେ ଜନନୀ-ଜାୟା ମାନେହିଁ ଧରଣୀ ପରି ସର୍ବଂସହା ହେବାକୁ ହୁଏ ।

ସମାନ ଅଧିକାର, ସାମାଜିକ ସ୍ୱୀକୃତି ଆଜି ସେ ଆଦାୟ କରିଛି ସତ, କିନ୍ତୁ ତା ସଙ୍ଗେ ସଙ୍ଗେ ଚରିତ୍ରର ମାଧୁର୍ଯ୍ୟକୁ ହଜେଇ ଦେବାର କଣ ବିଶେଷ



( ବିବାହ ପରେ )

ଆବଶ୍ୟକତା ଥିଲି ? ସହନଶୀଳତା ଯେ ଏକ ବିଶେଷ ଗୁଣ—ଏହାର ଉତ୍କର୍ଷ ସାମାଜିକ ଜୀବନରେ ଯେ ଏକ ବିଶେଷ ଦାୟିତ୍ୱ - ଏ କଥାର ବ୍ୟାଖ୍ୟା ନିଷ୍ପ୍ରୟୋଜନ ।

ଆମେ ଆଜି ଆନ୍ତର୍ଜାତିକ ସହାବସ୍ଥାନର କଥା କହୁଛେ । ଜାତି ଧର୍ମର ବିଭେଦ ଭୁଲି ବଞ୍ଚିବା ଏବଂ ବଞ୍ଚିବାକୁ ଦେବାର ନୀତି ଅନୁସରଣ କରିବାକୁ ଚାହୁଁଛେ; କିନ୍ତୁ ପାରିବାରିକ କ୍ଷେତ୍ରରେ ସାମାନ୍ୟ ସାମାନ୍ୟ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ କୌଣସି ବୃହତ୍ତର ସ୍ୱାର୍ଥରେ ପ୍ରଣୋଦିତ ହେବାକୁ ଭୁଲିଯାଉଛେ କାହିଁକି ?

ଯେଉଁ ନାରୀ ପରିବାରର ସୌନ୍ଦର୍ଯ୍ୟ, ସେ ଯଦି ଆଜି ସ୍ୱେଚ୍ଛାଚାରିଣୀ ହୁଏ, ସ୍ୱାବଲମ୍ବିତାର ବଡ଼େଇ କରେ, ତା'ହେଲେ ତ ସଂସାର ବୋଲି କିଛି ଅଛି ବୋଲି ବିଶ୍ୱାସ କରି ହେବନି । ଯୁଗ ସହିତ ତାଳଦେଇ ନାରୀମାନେ ଶିକ୍ଷିତା ହୁଅନ୍ତୁ, ଚାକିରୀ ପାଇଲେ ସ୍ୱଚ୍ଛନ୍ଦରେ ଗ୍ରହଣ କରନ୍ତୁ; ତା ବୋଲି ଏସବୁ ପାଇଁ ତାଙ୍କର ନମ୍ରତା, ସରଳତା, ମମତା, ସର୍ବୋପରି ବୁଦ୍ଧିଦୀପ୍ତ ସ୍ୱଭାବକୁ କଣ ଜଳାଞ୍ଜଳି ଦେବାକୁ ହେବ ?

ଜୀବନର ସବୁ ଅବସ୍ଥା ସହିତ ମାନି ଚଳିବାର କ୍ଷମତାରେ ପୁରୁଷ ଅପେକ୍ଷା ନାରୀ ହିଁ ବେଶି ଦକ୍ଷ । ଆଜି ତାର ପ୍ରମାଣ ସେଇ ନାରୀକୁ ହିଁ ଦେବାକୁ ହେବ !

ରାତିରେ ଯଦି କଷି ଛୁଆର ଚିତ୍କାର ଶୁଣିବ ଅନ୍ଧକାରକୁ ବର୍ଦ୍ଧାସ୍ତ କରି ଭୁଲରେ ସୁଦ୍ଧା କହୁଣୀ ମାରି ଉଠେଇଦେବନି ନିଦ୍ରିତ ସ୍ୱାମୀ ଦେବତାଟିକୁ; କହିବେନି ଏଥରକ ତମପାଳି ପରା, ଦେଖ ମ ପିଲାଟା କଣ କହୁଛି !

ସ୍ତ୍ରୀମାନେ ବୁଝିବା ଉଚିତ ଯେ, ସ୍ୱାମୀମାନେ ରାତିରେ ଏପରି ନିଦ ଭାଙ୍ଗିଲେ ଆଦୌ ଖୁସି ହୁଅନ୍ତିନି ।

ଏକଥାକୁ ମାନିବା ନ ମାନିବା ଅବଶ୍ୟ ସ୍ତ୍ରୀମାନଙ୍କ ସ୍ୱାଧୀନ ଇଚ୍ଛା ଉପରେ ନିର୍ଭର କରେ, କିନ୍ତୁ ଛୁଆ କାନ୍ଦିଲେ ନିଦ୍ରିତ ସ୍ୱାମୀଙ୍କୁ ଠେଲି ପେଲି ଉଠେଇବା ଦ୍ୱାରା କୌଣସି ସ୍ତ୍ରୀର କିଛି ହେଲେ ଲାଭ ହୁଏନା । ବରଂ ହଠାତ୍ ନିଦ୍ରାଭଙ୍ଗ ଦ୍ୱାରା ସ୍ୱାମୀ ମିଜାଜଟି ବିଗିଡ଼ିଯାଏ, ଯାହାର ଧକ୍କା ସେଇ ସ୍ତ୍ରୀକୁ ହିଁ ସମ୍ଭାଳିବାକୁ ହୁଏ ।

## ସ୍ତ୍ରୀ କ'ଣ ବେଶୀ ଶୁଏ ?

ସାମ୍ପ୍ରତିକ କାଳରେ ପାଶ୍ଚାତ୍ୟ ଦେଶରେ ମନଃସମୀକ୍ଷା ମୂଳକ ପରୀକ୍ଷାନିରୀକ୍ଷା ଦ୍ୱାରା ତଥ୍ୟ ପ୍ରକାଶ ପାଇଛି ଯେ ନିଦ୍ରାର ଆବଶ୍ୟକତା ସ୍ତ୍ରୀ ଅପେକ୍ଷା ପୁରୁଷର ବେଶି ଏବଂ ଏହି କାରଣରୁ ରାତିରେ ପିଲା କାନ୍ଦିଲେ ନିଦ୍ରା ଭାଙ୍ଗିବା ଯେ କୌଣସି ସ୍ତ୍ରୀ ପକ୍ଷେ ଏକ ଅନୁଚିତ କାମ । ଅବଶ୍ୟ ଆଗକାଳେ ଏ ସମସ୍ୟାର ପ୍ରଶ୍ନ ହିଁ ନଥିଲା । କାରଣ ସେକାଳର ସୀମନ୍ତିନୀମାନେ ରାତିରେ ଛୁଆ ଉଠିଲେ ନିଜେ ନିଜେ ସମ୍ଭାଳୁଥିଲେ । ସ୍ୱାମୀଙ୍କୁ ଆଦୌ ବିବ୍ରତ କରୁ ନଥିଲେ ।

ଓ୍ୱାସିଂଟନର ବିଖ୍ୟାତ ମନୋବିଜ୍ଞାନୀ ଡା: ପଲ ସାଣ୍ଡ୍ରେସ୍ କୁହନ୍ତି, ପୁରୁଷ ପାଇଁ ନିଦ୍ରାର ପ୍ରୟୋଜନ ସ୍ତ୍ରୀ ଅପେକ୍ଷା ସଦାବେଳେ ବେଶି । ଆମେ ପରୀକ୍ଷା କରି ଦେଖିଛୁ ଯେ ଲଗ ଲଗ ଛ'ରାତି ନିଦ ଭଲ ନ ହେଲେ ମଧ

ଜଣେ ସ୍ତ୍ରୀ ସ୍ୱାଭାବିକ ଭାବେ ତାର ଦୈନନ୍ଦିନ କାମ ସେ କରି ଚାଲେ, କିନ୍ତୁ ଜଣେ ପୁରୁଷର ଲାଗ ଲାଗ ତିନିରାତି ଭଲ ନିଦ ନହେଲେ, ସେ ସ୍ୱାଭାବିକ ଭାବେ ତା କାମ କରି ପାରେନା । ଅଫିସ ବା କାମ ଉପରକୁ ଯାଇ ହାଜିରା ଦେବା ହିଁ କେବଳ ସାର ହୁଏ ।



ସଂପ୍ରତି ପ୍ରାୟ ପାଞ୍ଚ ଶହ ମହିଳାଙ୍କୁ ପ୍ରଶ୍ନ ପଚାରି ଜଣା ଯାଇଛି ଯେ ସେମାନଙ୍କ ଭିତରେ ଶତକଡ଼ା ୭୦ ଜଣ ରାତିରେ ୮ ଘଣ୍ଟାରୁ କମ ଶୁଅନ୍ତି ଏବଂ ଶତକଡ଼ା ୪୦ ଜଣ ଶୁଅନ୍ତି ୭ ଘଣ୍ଟାରୁ କମ ।

ସବୁଠୁ ଆଶ୍ଚର୍ଯ୍ୟ କଥା ହେଲା, ସ୍ତ୍ରୀମାନଙ୍କ ବୟସ ବଢ଼ିବା ସଙ୍ଗେ ସଙ୍ଗେ ନିଦର ମାତ୍ରା କମିଯାଏ । କିନ୍ତୁ ପିଲା ଯେତେ ବଡ଼ ହୁଅନ୍ତି, ସେମାନଙ୍କ ନିଦ୍ରାର ସମୟ ସେତେ ବଢ଼ି ବଢ଼ି ଚାଲେ ।

ଏକଦା ବିଶ୍ୱବିଖ୍ୟାତ ଅଭିନେତ୍ରୀ ମାର୍ଲିନ ଡିଟ୍ରିଚ୍‌ଙ୍କ ଉଦାହରଣ ଦେଖନ୍ତୁ । ଚଉଷଠି ବର୍ଷରେ ଅଭିନେତ୍ରୀ ଆଜି ବି ସ୍ଥବିର ହୋଇ ନଥିଲେ ମଧ୍ୟ ରାତିରେ ସେ ଶୁଅନ୍ତି ମାତ୍ର ଚାରି ଘଣ୍ଟା ।

ବିଖ୍ୟାତ ଅଭିନେତ୍ରୀ ବେଟି ଡେଭିସ୍‌ଙ୍କ ନିଦ୍ରାର ପରିମାଣ ମଧ୍ୟ ସେତିକି । ସେଥିପାଇଁ ସେ ଦୁଃଖ କରନ୍ତିନି, ବରଂ କୁହନ୍ତି : ଜୀବନରେ କେତେ ଦେଖିବାକୁ ଅଛି, କେତେ କଣ କରିବାକୁ ଅଛି, ଖାଲି ଖାଲି ଏତେ ସମୟ ଶୋଇବାରେ ଲାଭ କଣ ?

ଇଂଲଣ୍ଡେଶ୍ୱରୀ ରାଣୀ ଏଲିଜାବେଥଙ୍କ ମା ଏବେ ବି ଜୀବିତା । ତାଙ୍କ ବୟସ ଅଢ଼ଷଠି ବର୍ଷ । ଗତ ୩୦ ବର୍ଷ ଧରି ସେ ରାତିରେ ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ ଶୋଇ ଆସୁଛନ୍ତି । ଛ'ଘଣ୍ଟା ଶୁଅନ୍ତି । ତାଙ୍କର ଦିନ ଆରମ୍ଭ ହୁଏ ସକାଳ ଛ'ଟାରେ, ଶଯ୍ୟା କୋଳରେ ଆଶ୍ରୟ ନିଅନ୍ତି ମଧ୍ୟରାତିରେ । ରାଜକୀୟ କଳାର ବୈଭବବିଳାସ ଭିତରେ ଛ' ଘଣ୍ଟାରୁ ବେଶି ଶୋଇବାର ଅବକାଶ ବା ତାଙ୍କର କାହିଁ ?

ଦିନସାରା ନାନା ପ୍ରୋଗ୍ରାମ ଭିତରେ ରାଣୀମାତା କିଛି ସମୟ ନିଦ୍ରା ପାଇଁ ବାଛି ନେଇ ପାରନ୍ତି । ଯେପରି ଗାଡ଼ିରେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ଭିତରେ ଗାଡ଼ିରେ କିଛି ସମୟ ଶୋଇଯାଇ ପାରନ୍ତି, ପୁଣି ଗନ୍ତବ୍ୟ ସ୍ଥାନରେ ପହଞ୍ଚି ସଜାଗ ହୋଇ କାମରେ ଲାଗି ପାରନ୍ତି ।

ଏଇଭଳି କାମ ଭିତରେ ନିଦ୍ରାର କ୍ଳାନ୍ତି ଅପନୋଦନ କରିବା କ୍ଷମତା ସ୍ତ୍ରୀମାନଙ୍କ ଅପେକ୍ଷା ପୁରୁଷର ବେଶି । ସାମାନ୍ୟ ସୁବିଧା ସୁଯୋଗ ପାଇଲେ ସେମାନେ ଅକ୍ଳେଶରେ ଶୋଇଯାଇ ପାରିବେ ।

ମା'ମାନେ ଛୁଆ ପିଲାଠାରୁ ଖାଲି ଯେ କମ ଶୁଅନ୍ତି ତା ନୁହେଁ, ସେମାନଙ୍କ ନିଦ ମଧ୍ୟ ପିଲାଙ୍କ ଅପେଣା ଢେର ପତଳା । ଏଣୁ ରାତିରେ ପିଲା କାନ୍ଦିଲେ ବାପ ଅପେକ୍ଷା ମା' ହିଁ ପ୍ରଥମେ ଟେର ପାଏ । ଏଥିରୁ ଜଣାଯାଏ ମା'ର ଗୋଟାଏ ସତ୍ତା ସଦାସର୍ବଦା ଅତନ୍ଦ୍ର ହୋଇ ଅପେକ୍ଷା କରିଥାଏ ଶିଶୁର ଆବାଜ ଶୁଣିବା ପାଇଁ । ବାପ ଭିତରେ ଏହା ଖୋଜିବା ପାଗଳାମି ନୁହେଁ କି ?

ଅଥଚ ନିଦ୍ରାହୀନତା ରୋଗରେ ପୁରୁଷମାନେ ହିଁ ବେଶି ଆକ୍ରାନ୍ତ ହୁଅନ୍ତି । ଡକ୍ଟର ସାଣ୍ଡେର୍ସଙ୍କ ମତରେ ୩୫ରୁ ୪୫ ବର୍ଷୀୟ ପୁରୁଷମାନେ ହିଁ ସଚରାଚର ଏହି ରୋଗରେ ପଡ଼ନ୍ତି । ଅପର ପକ୍ଷରେ ଏଇ ବୟସର ସ୍ତ୍ରୀ-ମାନେ ଭଲଭାବେ ଶୋଇ ପାରନ୍ତି ।

ମାଙ୍ଗାଲୋରର ଖ୍ୟାତନାମା ଚିକିତ୍ସକ ଡ଼: ପାଇ କହନ୍ତି, 'ନାଇଣ୍ଟି ନିର୍ଦ୍ଦିଷ୍ଟ କେଇ ଘଣ୍ଟା ଶୋଇବା ଉଚିତ, ନଚେତ ସୁସ୍ଥ ଆଉ ରହିବନି— ଏ ପ୍ରକାର ମନୋଭାବ ପୁରୁଷମାନେ ହିଁ ପୋଷଣ କରିଥାନ୍ତି ।'

ଯୁଦ୍ଧକାଳୀନ ଅଭିଜ୍ଞତାରୁ ଆମେ ଜାଣି ପାରିଛୁ ଦିନରେ ୫।୬ ଘଣ୍ଟା ଶୋଇ ପାରିଲେ ହିଁ ଦେହ ବେଶ ସୁସ୍ଥ ରହିବ । ନାରୀ ଓ ଶିଶୁ ଏ ନେଇ ବେଶି ଚିନ୍ତା କରନ୍ତିନି ଏଣୁ ସେମାନେ ନିଦ୍ରାହୀନତା ରୋଗରେ ଆଦୌ ପଡ଼ନ୍ତିନି ।

ଏଣୁ ରାତିରେ ପୁରୁଷର ନିଦରେ ଯେମିତି କୌଣସି ବ୍ୟାଘାତ ନ ଘଟେ, ସେ ନେଇ ନାରୀମାନେ ସର୍ବାଦୌ ସଜାଗ ରହିବା ଉଚିତ ।

॥ ଗଳ୍ପ ॥

# ସବୁଜ ବଣର ବାଘ

॥ ରାଧାବିନୋଦ ନାୟକ, ଏମ୍. ଏ. ॥

ରବିବାର ସନ୍ଧ୍ୟା ।

ଚାରିଟା ବେଳୁ ବର୍ଷା ଆରମ୍ଭ ହୋଇଯାଇଛି । କୁଆଡ଼େ ଟିକେ ବୁଲିଯିବା ସମ୍ଭବ ନୁହେଁ । ମନଟା କେମିତି ଗୋଟେ ଜନ୍ତା ଭିତରର ସର୍କସ ବାଘ ପରି ।

ରାସ୍ତାର ଆଲୋକମାନଙ୍କ ଉପରେ ବର୍ଷାର କୋଟିଂ । ପବନ ମେଘର ଝୋପାମାନଙ୍କୁ ସ୍ପ୍ରେ କରୁଛି । ମୁଁ ଝରକା ବାଡ଼ ଧରି ବାହାରକୁ ଚାହୁଁଥିଲି । ଦୃଷ୍ଟିର ବ୍ୟାପ୍ତି କିନ୍ତୁ ଖୁବ୍ ସୀମିତ—ଏରୋଡ୍ରମର ନାଲି ସିଗ୍ନାଲ ଆଲୋକ ମଧ୍ୟ ସ୍ପଷ୍ଟ ନୁହେଁ । ଆଜି ଏ ସହରଟା କେବଳ ମେଘର । ଆମେ ଯେମିତି ତା'ଆକ୍ରମଣରେ କାଲୁସ୍ତ ବଗଟିଏ ଲେଖା ।

ସନ୍ଧ୍ୟାଟା ମାଟି ହୋଇଗଲା । ଏଠିକାର ସମାଜ ମୋର ସୀମିତ । ଏ ଫ୍ଲାଟ୍‌ରେ ଯଦିଓ ଆମେ ବହୁତ ଅଧିବାସୀ, ତଥାପି ଜାତିରେ ମଣିଷ ବୋଲି ଗୋଟେ ସାଧାରଣ ସମ୍ପର୍କ ଛଡ଼ା ଆମେ ପରସ୍ପରଠାରୁ ଢେର ଦୂରରେ ଏମିତିକି ପରସ୍ପର ମୁହଁକୁ 'ଥୁ' କରିବାଲାଗି ପାଟିରେ ଆମର ଛେପ ସବୁବେଳେ ।

ସନ୍ଧ୍ୟାଟା ନିହାତି ବୋରିଂ, ବିଶେଷ କରି ରେଣୁ ଅପାଙ୍କ ଉପସ୍ଥିତି ପାଇଁ ।

ରେଣୁଅପା ନୂଆକରି ଏ ଫ୍ଲାଟ୍‌ର ଗୋଟେ ରୁମ୍ ଅଧିକାର କରିଛନ୍ତି । ତାଙ୍କୁ ଦିନେ ହଠାତ୍ ଆବିଷ୍କାର କରି ମୁଁ ଯେତେବେଳେ ପୁରୁଣା ନଥିପତ୍ରକୁ ମନେ ମନେ ସଜାଡ଼ୁଥିଲି ସେ ମୋତେ ଦେଖିନେଇ—'ଆରେ ତମେ ଏଠି' କହି ରୁମ୍‌ର କବାଟ ବନ୍ଦ କଲେ । ମୋତେ କେମିତି ଅଡ଼ୁଆ

ଲାଗିଲା । ରେଣୁଅପା ଯଥା ଭିତରେ ଢେର ବଦଳି ଯାଇଛନ୍ତି । ତାଙ୍କ ପରିବର୍ତ୍ତନର ମୁଖ୍ୟକାରଣ ସେମିତି ସିଗ୍‌ନାଲ ପୋଷ୍ଟର ନାଲି ଆଲୋକ-ପରି ତାଙ୍କ କପାଳର ବିରାଟ ସିନ୍ଦୁର ଟୋପାଟା ।

ରେଣୁ ଅପାଙ୍କ ଏ ଅସୌଜନ୍ୟ ବ୍ୟବହାରରେ ମୁଁ ବିଶେଷ କ୍ଷୁବ୍ଧ ହୋଇଥିଲି । ସେ ଅବସ୍ଥା ମୋର ବେଶୀ ସମୟ ରହେନି, ତାଙ୍କୁ ଦେଖିଲେ ସବୁ ଭୁଲିଯାଏ ମୁଁ । ତାଙ୍କ ଉପସ୍ଥିତି ଆଜି ସନ୍ଧ୍ୟାରେ ମୋ ପାଇଁ ଅଧିକ ବୋରିଂ ।

ରେଣୁ ଅପା ମୋର କୌଣସି ସମ୍ପର୍କୀୟା ନୁହନ୍ତି । ଅଳ୍ପ ଜଣା-ଶୁଣାରେ କ୍ରମେ ଘନିଷ୍ଠତା ଜମିଲା । ମୋର ଧାରଣା ଝିଅମାନଙ୍କ ନିକଟକୁ ଯିବାକୁ ହେଲେ ସେମାନଙ୍କ ନାଁ ଅପେକ୍ଷା ଏଇ ଅପା, ନାନୀ ଡାକଟା ବିଶେଷ ସାହାଯ୍ୟ କରେ । ମୁଁ ନିଶ୍ଚିତ ରେଣୁ ଅପା ମୋ ଠାରୁ ବୟସରେ ବଡ଼ ଯଦିଓ ସେ ଅନେକ ଥର ମୋତେ କହିଛନ୍ତି ତାଙ୍କୁ ମାତ୍ର କୋଡ଼ିଏ ବର୍ଷ । ତାଙ୍କ ବୟସକୁ କେନ୍ଦ୍ର କରି ଯୁକ୍ତି କରିବାର ଅଭିପ୍ରାୟ ମୋର ନଥିଲା, ଅନ୍ୟ ପକ୍ଷରେ ତାଙ୍କର କୈଫିୟତ ମୋ ପାଇଁ ସନ୍ତୋଷଜନକ ବୋଲି ମୋତେ ସେ ବୋକା ବୋଲି ଭାବନ୍ତି ।

ରେଣୁ ଅପାଙ୍କ ସହିତ ଜଣାଶୁଣା ହେଲା ବେଳକୁ ମୁଁ ବିବାହିତ । ସେ କିନ୍ତୁ ବିବାହ ବଜାରର ହୋ' କେକ୍‌ରେ । ତେଣୁ ମୁଲ୍‌ଏମ ପକ୍ଷୀର ବ୍ରସରେ ତାଙ୍କ ଦେହ ସଫାସୁତୁରା ସବୁବେଳେ ।

ସେ ଦେଖିବାକୁ ସେମିତି ସୁନ୍ଦରୀ ନ ଥିଲେ । ଆଖି ଦୁଇଟା ଖୋଲା ଖୋଲା, ପୁଟୁକାଗାଲ୍ ବିଶେଷ ମୋଟା ନହେଲେ ବି କେମିତି ଗୋଟେ ଗେଦିକ୍ ଝିଅଟେ । ତେବେ ତାଙ୍କ ରଙ୍ଗଟା ସ୍ୱତନ୍ତ୍ର, ସେ ପାଇଁ ନିଜେ ଖୁବ୍ ବିଉଟିଫୁଲ ବୋଲି ତାଙ୍କର ଅହଙ୍କାର । ଅଳ୍ପ କସ୍‌ମେଟିକରେ ନିଜକୁ ଭଲ ସଜାନ୍ତି ସେ । ତାଙ୍କ ରୁଚିଟା ଖୁବ୍ ରିଫାଇନ୍‌ଡ୍ ବୋଲି ତାଙ୍କ ସାଙ୍ଗମାନେ ତାରିଫ କରୁଥିବାର ସେ ମୋତେ କହନ୍ତି ।

ମୁଁ ମୋ ରୁମ୍‌ର ଆଲୋକ ଅଫ୍ କରିଦେଲି । ଅନ୍ଧାର ତ ମୋତେ ଭଲ ଲାଗେ ( ଅନ୍ଧାରରେ ବାଘ ଭୟର 'ଗୋଟେ ରୋମାଞ୍ଚ ମୋ ମନରେ



କ'ଣ କାମ ଥିଲା ପରା ?

ଆସେ ), ତା'ଛଡ଼ା ବାହାର ଅନ୍ଧାର ସହିତ ମୋ ରୁମ୍‌ର ପରିବେଶକୁ ସାମିଲ କରିଦେବା ପାଇଁ ମନଟା କେମିତି ଅସ୍ଥିର ହୋଇ ଉଠିଲା ।

କ୍ଲେଦାକ୍ତ ସନ୍ଧ୍ୟା···।

ରେଣୁ ଅପାଙ୍କ ଝରକା ଦେଇ ମେଞ୍ଚାଏ ଫ୍ଲୋରସେଣ୍ଟ ଆଲୋକ ବିଚ୍ଛୁରି ପଡ଼ୁଛି ଯାହାକୁ ମେଘର ଅନ୍ଧକାର ଜୋରକରି ତଡ଼ି ଦେବାକୁ ଚେଷ୍ଟା କରୁଛି । ରେଣୁ ଅପାଙ୍କ ସ୍ୱାମୀ ଦଣ୍ଡକାରଣ୍ୟ ପୁନର୍ବସତି କେନ୍ଦ୍ରରେ କୌଣସି ଗୋଟିଏ ନିର୍ଜନ କୋଠରୀରେ ଶରଣାର୍ଥୀମାନଙ୍କର ଥଇଥାନ ପାଇଁ ଯୋଜନା କରୁଥିବେ । ସେଠି ହୁଏତ ବର୍ଷା ହେଉଥିବ କି ନା । ଏଠି

ରେଣୁ ଅପା ଭଏସ ଅଫ୍ ଆମେରିକାର 'ଜାଜ ମିଉଜିକ୍'ର ଭଲ୍ୟୁମ ବଢ଼ାଇ ଖଟରେ ହୁଏତ ପେଟେଇ ପଡ଼ି 'ଫେମିନା' ଖଣ୍ଡେ ଖେଲାଉଥିବେ । (ଯଦିଓ ସେ ବର୍ତ୍ତମାନ କଣ କରୁଛନ୍ତି ମୁଁ ଦେଖି ପାରୁନି ) ନହେଲେ ଲରେନ୍ସ ବା ମୋରାଭିଆଙ୍କ 'ହଟ୍ ନଭେଲ'ର ପୃଷ୍ଠା ଓଲଟାଇ ଅନ୍ୟମନସ୍କ ହେଉଥିବେ । ରେଣୁଅପା ସ୍ଥାନୀୟ କଲେଜର ଇଂରାଜୀ ଅଧାପିକା ।

ପରିବେଶଟା ମୋତେ କହାତ ଅସ୍ୱସ୍ତିକର ମନେ ହେଉଥିଲା । ରେଣୁ ଅପାଙ୍କ ରେଡ଼ିଓରେ 'ଜାଜ' ମିଉଜିକ୍ । ବାହାରେ ବର୍ଷା । ମୋ ଝରକାରେ ଆଲୋକ ନଦେଖି ସେ ଭାବୁଥିବେ ମୁଁ ଶୋଇଗଲି ।

କଲେଜରେ ରେଣୁଅପା ମୋର ବର୍ଷେଟେ ସିନିଅର ଥିଲେ । ଦୁଇଜଣଙ୍କର ବିଷୟ ଥିଲା ଭିନ୍ନ । ସେ ଇଂରାଜୀ ସାହିତ୍ୟରେ କଣ୍ଡି ନଉ କରୁଥିଲା ବେଳେ ମୁଁ ଥିଲି ଅର୍ଥନୀତିର ଛାତ୍ର । ସେ ଯେତେବେଳେ ଜଣେ କଳ୍ପନାବିଳାସୀ ପଦ୍ମଭୁକ୍, ମୁଁ ଥିଲି ରୁକ୍ଷ ବାସ୍ତବବାଦୀ । ତା'ଛଡ଼ା ଏମ୍. ଏ. ର ପ୍ରଥମ ବର୍ଷରେ ବିବାହ କଲି । ତଥାପି ତାଙ୍କ ମୋ ଭିତରେ ପରିଚୟ କେମିତି ଗୋଟେ ଆକସ୍ମିକ ଭାବେ ହୋଇଗଲା ।

ଏ ସନ୍ଧ୍ୟାରେ ସେ କଲେଜ ରେଣୁ ଅପାଙ୍କ କଥା ଭାବିବାକୁ ଭଲ ଲାଗୁଥିଲା ।

ଆମେ ପରସ୍ପରକୁ କେମିତି ଜାଣିଲୁ ସେ କଥା ଶୁଣ ଶୁଣ । କୌଣସି ଏକ ସନ୍ଧ୍ୟାରେ—ଟାଉନ୍ ବସ୍ ଷ୍ଟାଣ୍ଡ ଆମେ ଗପି ଗପି ଚାଲି-ଥିଲୁ । ଆମ ଆଲୋଚନାର ବିଷୟବସ୍ତୁ ବସ ଭିତରୁ ଆରମ୍ଭ ହୋଇଯାଇ ଥିଲା ଏବଂ ତାଙ୍କ ହଷ୍ଟେଲ ସାମ୍ନାରେ ପହଞ୍ଚି ଶୁଭରାତ୍ରୀ ଜଣାଇବା ପାଇଁ ମୁଁ ପ୍ରସ୍ତୁତ ହୋଇଥିଲା ବେଳେ ସେ ଅନୁରୋଧ କଲେ ଆଉ କିଛି ସମୟ ନଷ୍ଟ-କରିବାକୁ । ମୋର ଆପତ୍ତି ନଥିଲା । କାରଣ ଆମ ବୟଜ୍ଞହଷ୍ଟେଲରେ ପଶିବା ପାଇଁ କୌଣସି କଟକଣା ନଥିଲା ।

ରେଣୁ ଅପା କହୁଥିଲେ—କଲେଜ ପରିବେଶଟା କୁଆଡ଼େ ଖୁବ୍ ରୋମାଣ୍ଟିକ୍ । ବିସ୍ତୀର୍ଣ୍ଣ ପଡ଼ିଆ ମଝିରେ ମୌନ ବରଗଛ ପରି ଚିଟାଂ

ଡିପାର୍ଟମେଣ୍ଟ, ଏଡ଼ମିନିଷ୍ଟ୍ରେଟିଭ ବିଲ୍ଡିଂ ! କେମ୍ପସର ପୂର୍ବ ପଶ୍ଚିମରେ ଛଡ଼ା ଛଡ଼ା ଗ୍ରୁପ୍ ଗ୍ରୁପ୍ ନିବାସ, ପୁଣି ମଝିରେ ଛ' ତାଲା ଲାଇବ୍ରେରୀ ବିଲ୍ଡିଂଟା ଆକାଶକୁ ଛୁଇଁଲା ପରି । ନିକଟରେ ଗ୍ରେଟ ଜଙ୍ଗଲ । ଜ୍ୟୋତ୍ସ୍ନାରାତିରେ ତାଙ୍କୁ କୁଆଡେ ଖୁବ୍ ସୁନ୍ଦର ଲାଗେ କଲେଜ ପରିବେଶ । କିନ୍ତୁ କଡ଼ା କଟକଣା ରହିଆଡ଼େ । ତେଣୁ ରୁମ୍‌ରେ ରହି ଖୋଲା ଝରକାରେ କେମ୍ପସ୍‌ଟାକୁ ଦେଖିବାପାଇଁ ସେ ବାଧ୍ୟ ହୁଅନ୍ତି । ଇତ୍ୟାଦି ଇତ୍ୟାଦି କେତେ କଥା...

ତାଙ୍କଠାରୁ ତାଙ୍କର ଅନୁଭୂତି ଶୁଣି ସାରିଲା ପରେ, ସଙ୍କୋଚରେ ମୁଁ ମନ୍ତବ୍ୟ ଦେଲି—ଆପଣ କିଷ୍ଟରେଚର ଗ୍ରୁପ୍, ଆପଣଙ୍କ ପାଖରେ ସାହିତ୍ୟର ବାଲିରେ ବି ପ୍ରାଣ ଅଛି । ମୁଁ କିନ୍ତୁ ଏମିତି ଏକ ସ୍ଥାନରେ କଲେଜ ଖୋଲିବାର ଆବଶ୍ୟକତା ସମ୍ପର୍କରେ ଚିନ୍ତାକରୁଛି ।

ମୋ କଥାରେ ରେଣୁ ଅପା କେମିତି ଟିକେ ଆଘାତ ପାଇଲେ । ସେ ବୋଧହୁଏ ତାଙ୍କ ମୋ ଚିନ୍ତାଧାରାରେ କିଛିଟା ପାର୍ଥକ୍ୟ ଦେଖିଲେ । ତା'ପରେ ଅଳ୍ପ ହସି କହିଲେ ତାଙ୍କ ରୁଚିର ପ୍ରଶଂସା ଭିତରେ ମୁଁ କୁଆଡ଼େ ନିଜ ସୌନ୍ଦର୍ଯ୍ୟ ପ୍ରିୟତାର ପ୍ରମାଣ ଦେଲି । ମୁଁ ଲଜ୍ଜିତ ହେଲି ।

ତା ପରେ ଆମେ ପରସ୍ପରକୁ ନିଜ ପାଖରେ ଚିହ୍ନା କରାଇଲୁ । ସେ ବିଶେଷ ଅନୁରୋଧ କଲେ ତାଙ୍କୁ ଆପଣ ନ କହି ତୁମେ କହିବା ପାଇଁ । ମୁଁ ସ୍ୱୀକୃତି ଦେଲି । ରାତି ବେଶୀ ହୋଇ ଯାଇଥିଲା । ଶୁଭ ରାତ୍ରି ଜଣାଇ ହଷ୍ଟେଲକୁ ଫେରିଲି ।

ସେ ରାତିରେ ରେଣୁ ଅପାଙ୍କୁ କେନ୍ଦ୍ର କରି ଅନେକ ସମୟ ପର୍ଯ୍ୟନ୍ତ ମୁଁ ଶୋଇପାରି ନଥିଲି । ରେଣୁ ଅପା ସମ୍ବଲପୁରର କେଉଁ କୋଣରୁ ଆସିଛନ୍ତି, ମୁଁ ବାଲେଶ୍ୱରର ନିପଟ ମଫସଲର ଲୋକ । ପୋଷ୍ଟଗ୍ରାଜୁଏଟ୍ ଷ୍ଟଡ଼ିର ଶେଷ ବର୍ଷରେ ତାଙ୍କର ଅନେକ ସହପାଠୀ ଥାଉ ଥାଉ ମୋତେ କାହିଁକି ବା ଶ୍ରଦ୍ଧା କଲେ । ମୁଁ କିଛି ବାଛବିଚାର ନକରି ସେ ରାତିରେ ଠିକ୍ କଲି ତାଙ୍କୁ ଅପା ଡାକିବି ବୋଲି । ସେ ଖୁସି ହୋଇଥିଲେ ମୋ ସିଦ୍ଧାନ୍ତରେ ।

କ୍ରମେ ରେଣୁ ଅପା ମୋତେ ଏକାନ୍ତ ଆପଣାର କରି ନେଲେ । କ୍ଲାସ ସରିଲା ପରେ ପ୍ରଶସ୍ତ ରାସ୍ତାକଡ଼ର ଧାଡ଼ି ଧାଡ଼ି କୃଷ୍ଣଚୂଡ଼ା ଛାଇରେ ଆମେ ଘଣ୍ଟା ଘଣ୍ଟା ଆଳାପ କରୁ । ମୋର ଅବଶ୍ୟ ଭୟ କରିବାର କିଛି ନଥିଲା ସେ ମୋର ସିନିଅର ରେଣୁ ଅପା ।

ରେଣୁଅପା ଲିଟରେଚରର ଛାତ୍ରୀ । ତାଙ୍କ କଥାଗୁଡ଼ାକ ସବୁବେଳେ ମଣିଷ ଜୀବନ, ସାହିତ୍ୟ ଆଉ ତା'ର ସୌନ୍ଦର୍ଯ୍ୟବୋଧକୁ ନେଇ । ତା' ପଟରୁ ଝିଅ ପିଅ ମାମଲା ମୋତେ ବଡ଼ ଅଡ଼ୁଆ ଲାଗେ । ମୁଁ ଜାଣି ଜାଣି ସେ ଧନ୍ଦାରେ ମୁଣ୍ଡ ପୂରାଏ ନା । ତା'ଛଡ଼ା ମୁଁ ଜଣେ ବାସ୍ତବବାଦୀ ହିସାବରେ ପ୍ରେମ-ବିରହ ଇତ୍ୟାଦି ଖେଳକୁ ଘୃଣା କରେ । ବିବାହ ଗୋଟିଏ ଅନୁଷ୍ଠାନ ଜୀବନରେ । କେଣୁ ଅଳ୍ପ ବର୍ଷ ହେଉ ବରଂ ସେ କାମ ବଢ଼ାଇ ମୁଁ ନିଶ୍ଚିନ୍ତ ଥିଲି । କିନ୍ତୁ ରେଣୁ ଅପା ମୋ ମନଟାକୁ କେମିତି ଟିକେ ହାଲକା କରିବାକୁ ଚେଷ୍ଟା କଲେ । ପରେ ଜାଣିଲି ସେ କୁଆଡ଼େ ମୋ କଥା ଭିତରେ ପଥର ତଳେ ପାଣିର ସନ୍ଧାନ ପାଇଲେ । ରେଣୁ ଠିକ୍ ପ୍ରେମ ନୁହେଁ, (କାରଣ ମୁଁ ତାଙ୍କୁ ଅପା ବୋଲି ଭକ୍ତି କରୁଥିଲି) ମୋତେ ସେ କେମିତି ଶ୍ରଦ୍ଧା କରୁଥିଲେ ।

ଦିନେ କ୍ଲାସ ରୁମ୍‌ରେ ରେଣୁ ଅପାଙ୍କ ଠାରୁ ଚିଠି ଖଣ୍ଡେ ପାଇଲି । ସେଥିରେ ସେ ଲେଖିଥିଲେ ତାଙ୍କୁ ଶୀଘ୍ର ଭେଟିବାପାଇଁ । ମୁଁ ବାହାରକୁ ଗଲି ଏବଂ ଦେଖିଲି ରେଣୁ ଅପା କଲେଜ କେଣ୍ଟିନ୍‌ର ସାମ୍ନା କୃଷ୍ଣଚୂଡ଼ା ମୂଳରେ ବହିଗୁଡ଼ିକ ଛାତିରେ ଜାକି ଠିଆ ହୋଇଛନ୍ତି । ନିକଟକୁ ଗଲି । ସେ ଅଳ୍ପ ହସି କହିଲେ—ତମେ ନିଶ୍ଚୟ ବିରକ୍ତ ହେଉଥିବ ବିନୋଦ ଡିଷ୍ଟର୍ବ କଲି ବୋଲି ।

ହଁ କହିଦେବା ପାଇଁ ରେଣୁ ଅପାଙ୍କ ମୁହଁରେ ଇଚ୍ଛା ହେଲାନି । କହିଲି—କିଛି ଅସୁବିଧା ହେଲାନି । ହଁ, କାହିଁକି ଡାକିଥିଲେ ?

—ହଠାତ୍ କଣ ଏମିତି କହି ଦେବ ! ମୁଁ ଅପ୍ରସ୍ତୁତ ହେଲି । ତା' ପରେ ସେ କେଣ୍ଟିନ୍‌କୁ ନମସ୍କାର କଲେ କପେ କଫି ପାଇଁ । ଉଭୟ ସାମ୍ନା-ସାମ୍ନି ବସିଥିଲୁ ଗୋଟିଏ ଟେବୁଲ୍‌ରେ ।

ସେତେବେଳେ ଦିନ ଦୁଇଟା । ଅନ୍ୟ ବନ୍ଧୁମାନେ କ୍ଲାସ୍ ରୁମ୍‌ରେ । ଦୁ'. କପ୍ କଫି ଥୋଇଦେଇ ବୟ ଚାଲିଗଲା ପରେ—ରେଣୁ ଅପା କଫି-କପ୍‌ର କସରା ଫେଣରେ ପ୍ରଥମ ଚୁମୁକ ଦେଲେ । ମୁଁ ତାଙ୍କୁ ଅନୁକରଣ କଲି । ମୁଁ ଆଶ୍ଚର୍ଯ୍ୟ ହେଲି କୃଷ୍ଣଚୂଡ଼ା ମୂଳରୁ କେଣ୍ଟିନ୍‌ର ଟେବୁଲ୍ ଭିତରେ ରେଣୁ ଅପାଙ୍କର ବହୁତ ପରିବର୍ତ୍ତନ ହୋଇଛି । ସେ ଅସ୍ୱାଭାବିକ ଭାବେ ଗମ୍ଭୀର । ମଝିରେ ମଝିରେ ମୁଁ ତାଙ୍କୁ ଥରେ ଲେଖା ଚାହୁଁଥିଲି ଖାଲି । ସେ ମୋ ମନକଥା ବୁଝି ପାରିଲେ ବୋଧହୁଏ । ହଠାତ୍ ଭାବ ପରିବର୍ତ୍ତନ କରି କହିଲେ—ଆରେ ନାଁ, କିଛି ନୁହେଁ; ଏଇ ଗୋଟେ କଥା ନେଇ ଚିନ୍ତା କରୁଥିଲି । ହଁ ବିନୋଦ, ଆଜି ସନ୍ଧ୍ୟାରେ ତମର କିଛି ଏନ୍‌ଗେଜମେଣ୍ଟ ଅଛି ?

ନାଁ, କାହିଁକି ?

ନାଁ, କିଛି ନୁହେଁ । ଏମିତି ପଚାରୁଥିଲି ।

କଫି ପର୍ବ ସରି ଯାଇଥିଲା । ସାଙ୍ଗ ହୋଇ ପାନ ଦୋକାନକୁ ଆସିଲୁ । ସେ ଦୁଇଟି ବଙ୍ଗଳା ପାନ ବରାଦ କଲେ । ମୁଁ ପଇସା ପାଇଁ ପର୍ସ ଖୋଲିଲି ! ସାନ ହିସାବରେ ପଇସା ଦେବାର ଅଧିକାର ମୋର ନାହିଁ ବୋଲି ସେ ବାଧା ଦେଲେ । ତା'ପରେ ମୁଁ ପଚାରିଲି—

କଣ କାମ ଥିଲା ପରା ?

କାମ ! ସେ କେମିତି ଅନ୍ୟମନସ୍କ ହେଲେ ପୁଣି । କଥାବାର୍ତ୍ତା ଭିତରେ ଆମେ ତାଙ୍କ ହଷ୍ଟେଲ ସାମ୍ନାକୁ ଚାଲି ଆସିଲୁ । ମୋତେ ବଡ଼ ଅଡୁଆ ଲାଗିଲାଣି ସେତେବେଳେକୁ । କାରଣ ତାଙ୍କ ହଷ୍ଟେଲ ଆଗରେ ଗ୍ରୀନ ଭିଜିଲାନ୍‌ସ ସବୁବେଳେ । ମୁଁ ଆଉ ଅପେକ୍ଷା ନକରି କହିଲି—କଣ କହିବାର ଥିଲା କୁହନ୍ତୁ ।

ରେଣୁ ଅପା ହସିଲେ··· ।

ଓହୋ, ତମେ ଖୁବ୍ ବ୍ୟସ୍ତ ହେଲଣି ବିନୋଦ । ହଁ ମୁଁ ଆଜି ଖୁବ୍ ଅସୁସ୍ଥ । ତମର ଯଦି କିଛି ଅପତ୍ତି ନଥାଏ ଆସନ୍ତୁ ନାହିଁ ଟିକେ ଇଭିନିଂ ଓ୍ୱାକ୍ ପାଇଁ ।

କହିସାରି ମୋତେ କେମିତି ଗୋଟେ ଚାହିଁଲେ । ରେଣୁ ଅପା ଏମିତି କେବେ ଚାହିବାର ମୁଁ ଲକ୍ଷ୍ୟ କରିନ । ଯଦିଓ ସେମିତି ଚାହାଣୀ ଆଗରେ ମୁଁ କେବେ ଠିଆହୋଇ ପାରେନା, ତଥାପି ସେଦିନ ଭଲ ଲାଗିଲା । ମୁଁ ମୋର ସ୍ୱୀକୃତି ଦେଇ ଫେରିଲି, ରେଣୁ ଅପା ତାଙ୍କ ହଷ୍ଟେଲ୍ ଗେଟ୍ ବନ୍ଦକଲେ ।

ମୁଁ ଖରାବେଳେ ଶୋଇ ଶୋଇ ଚିନ୍ତାକରୁଥିଲି ରେଣୁ ଅପାଙ୍କ ସହିତ ଇଭିନିଂ ଓ୍ୟାକ୍ ! ନାଁ, ଏମିତି ସେ ଟିକେ ସୌନ୍ଦର୍ଯ୍ୟପ୍ରିୟ ନିଶ୍ଚିତ, ତାଙ୍କୁ ଆମ କଲେଜ କେମ୍ପସ୍ ରୋମାଣ୍ଟିକ୍ ଲାଗେ । ତା'ଛଡ଼ା ସେ ଆଜି ଯେ ଅସୁସ୍ଥ ।

କବାଟରେ ଠକ୍ ଠକ୍ ଶବ୍ଦ ଶୁଣି ମୁଁ ନିଦରୁ ଉଠିଲି । ପୋଷ୍ଟ-ମେନ୍ ଚିଠି ଧରି ଠିଆ ହୋଇଛି । ଆଗ୍ରହରେ ଖୋଲିଲି, ମୋ ନବ ବିବାହିତା ସ୍ତ୍ରୀ ପ୍ରତିମା ଲେଖିଥିଲା—ମୁଁ ତା'ର ଖୁବ୍ ମନେ ପଡ଼ୁଛି । ବିଚ୍ଛିନ୍ନ ମଫସଲ ଗାଁଟିରେ ଘରକୋଣର ସୀମା ଭିତରେ ଚୁ ଚୁ ଶବ୍ଦରେ କଥାବାର୍ତ୍ତାର ଇସାରା ଦେଉଥିବ । ମୁଁ ମନେ ପଡ଼ିବା ସ୍ୱାଭାବିକ ତେଣୁ । ମୋର କିନ୍ତୁ ପ୍ରତିମା କଥା ବିଶେଷ ମନେ ପଡ଼େନି । ଯଦି କେବେ ପ୍ରତିମା ମନକୁ ଆସେ ତେବେ ଫ୍ରୟେଡ୍‌ଙ୍କ ସ୍ୱପ୍ନ ପରେ ବା ରାତିର କୌଣସି ନିର୍ଜନ ମୁହୂର୍ତ୍ତରେ ଯେତେବେଳେ ହଠାତ୍ ବିଛଣାରୁ ଉଠିପଡ଼ି ମୁଁ ଅନୁଭବ କରେ ମୋ ଦେହଟା ଅସମ୍ଭବ ଭାବେ ଥରୁଛି । ଅବଶ୍ୟ ଅନ୍ୟ ସମୟରେ ମୁଁ ପ୍ରତିମା କଥା ଭାବେ, ସେ ମୋର ସ୍ତ୍ରୀ ।

ସନ୍ଧ୍ୟା ଆସନ୍ନ ପ୍ରାୟ । ଧୁଆଧୋଇ ହୋଇ ଢିଲା ପୋଷାକ ପିନ୍ଧିଲି । ଯେତେଦୂର ସମ୍ଭବ ଦେହଟାକୁ ପରିଷ୍କାର ଏବଂ ଆକର୍ଷଣୀୟ କରିବାକୁ ଚେଷ୍ଟାକଲି । ପ୍ରତିମାର ଚିଠିଟା ବିଛଣାରେ ପଡ଼ିଛି—ମୁଁ ତା'ର ଖୁବ୍ ମନେ ପଡ଼ୁଛି । ରୁମ୍‌ରେ ଚାବିଦେଲି ।

ରାସ୍ତାର ଆଲୋକ ସବୁ ଜଳିଲେଣି । ବହୁତ ଆଗରୁ ରେଣୁ ଅପା ମୋତେ ଅପେକ୍ଷା କରିଥିଲେ ବୋଧହୁଏ । ହଠାତ୍ କହି ପକେଇଲେ—

ଆରେ ଏତେ ଡେରି କାହିଁକି ? ମୁଁ କୈଫିୟତ ଦେବା ପୂର୍ବରୁ ମଝିରେ ସେ ହସ୍ତକ୍ଷେପ କଲେ—ଥାଉ, ଗୁଡ଼ାଏ ବାଜେକଥା କହନା ।

ଆମେ ଆଗକୁ ଚାଲିଥିଲୁ । ମାଷ୍ଟ୍ରଙ୍କ ଅଙ୍କ ବୁଝାରେ ବାଧ ଚାହାଳୀ ଶିଶୁର 'ହଁ' ପରି ରେଣୁଅପାଙ୍କ କଥାରେ ମୁଁ ହଁ ମାରୁଥିଲି । ସେ ବୋଧେ ଅନ୍ୟମନସ୍କ ଥିବାରୁ ମୋ ଭାବଟା ଧରି ପାରୁ ନଥିଲେ । ଆମେ ଚାଲୁଥିଲୁ ।

ମୁଁ ଲକ୍ଷ୍ୟ କଲି ଆମେ କଲେଜ କେମ୍ପସ୍ ଠାରୁ ଢେର ଦୂରକୁ ଚାଲି ଆସିଛୁଁ । ରେଣୁଅପା ମୋ ମନକଥା ଜାଣି ପାରିଲେ । ମୋ ହାତକୁ ଜୋର କରି ଝିଙ୍କିଦେଲେ—

ଆରେ ଏମିତି ପିଲାଙ୍କ ପରି କଣ ହଉଛ ! ସବୁବେଳେ ଏ ସରାଉଣ୍ଡିଂରେ ବୋରିଂ ଲାଗୁନି ? ଏଇ ଜଙ୍ଗଲଆଡ଼େ ଟିକେ ବୁଲି ଆସିବା । କେମିତି ହେବ ? ମୁଁ ନୀରବ ରହିଲି । ରେଣୁଅପାଙ୍କ ମୁହଁରେ ଲଘୁ ପରିହାସ—

ଓ ଭୟ ଲାଗୁଛି, ବାଘ ଖାଇଦବ, ନୁହେଁ ? ନାଇଁମ, ପାଖରେ ମୁଁ ଅଛି । ବାଘ ଖାଇବ ନାହିଁ । ଚାଲ ।

ମୁଁ ଚାଲିଲି ।

କେମ୍ପସ୍ ପାଖ ଜଙ୍ଗଲରେ ଯେ ବାଘ ଅଛନ୍ତି ଏକଥା ମୁଁ କେବେ ବିଶ୍ୱାସ କରେ ନାହିଁ । ତେବେ ସିନିଅର ହେଲେ ବି ଏମିତି ଏକ ସ୍ଥାନରେ ସଂଧ୍ୟା କଟେଇବା ମୋ ପାଇଁ କେମିତି ଅସ୍ୱସ୍ତିକର । ମୋ ଚିନ୍ତାର ପରିସର ସେତେବେଳେ ସ୍ୱାଭାବିକ ଦୁନିଆଠାରୁ ଢେର ଦୂରରେ ।

ରେଣୁଅପା ଆଗରୁ ଗୋଟେ ସ୍ଥାନ ଠିକ୍ କରିଥିଲେ ବୋଧହୁଏ । ଚାରି ପାଖରେ ଲଟା ଆଉ ଛୋଟ ବୁଦାମାନଙ୍କର ଘନତା, ମଝିରେ ସବୁଜ ଘାସର ଛୋଟ ଚଟାଣ । ଆକାଶରେ କାଳିଜହ୍ନ । ଛୁଇ ଛୁଇ ପରିବେଶ । ଆମେ ବସିଲୁ । ସେତେବେଳେ ରେଣୁ ଅପାଙ୍କୁ ମୁଁ ପରିଷ୍କାର ଦେଖିଲି । ରେଣୁଅପା ତାଙ୍କ ରିଫାଇନଡ଼ ରୁଚିର ପରିଚୟ ଦେବାକୁ ଚେଷ୍ଟା କରିଛନ୍ତି । ଧଳା ପରିଧାନ, ଅଳ୍ପ କସ୍‌ମେଟିକ୍ ଗୋଲ ଧଳା ହାତରେ ନାଲି ଏବଂ କଳା କାଚରୁ କିଛି କିଛି । ଉଭୟ ନୀରବ ।

ରେଣୁଅପା ଆରମ୍ଭ କଲେ—

ତମେ କ ଲିଟରେଚର ପଢ଼ିଛ ? ମୁଁ ଅଡ଼ୁଆରେ ପଡ଼ିଲି । (ପ୍ରକାଶ ଥାଉକି ସେତେବେଳେ କଳିକତା ସଂସ୍କରଣର କେତେଖଣ୍ଡ ଶସ୍ତା

ନଭେଲ ଛଡ଼ା ମୁଁ ଆଉ କିଛି ପଢ଼ି ନଥିଲି) ମୋର ଅସହାୟତା ଅନୁଭବ କରି ରେଣୁଅପା ଆରମ୍ଭ କଲେ, ବୈଷ୍ଣବ ସାହିତ୍ୟ ଆଉ ସହଜ ସାଧକମାନଙ୍କ କଥା । ସେ ଅନର୍ଗଳ କହି ଚାଲିଥିଲେ କେମିତି ବୈଷ୍ଣବ ଚିନ୍ତାଧାରରେ ସହଜ ସାଧନାର ଶବ ସ୍ପଷ୍ଟ । ସ୍ତ୍ରୀ ଏବଂ ପୁରୁଷ ଦୁଇଟି ଶକ୍ତି, ସେମାନଙ୍କ ମିଳନ ଅଦ୍ୱୈତ ଏବଂ ଏକ ଆଧ୍ୟାତ୍ମିକ ବାର୍ତ୍ତା । ସେମାନଙ୍କଠାରେ ଦ୍ୱୈତର କଳ୍ପନା ବରଂ ଅନସ୍ତିତ୍ୱତା । ରେଣୁଅପା ଇଂରେଜୀ ସାହିତ୍ୟର ଛାତ୍ରୀ, ଅଥଚ ଓଡ଼ିଆର ତତ୍ତ୍ୱ ଗୁଡ଼ାକ କାହିଁକି ସେ କହୁଛନ୍ତି ମୁଁ କିଛି ବୁଝି ପାରୁନଥିଲି । ସେ ହୁଏତ ଚେଷ୍ଟା କରୁଥିଲେ 'ଦି ଏଜ୍ ଅଫ୍ ଚସ୍‌ର ବା ଭିକ୍ଟୋରିଆନ ଏଜ୍'ର ସାହିତ୍ୟକ ଧାରା ସଂପର୍କରେ ମୋତେ କିଛି କହିପାରିଥାନ୍ତେ । ତଥାପି ମୁଁ ଅନୁମାନ କରୁଥିଲି ବୋଧହୁଏ ନିଜକୁ ପ୍ରକାଶ କରିବା ପାଇଁ । ରେଣୁଅପା ଏସବୁକୁ ମାଧ୍ୟମ ହିସାବରେ ଗ୍ରହଣ କରୁଥିଲେ ।

ରେଣୁଅପା କ୍ରମେ ଦୁର୍ବଳା ହୋଇ ଯାଉଥିଲେ । ଜାଣି ଜାଣି କେମିତି ଅସଂଯତ ହୋଇ ପଡ଼ୁଥିଲେ ସେ । ସେତେବେଳେ ଭସା ମେଘରେ ଜହ୍ନ ଲୁଚି ଯାଇଥିଲା ପ୍ରାୟ । କାଳି ଅନ୍ଧାରରେ ମୁଁ ଶୁଣିପାରୁ ଥିଲି କୌଣସି ବୁଦା ମୂଳରୁ ବାଘର ହେଣ୍ଟାଳ । ମୁଁ ଦେଖିପାରୁଥିଲି ବାଘ ଥିବାର ତୀକ୍ଷ୍ଣ ନଖ, ତା'ର ଗେଞ୍ଜଆ ଗେଞ୍ଜଆ ଦାନ୍ତ ଆଉ ଲାଲଜିଭଟା । ସେ ଲାଞ୍ଜ ପିଟି ଶିକାର ଅପେକ୍ଷାରେ । ମୁଁ ଖୁବ୍ ଡରିଯାଉଥିଲି । ମୋ କଣ୍ଠ ରୁଦ୍ଧ ହୋଇଗଲା, ତଥାପି ରେଣୁଅପାଙ୍କୁ ଡାକୁଥିଲି ।

କିଛି ସମୟ ପରେ ଆକାଶରେ ଜହ୍ନ ଆସିଲା । ବୁଦା ମୂଳେ ଠେକୁଆମାନେ ଡେଇଁ ଡେଇଁ ଚାଲୁଥିଲେ । ଆମେ ଉଠିଲୁ । ରେଣୁ ଅପା କିଛି କହୁନଥିଲେ ।

ମୋ ରୁମ୍‌ରେ ପ୍ରତିମାର ଚଠିଟା ସେମିତି ପଡ଼ିଥିଲା—ମୁଁ ତା'ର ମନେ ପଡ଼ୁଛି ଭାରି । କି ଗୋଟେ ଆବେଗରେ ମୁଁ ଚିଠିଟାକୁ ବାରମ୍ବାର ଚୁମା ଦେଲି ।

ତା'ପର ଠାରୁ କଲେଜରେ ରେଣୁ ଅପାଙ୍କୁ ଚାହିଁ ପାରିଲି ନାହିଁ ଆଉ । ସେ ବି ଯେମିତି ଜାଣି ଜାଣି ମୋ ସହିତ କଥା ହେବାକୁ ଚାହିଁଲେ ନାହିଁ । ରେଣୁ ଅପା ବଦଳିଲା ।

ମୁଁ ପ୍ରକୃତିସ୍ଥ ହେଲି । ବାହାରେ ମେଘର ପ୍ରକୋପ କମିନି ଆହୁରି ।

ରେଣୁ ଅପାଙ୍କ ରେଡ଼ିଓରେ କମ୍ ସେପ୍ଟେମ୍ବର ଟିଉନ୍‌ଟି ଆସୁଛି । ମୁଁ ରେଡ଼ିଓ ଖୋଲିଲି—ଫ୍ଲୁଟ୍‌ରେ ସ୍ୱର ତୋଳୁଛି କୌଣସି କଳାକାର । ମୋର ଇଚ୍ଛା ହେଉଥିଲା 'କମ୍ ସେପ୍ଟେମ୍ବର' ଆଉ ଏ ଫ୍ଲୁଟ୍‌ର ସ୍ୱର-ମିଶି ଏକାକାର ହୋଇଯାନ୍ତେ । ତଥାପି ରେଣୁ ଅପାଙ୍କ ଝରକାରେ ଫ୍ଲୋରସେଣ୍ଟ ଆଲୋକ । ସେ ଏ ଯାଏ ଶୋଇ ନାହାନ୍ତି ।

ଏତେ ନିକଟରେ, ଅଥଚ ମୋତେ ଦେଖିଲେ ରେଣୁ ଅପା ବିରକ୍ତ ହୋଇଯାନ୍ତି । ସେ ବର୍ତ୍ତମାନ ଷ୍ଟେଟସ୍ କନ୍‌ସସ୍ । କଲେଜ କେମ୍ପସ ଆଉ ଜଙ୍ଗଲର ରୋମାଣ୍ଟିକ୍ ପରିବେଶ କଥା କହିବାକୁ ଇଚ୍ଛା ହୁଏ । କିନ୍ତୁ ତା'ର ପୁନରାବୃତ୍ତିର ଭୟରେ ସେ ମୋତେ ବିଶେଷ ନ ଜାଣିଥିବାର ଛଳନା କରନ୍ତି । ଏବେ ଧଳା ଶାଢ଼ୀ ପିନ୍ଧି ତାଙ୍କ ସାତ୍ତ୍ୱିକତାର ପ୍ରମାଣ ଦେବାକୁ ଚେଷ୍ଟା କରୁଛନ୍ତି ରେଣୁ ଅପା !!

ରେଣୁ ଅପା କବାଟ ଖୋଲିଲେ ବୋଧହୁଏ । ହଁ ବାହାରେ ତାଙ୍କର ଚପଲ ଶବ୍ଦ । ମୁଁ ବି ବାହାରକୁ ଯାଇ ପାରନ୍ତି । କିନ୍ତୁ ମୋ ଦେହଟା ଖ୍ରାପ ଲାଗୁଛି । ତାଙ୍କୁ ବାରଟା ରାତିରେ ଦେଖା କରିବା ନକରିବା ଦ୍ୱନ୍ଦ୍ୱ ଭିତରେ ମୁଁ କବାଟ ଖୋଲିଲି । ରେଣୁ ଅପା କରିଡୋର୍‌ରେ ଠିଆ ହୋଇ ବର୍ଷଣ ରାତିଟାକୁ ଉପଭୋଗ କରୁଛନ୍ତି । ସ୍ୱାମୀ ତାଙ୍କର ଦଣ୍ଡକାରଣ୍ୟ ପ୍ରୋଜେକ୍ଟରେ ।

ମୁଁ ଧୀରେ ଧୀରେ ଯାଇ ତାଙ୍କ ନିକଟରେ ଠିଆହେଲି । ମୋର ମନେ ହେଉଥିଲା ସେ ଇଂରାଜୀ ସାହିତ୍ୟର ଶେଷ ବର୍ଷର ଛାତ୍ରୀ । ମୋ ପାଦ ଶବ୍ଦରେ ସେ ବୁଲି ପଡ଼ି ରହିଲେ । ଖୁବ୍ ବିରକ୍ତ ହୋଇଗଲେ—କୌଣସି ଭଦ୍ର ମହିଳା ଏକୁଟିଆ ଥିଲାବେଳେ ଆପଣଙ୍କ ଆସିବାଟା ନିହାତି ଅଭଦ୍ରାମୀ !

ରେଣୁ ଅପା ଜୋର କରି କବାଟ ବନ୍ଦ କଲେ । ମୁଁ ରୁମ୍‌କୁ ଫେରିଲି । ମତେ ଲାଗିଲା ତାଙ୍କ 'କମ୍ ସେପ୍ଟେମ୍ବର' ଆଉ ମୋ ଫ୍ଲୁଟ୍‌ର ସ୍ୱର ଇଥରର କୌଣସି ସ୍ତରରେ ମିଶି ଏକ ହୋଇ ଯାଉଛି ।

ମୁଁ ଶୋଇବାକୁ ଚେଷ୍ଟା କଲି··· ।

୦

## ବର୍ଲିନ ଚଳଚିତ୍ର ଉତ୍ସବ

ଆନ୍ତର୍ଜାତିକ ବର୍ଲିନ ଚଳଚିତ୍ର ଉତ୍ସବ ଶେଷ ହେବା ପୂର୍ବରୁ ଭଣ୍ଡୁର ହୋଇଗଲା । ସବୁ ବର୍ଷ ପରି ଏ ବର୍ଷ ମଧ୍ୟ ଯୌନ ଆବେଦନଭରା ଚଳଚିତ୍ର, ଆବଷ୍ଟ୍ରାକ୍ଟ ଚଳଚିତ୍ର, ରାଜନୈତିକ ଚଳଚିତ୍ର, ବିଦ୍ରୋହର ଚଳଚିତ୍ର, ସର୍ବୋପରି କ୍ଷୁଧା ବିରୁଦ୍ଧରେ ସଂଗ୍ରାମ ଚଳଚିତ୍ର ସହ ଆମେରିକା ବିରୋଧୀ ନାନା ପରୀକ୍ଷା ନିରୀକ୍ଷାମୂଳକ ଚଳଚିତ୍ର ପ୍ରଦର୍ଶନ ଭିତରେ ଉତ୍ସବଟି ଶେଷ ହେବାକୁ ଯାଉଛି—ଶେଷ ମୁହୂର୍ତ୍ତରେ ଏଇ ଅଘଟଣ ।

ବିଚାରକ ମଣ୍ଡଳୀର ସଭାପତି ଆମେରିକାର ପରିଚାଳକ ଜର୍ଜ ଷ୍ଟିଭେନ୍ସ ପଶ୍ଚିମ ଜର୍ମାନୀର 'O. K' ଚିତ୍ରଟିକୁ ପ୍ରତିଯୋଗିତା ଭିତରୁ ବାଦ ଦେବାକୁ ଦାବୀ କରି କହିଲେ, 'O K.' ଚିତ୍ରଟି ପ୍ରତିଯୋଗିତାରୁ ବାଦ ଯାଉ ନଚେତ୍ ମତେ ବାଦ କରାଯାଉ ।' ଏତିକରେ ବର୍ଲିନ ଚଳଚିତ୍ର ଉତ୍ସବ ପଣ୍ଡ ହେବାର ଉପକ୍ରମ ।

'O. K' ଚିତ୍ରଟି ଭିଏତନାମ ଯୁଦ୍ଧର ପୃଷ୍ଠଭୂମିରେ ନିର୍ମିତ । ଚିତ୍ରଟିର ସଂକ୍ଷିପ୍ତ କାହାଣୀ ହେଉଛି—ସତକୁ ସତ ମାଓ ନାମ୍ନୀ ଗୋଟିଏ ଭିଏତ୍ନାମୀ ଝିଅ ଥିଲା । ସେ ୧୮ ନଭେମ୍ବର ୧୯୬୬ ଯାଏ ବଞ୍ଚିଥିଲା । ସେ ଦିନେ ଗାଁ ରାସ୍ତାରେ ଘରକୁ ଫେରୁଛି, ଚାରିଜଣ ଆମେରିକାନ୍ ସୈନ୍ୟ ତାକୁ ଅଟକେଇ ଜେରାକଲେ । ଝିଅ ନିର୍ଭୟରେ କହିଲା—ମୁଁ ମୋ ନିଜ ଦେଶରେ ନିଜ ଗାଁ ରାସ୍ତାରେ ଯାଉଛି । ତମେମାନେ ମୋ ରାସ୍ତା ଓଗାଳିବାକୁ କିଏ ? ଆମେରିକାନ୍ ସୈନ୍ୟଙ୍କ ଉଦ୍ଦେଶ୍ୟ ଭିନ୍ନ । ସେ ଝିଅଟିକୁ ତଳେ ପକେଇ ଦେଇ ଚାରିଜଣ ଯାକ ଧର୍ଷଣ କଲେ । ଫଳରେ ସେ ଅଜ୍ଞାନ ହେଇ



ହିନ୍ଦି ଚଳଚ୍ଚିତ୍ରର ମୋହମୟୀ ତାରକା 'ମମତାଜ'

ପଡ଼ିଲା, ଯେତେବେଳେ ଚେତା ହେଲା, ସେ ଭୟରେ ଦଉଡ଼ି ପଳେଇବାକୁ ଚେଷ୍ଟା କଲା । କିନ୍ତୁ ସୈନ୍ୟମାନେ ତାକୁ ଗୁଳି କଲେ । ସେତିକିବେଳେ ଉକ୍ତ ମିଲିଟାରୀ ପୋଷ୍ଟରୁ ଉପରିସ୍ଥ ଅଫିସରଙ୍କ ଟେଲିଫୋନ ଆସିଲା—ସେଠିକା ଖବର କଣ ? ଏମାନେ ଉତ୍ତର ଦେଲେ—ଏଠି ସବୁ ଠିକ୍ ଅଛି । O. K. ସାଧାରଣ ଚିତ୍ର । ପରିଚାଳକ ମାଇକେଲ ଭେରୋଭେନ୍ ।

ଆମେରିକା ବିରୋଧୀ ବହୁ ଚିତ୍ର ପ୍ରତିଯୋଗିତାରେ ଯୋଗ ଦେଇଛି । ଖୋଦ୍ ଆମେରିକାରୁ ମଧ୍ୟ ଆସିଛି । ଜାପାନ, ବ୍ରାଜିଲ ଚଳଚ୍ଚିତ୍ର

ମଧ୍ୟ ଆମେରିକା ବିରୋଧୀ । ତେବେ କାହାଣୀ, ଚରିତ୍ରାଙ୍କନ, ଅଭିନୟ ଅସାଧାରଣ ହେଲେ ମଧ୍ୟ ସୁଧାର ପାଖାପାଖି ପୋଲାଣ୍ଡ, ମିଲ୍ଟାଷ୍ଟ, କାଥଲିକ ଚର୍ଚ୍ଚ ଓ ଧନତନ୍ତ୍ରର ବଡ଼ିମା, ଆମେରିକାର ଚନ୍ଦ୍ର ଅବତରଣକୁ ମଧ୍ୟ ବ୍ୟଙ୍ଗ କରା ହୋଇଛି ।

ଯାହା ହେଉ, କ୍ରୁସ୍ଟ ଓ ସଭାପତିମଣ୍ଡଳୀର ବିରୋଧରୁ ତରୁଣ ପରିଚାଳକ ଦଳ, ସାମ୍ବାଦିକ ଓ ବୁଦ୍ଧିଜୀବୀଙ୍କ ଆକ୍ରମଣ ଫଳରେ ଏତେ-ଦିନର ଐତିହ୍ୟବାହୀ ବର୍ଲିନ ଚଳଚ୍ଚିତ୍ର ଉତ୍ସବ ଭାଙ୍ଗିଗଲା ।

ଏ ବର୍ଷ ପ୍ରତିଯୋଗିତାରେ ୧୪ଟି ଦେଶର ୨୦ଟି ଚଳଚ୍ଚିତ୍ର ପ୍ରତିଯୋଗିତା ପାଇଁ ନିର୍ବାଚିତ ହୋଇଥିଲା । ଏହା ବ୍ୟତୀତ ଗତ ୨୦ବର୍ଷ ଭିତରେ ବର୍ଲିନ ଉତ୍ସବରେ ପୁରସ୍କୃତ ହୋଇଥିବା ଚିତ୍ରଗୁଡ଼ିକୁ ମଧ୍ୟ ସହରର ବିଭିନ୍ନ ହଲ୍‌ରେ ପ୍ରଦର୍ଶନର ବ୍ୟବସ୍ଥା ହୋଇଥିଲା । ଉତ୍ସବ ପଣ୍ଡ ହେବାରୁ ପୁରସ୍କାର ଦେବା ସମ୍ଭବ ହେଲାନି; କିନ୍ତୁ ବିଭିନ୍ନ ଦେଶର ଚିତ୍ର ପରିଚାଳକ ଓ ସାମ୍ବାଦିକମାନଙ୍କ ମତରେ ଯେଉଁ ଚିତ୍ରଟି ସର୍ବଶ୍ରେଷ୍ଠ ବୋଲି

'ଜ୍ୟୋତିଃ ଶାସ୍ତ୍ର' ଆଜି କେବଳ ଜ୍ୟୋତିଷର ଶାସ୍ତ୍ର ହୋଇ ନାହିଁ— ପ୍ରତିଟି ପାଠୁଆ ମଣିଷର ଏହା ଏକ ନିତିଦିନିଆ ଶାସ୍ତ୍ରରେ ପରିଣତ ହୋଇଛି ।

ମଣିଷ ଏ ବସ୍ତୁବାଦୀ ଦୁନିଆରେ ବଞ୍ଚିବାକୁ ସଂଗ୍ରାମ କରୁଛି ।

ଏଣୁ 'ଭାଗ୍ୟଫଳ' ଜାଣିବା ତା'ର ଆଜି ଏକ ଅପରିହାର୍ଯ୍ୟ ଆବଶ୍ୟକତା । ଆମେ କୌଣସି 'ଜ୍ୟୋତିଷ'ଙ୍କୁ ସାକ୍ଷାତ କରିବାକୁ ଆପଣଙ୍କୁ କହୁନୁ । ଆପଣଙ୍କ 'ନିୟତି ଲିଖନ' ପ୍ରତି ମାସରେ ଓଡ଼ିଶାର ଏକମାତ୍ର ଜ୍ୟୋତିର୍ବିଜ୍ଞାନ ପତ୍ରିକା **ନିୟତିରୁ** ଜାଣିପାରିବେ । ମୂଲ୍ୟ ୧୨୫ ପଇସା । ପ୍ରତିଟି ମଣିଷର ରାଶିଫଳ ସହ ଓଡ଼ିଶାର କୃତୀ ଜ୍ୟୋତିଷ ଓ ଅଧ୍ୟାପକଙ୍କ ଗବେଷଣାଧର୍ମୀ ଆଲୋଚନା ଏଥିରେ ସନ୍ନିବେଶିତ ।

**ନିୟତି କାର୍ଯ୍ୟାଳୟ**, କଲେଜ ଛକ, କଟକ-୩



ଚିତ୍ରଜଗତର ଅନ୍ୟତମ ସୁନ୍ଦରୀ ତାରକା 'ସାଇରା'

ପ୍ରଦର୍ଶିତ ହୋଇଛି, ସେଇଟି ହେଲା ଇଟାଲୀ ଚିତ୍ର "ଦି କନଫରମିଷ୍ଟ ।" ବିଶ୍ୱବିଖ୍ୟାତ ଲେଖକ ଆଲବାର୍ଟ ମୋରାଭିୟାଙ୍କ ବହୁ ପଠିତ ଉପନ୍ୟାସ ହିଁ ଏହାର କାହାଣୀ ।

ଭାରତରୁ ୩ଟି ଚିତ୍ର ବର୍ଲିନ ଉତ୍ସବରେ ଅଂଶ ନେଇଥିଲା । ସତ୍ୟଜିତ୍ ରାୟଙ୍କ "ଅରଣ୍ୟେର ଦିନ ରାତ୍ରି", ପ୍ରେସ ଇନ୍‌ଫରମେସନ ବିଭାଗ ତରଫରୁ "ଦିବାରାତ୍ରିର କାବ୍ୟ" ଓ "ଇତ୍ତେଫାକ୍ ।"

*

**ଚିତ୍ର ସମ୍ବାଦ—**

ଛବିର ନାମକରଣ ନେଇ ପ୍ରଯୋଜକମାନେ ବେଳେବେଳେ ବଡ଼ ଅସୁବିଧାରେ ପଡ଼ନ୍ତି । ଚିତ୍ର ଯାହାହେଉ ପଛେ, ଚିତ୍ରର ନାଁଟି ଶ୍ରୁତି-ମଧୁର କି ଜନମନ ଆକୃଷ୍ଟ କଲାଭଳି ନ ହେଲେ ପ୍ରଚାର ପାଇଁ ଅସୁବିଧା

ହୁଏ । ଏଣିକ ଯେଉଁ ଫିଲ୍ମର ଗୀତଗୁଡ଼ିକ ହିଟ୍ କରୁଛି ସେଇ ଗୀତର 'ଲାଇନ' ଧରି ଛବିର ନାମକରଣ କରିବା ଏକପ୍ରକାର ଗତରେ ପଡ଼ି-ଗଲାଣି । 'ପ୍ରେମ ପୁଜାରୀ' ଛବିର 'ରଙ୍ଗିଲା ରେ ତେରେ ରଙ୍ଗ୍‌ମେ' ଗୀତଟି ଜନଚିତ୍ତରେ ବେଶ୍ ଆଲୋଡ଼ନ ସୃଷ୍ଟି କରିଛି । ବାସ୍ ଏତିକରୁ ଛବିର ନାଁ ପାଇଁ ଖୋରାକ ମିଳିଗଲା । ବି. ଏ. ପରଦେଶୀ ଓ ବି. ଆର. ନାଇଡ଼ୁ ପ୍ରଯୋଜିତ 'ରଙ୍ଗିଲା ରେ' ଛବିରେ ସଞ୍ଜୀବ କୁମାର ଓ ଭୂମି ନାୟକ-ନାୟିକା ଭୂମିକାରେ ଅଭିନୟ କରୁଛନ୍ତି—ସ୍ୱର ଦେଉଛନ୍ତି ଶଙ୍କର ଜୟକିଶନ ।

## ଜାନ ପହଚାନ—

ପ୍ରୋଡ଼କସନ ଖର୍ଚ୍ଚ କମେଇବା ନେଇ ପ୍ରଯୋଜକମାନେ ବେଶ ଲାଗି ପଡ଼ିଛନ୍ତି । ସୁଟିଂ ସମୟକୁ ଯଦି କମେଇ ଦିଆଯାଏ, ତା'ହେଲେ ଅନେକ ଖର୍ଚ୍ଚ ରହିଯିବ । ପରିଚାଳକ ଅମିତ ବସୁ ତାଙ୍କର 'ଜାନ ପହେଚାନ' ଛବିଟିର ସୁଟିଂ ୫୦ ଦିନରେ ଶେଷ କରିବା ପାଇଁ ମନସ୍ଥ କରିଛନ୍ତି । ଏ ରଙ୍ଗୀନ ଛବିର ନାୟକ ସାମୀରଙ୍କ (ଫିରୋଜଖାଁ ଓ ସଞ୍ଜୟଙ୍କ ସାନଭାଇ) ନାୟିକା ହେଉଛନ୍ତି ଶ୍ରୀମତୀ ନନ୍ଦା । ନନ୍ଦାର ଚରିତ୍ରଟି ବେଶ ମଜାର । ଅତି ଆଧୁନିକା ଝିଅଟିଏ । ଗୋଟାଏ ବିରାଟ ନାରୀବାହିନୀ ନେଇ ଆଗେଇ ଯାଉଛି ପୁରୁଷ ଜୁଲୁମର ପ୍ରତିବାଦ କରିବାକୁ । ଏହାର ପରିଣତି କଣ ହେଲା, ତା ଆପଣ ଛବିରେ ଦେଖିବେ । ଆଗରୁ କହି ଆପଣଙ୍କ ଉତ୍କଣ୍ଠାର ପରିସମାପ୍ତି କରିବା ଠିକ୍ ନୁହେଁ ।

## ଅଞ୍ଜୁର ନୂତନ ପ୍ରେମିକ—

ଅଞ୍ଜୁ ମହେନ୍ଦ୍ରୁ କଥା ମନେ ଅଛି ତ ? ଓ୍ୱେଷ୍ଟ ଇଣ୍ଡିଜ ଅଧିନାୟକ ସୋବର୍ସର କଣ୍ଠଲଗ୍ନା ହୋଇ ଯିଏ କେବଳ ଛବି ଜଗତରେ ନୁହେଁ, କି ଖେଳ ଜଗତରେ ନୁହେଁ, ସମଗ୍ର ଯୁବ ଚିତ୍ତରେ ଆଲୋଡ଼ନ ସୃଷ୍ଟି କରିଥିଲେ, ସୋବର୍ସ ଭାରତ ମାଟି ଛାଡ଼ିବା ପରେ ଆଉ ଧରା ଛୁଆଁ ତ ଦେଲେନି । ପରେ ସେ ଶ୍ୱେତାଙ୍ଗିନୀ ଅର୍ଦ୍ଧାଙ୍ଗିନୀ ଯୋଗାଡ଼ କରିନେଲେ । ଯାହାକି ଆଗରୁ ପତ୍ରପତ୍ରିକାରେ ପ୍ରକାଶ ପାଇସାରିଛି । ଅବଶ୍ୟ ଏହାପରେ

ସିନେଟ୍ ଜଗତରେ ସୋବର୍ସଙ୍କ ମର୍ଯ୍ୟାଦା ଯଥେଷ୍ଟ ହାନ ହେଉଛି—ଏହା କଣ ଅଞ୍ଜୁର ଅଭିଶାପ କହିବାକୁ ହେବ ?

ପ୍ରତାରିତା ଅଞ୍ଜୁ ଏବେ ଆଉ ଜଣକ ପାଖରେ ପ୍ରେମ ନିବେଦନ କରୁଛନ୍ତି । ସେ କିନ୍ତୁ ବିଦେଶୀ ନୁହେଁ, ଖାଣ୍ଟି ସ୍ୱଦେଶୀ । ସେ ହେଉଛନ୍ତି ହିନ୍ଦି ଚିତ୍ରଜଗତର ଶୀର୍ଷ ସ୍ଥାନୀୟ ନାୟକ ରାଜେଶ ଖାନ୍ନା । ଅବଶ୍ୟ ଏଯାଏ ରାଜେଶ ଖାନ୍ନାଙ୍କ ତରଫରୁ ଏ ଶୁଭ ସମ୍ବାଦଟି ସମର୍ଥିତ ହୋଇନି ।

## ହିନ୍ଦି ଚିତ୍ରରେ ଚୁମ୍ବନ —

ଖୋସଲା କମିଟି ରିପୋର୍ଟ କାର୍ଯ୍ୟକାରୀ ନହେଲେ ମଧ୍ୟ ବହୁ ହିନ୍ଦି ଚିତ୍ରରେ ଆନ୍ଧ ରସାତ୍ମକ ଦୃଶ୍ୟ ଦେଖାଇବାକୁ ପ୍ରଯୋଜକମାନେ ଆଗେଇଲେଣି । ବଙ୍ଗଳା ଚିତ୍ର ଏ ଦିଗରେ ଧୀରେ ଧୀରେ ଅଗଉଛି । ହିନ୍ଦି ଚିତ୍ର ବହୁଦୂର ଆଗେଇ ଗଲାଣି । ଦେଶୀ ଖବର କାଗଜମାନେ ଜାଣିବା ପୂର୍ବରୁ ନିଉୟର୍କର 'ଲାଇଫ' ପତ୍ରିକାରେ ଏ ସମ୍ବାଦ ପ୍ରକାଶିତ ହୋଇଛି । 'ଅନ୍‌ଜାନା ସଫର' ଚିତ୍ରରେ ନାୟକ ବିଶ୍ୱଜିତ୍ ନାୟିକା ରେଖାକୁ ବେଶ ଉତ୍ତପ୍ତ ଚୁମ୍ବନ ଦେଇଛନ୍ତି । ଏକଥା ବମ୍ବେର ଅନେକ ପ୍ରଯୋଜକ ନିର୍ଦ୍ଦେଶକ ମଧ୍ୟ ଜାଣିନଥିଲେ । ଜାଣିବା ପରେ ଧାଁ ଧରଣ୍ଡି ଆରମ୍ଭ ହେଲା—କଥାଟି ସତ, କିନ୍ତୁ ପ୍ରଯୋଜକ କହନ୍ତି ଏ ଦୃଶ୍ୟଟି କେବଳ ବିଦେଶରେ ପ୍ରଦର୍ଶନ ପାଇଁ ଗୃହୀତ ହୋଇଛି ।

—ବାଣୀଦୂତ

**ଆଡ୍‌ଭେଞ୍ଚର ସିରିଜ୍‌ର ୨ୟ ବହି**

# ଟାର୍ଜନ ଫେରିଲା

ଆକର୍ଷଣୀୟ ପ୍ରଚ୍ଛଦ * ମୂଲ୍ୟ—ଦୁଇଟଙ୍କା

୧ମ ଓ ୨ୟ ବହି ଏକତ୍ର ନେଲେ ଡାକ ଖର୍ଚ୍ଚ ଆମେ ବହନ କରୁ ।

ଆଜି ଲେଖନ୍ତୁ — **ଲିପିକା**, ବଙ୍ଗାଳୀସାହି, କଟକ-୯

[ ୧୭ ପୃଷ୍ଠାର ଅବଶିଷ୍ଟାଂଶ ]

ନିଷ୍ଟସ୍ଥ ଗ୍ରହଣ କରାଯାଇ ପାରିବ । ଦୃଶ୍ୟର କେତେଅଂଶ ଫଟୋ ଗ୍ରହଣ-କରାଯାଇପାରେ ତାହା କ୍ୟାମେରାର ଭିଉଫାଇଣ୍ଡର (View Finder) ନିର୍ଦ୍ଦେଶ କରେ । ଏହି କ୍ୟାମେରାରେ ଭିଉଫାଇଣ୍ଡର ସାଧାରଣତଃ ଦୁଇ ପ୍ରକାର ।

ଯଥା:—

(୧) ଆଇପିସ (Eyepice)

(୨) ରିଫ୍ଲେକସ୍ ଭିଉଫାଇଣ୍ଡର (Reflex Viewfinder)

ଏହି କ୍ୟାମେରାରେ ଥିବା ଭିଉଫାଇଣ୍ଡର ସାହାଯ୍ୟରେ କ୍ୟାମେରା ଏବଂ ଫଟୋ ଉଠାଯାଉଥିବା ବସ୍ତୁ ମଧ୍ୟରେ ଥିବା ଦୂରତ୍ୱ ନିର୍ଦ୍ଧାରଣ କରାଯାଇ ହୁଏ ନାହିଁ ।

ଏହା କ୍ୟାମେରାରେ ଅଳ୍ପ ପରିଶ୍ରମରେ ଖୁବ୍ ସୁନ୍ଦର ଫଟୋଗ୍ରାଫ ପ୍ରସ୍ତୁତ କରାଯାଇ ପାରେ । ଏହାଛଡ଼ା ଶିଖାଳୀମାନଙ୍କ ବ୍ୟବହାର ଦୃଷ୍ଟିରୁ ମୂଲ୍ୟ ଯେପରି ଅଳ୍ପ ସେହିପରି ବ୍ୟବହାରେ ମଧ୍ୟ ସରଳ । ତେଣୁ ଶିଖାଳୀ-ମାନେ ଏହି କ୍ୟାମେରାରେ ଫଟୋ ଉଠାଇ ଉପକୃତ ହୋଇ ପାରିବେ ।

ଫୋଲଡିଙ୍ଗ କ୍ୟାମେରା (Folding Camera)—

ଏହି କ୍ୟାମେରାର ଆଗରେ ଗୋଟିଏ ବେଲୋ (Bellow) ଦିଆଯାଇ ଅନାବଶ୍ୟକ ସମୟରେ କ୍ୟାମେରାକୁ ସଂକ୍ଷିପ୍ତ କରାଯାଇ ଥାଏ । କିନ୍ତୁ କ୍ୟାମେରାକୁ ଖୋଲି ଫଟୋ ଉଠାଇବାକୁ ହୁଏ । ଏହାର ସଂକ୍ଷିପ୍ତତା ଯୋଗୁଁ ଏହାକୁ ବୋହି ନେବା ଆଣିବା କରିବା ସୁବିଧାଜନକ । ଏହି କ୍ୟାମେରା ସାମାନ୍ୟ ଉନ୍ନତ ଧରଣର, ତେଣୁ ଏଥିରେ କେତେକ ଅଂଶକୁ ନିୟନ୍ତ୍ରଣ କରିବାର ସୁବିଧା ଥାଏ । ଏହି କ୍ୟାମେରାର ବିଭିନ୍ନ ଅଂଶର ତୁଳନା ଅଧ୍ୟୟନ କରିସାରିବାପରେ ଶିଖାଳୀମାନେ ଏହି କ୍ୟାମେରା ବ୍ୟବହାର କରି ପାରନ୍ତି ।

ଏହି କ୍ୟାମେରାରେ ଆଇପିସ ପ୍ରକୃତିର ଦୁଇପ୍ରକାର ଭିଉଫାଇଣ୍ଡର ଥାଏ । ଗୋଟିକ ଦ୍ୱାରା କେବଳ ଫଟୋଉଠୁଥିବା ଅଂଶ ନିର୍ଦ୍ଦେଶିତ ହୁଏ । କିନ୍ତୁ ଅନ୍ୟପ୍ରକାର ଭିଉଫାଇଣ୍ଡର ଯାହାକୁ ରେଞ୍ଜଫାଇଣ୍ଡର ( Reng-finder ) କୁହନ୍ତି । ତଦ୍ୱାରା ବସ୍ତୁ ଏବଂ କ୍ୟାମେରା ମଧ୍ୟରେ ଥିବା ଦୂରତ୍ୱ ନିର୍ଦ୍ଧାରିତ ହୋଇପାରେ ।

**ଟ୍ୱିନଲେନ୍ସ ରିଫ୍ଲେକ୍ସ କ୍ୟାମେରା (Twin lens reflex Camera)—**

ଏହି କ୍ୟାମେରାରେ ଦୁଇଟି ଲେନ୍ସ ଥାଏ । ଗୋଟିଏ ଲେନ୍ସ ଦ୍ୱାରା ଫଟୋ ଉଠେ ଏବଂ ଅନ୍ୟ ଲେନ୍ସ ରିଫ୍ଲେକ୍ସ ଭିଉଫାଇଣ୍ଡରର କାର୍ଯ୍ୟକରେ । ଏହି ଜାତୀୟ କ୍ୟାମେରାରେ କେତେକ ନିୟନ୍ତ୍ରଣ ଆବଶ୍ୟକ ହୁଏ । ତେବେ ଶିକ୍ଷାର୍ଥୀମାନେ ଅଟୋମେଟିକ ( Autcmetic camera) ବ୍ୟବହାର କରିପାରନ୍ତି । କିନ୍ତୁ ଏହି ପ୍ରକୃତିର କ୍ୟାମେରାର ମୂଲ୍ୟ ଯଥେଷ୍ଟ ବେଶି ଏବଂ ଏହା ଛୋଟ ଛୋଟ ଭୁଲ ଯୋଗୁଁ ମଧ୍ୟ ଅସଜ ହୋଇଯାଇ ପାରେ । ଶିକ୍ଷାର୍ଥୀମାନେ ଏହି ପ୍ରକୃତିର ଅଳ୍ପମୂଲ୍ୟର କ୍ୟାମେରା ବ୍ୟବହାର କରିପାରନ୍ତି । କିନ୍ତୁ ବ୍ୟବହାର କରିବା ପୂର୍ବରୁ କ୍ୟାମେରା ସହିତ ପ୍ରଦତ୍ତ ପୁସ୍ତିକାକୁ ଭଲରୂପେ ପଢ଼ି ବୁଝିନେବା ଆବଶ୍ୟକ ।

**୩୫ ମି.ମି. ମିନିଏଚର କ୍ୟାମେରା (35 miniature Camera)—**

ଏହି କ୍ୟାମେରା ସାଧାରଣତଃ ଭ୍ରମଣକାରୀମାନଙ୍କ ପାଇଁ ଉପଯୁକ୍ତ । ଏଥିରେ ୩୫ ମି. ମି. ର ସିନେମା ଫିଲ୍ମ ବ୍ୟବହାର କରାହୁଏ । ଏହି ପ୍ରକୃତିର ଫୁଲଫ୍ରେମ (Full frame) କ୍ୟାମେରାରେ ଗୋଟିଏ ଫିଲ୍ମଦ୍ୱାରା ୨୦ଟି କିମ୍ବା ୩୬ଟି ଫଟୋଉଠି ପାରେ । ହାଫ ଫ୍ରେମ କ୍ୟାମେରା ( Half frame Camera )ରେ ଗୋଟିଏ ଫିଲ୍ମରେ ୪୦ଟି କିମ୍ବା ୭୨ଟି ଫଟୋ ଉଠାଯାଇ ପାରେ । କିନ୍ତୁ ଏହି ଫଟୋନେଗେଟିଭ ଗୁଡ଼ିକ ଖୁବ୍ ଛୋଟ ଛୋଟ ହୁଏ । ତେଣୁ ଏହାକୁ ଏନ୍ଲାର୍ଜ ( enlarge ) କରିବାକୁ ହୁଏ । ସେଥିପାଇଁ ଏହି କ୍ୟାମେରାରେ ଫଟୋ ଉଠାଇଲେ ବହୁତ ସାବଧାନତା ଅବଲମ୍ବନ କରିବାକୁ ହୋଇଥାଏ । ଶିକ୍ଷାର୍ଥୀମାନେ ଏହି ପ୍ରକୃତିର ସାଧାରଣ ମୂଲ୍ୟର କ୍ୟାମେରା ବ୍ୟବହାର କରିପାରନ୍ତି କିମ୍ବା ଏହି ପ୍ରକୃତିର ଅଳ୍ପ-

ମେଟିକ କ୍ୟାମେରା ବ୍ୟବହାର କରିପାରନ୍ତି । କିନ୍ତୁ କ୍ୟାମେରା ବ୍ୟବହାର କରିବାପୂର୍ବରୁ ପଦତ୍ର ପୁସ୍ତିକାକୁ ସମ୍ପୂର୍ଣ୍ଣ ରୂପେ ବୁଝିନେବା ଆବଶ୍ୟକ ।

ସିଙ୍ଗଲଲେନ୍ସ ରିଫ୍ଲେକ୍ସ କ୍ୟାମେରା (Single lens reflex Camera)—

ଏହି କ୍ୟାମେରାରେ ଯେଉଁ ଲେନ୍ସ ଦ୍ୱାରା ଫଟୋଉଠେ, ସେହି ଲେନ୍ସ ଦ୍ୱାରା ମଧ୍ୟ ଭିଉଫାଇଣ୍ଡରରେ ପ୍ରତିଛବି ସୃଷ୍ଟି ହୁଏ । ଏହି କ୍ୟାମେରା ସମ୍ବନ୍ଧରେ ବିଶେଷକିଛି କହିବା ଅନାବଶ୍ୟକ, କାରଣ ଏହି କ୍ୟାମେରାର ମୂଲ୍ୟ ଯଥେଷ୍ଟ ଅଧିକ ଏବଂ ବ୍ୟବହାର ମଧ୍ୟ ଜଟିଳ । କିନ୍ତୁ ଫଟୋଗ୍ରାଫିର ବିଭିନ୍ନ କ୍ଷେତ୍ରରେ ଏହା ବ୍ୟବହୃତ ହୋଇପାରେ ।

ଅଟୋମେଟିକ କ୍ୟାମେରା କଣ, ସେଥିରେ ଅଧିକାଂଶଙ୍କର ସନ୍ଦେହ ଥାଏ । ସାଧାରଣତଃ ସେଲଫ ଟାଇମର ( Self timer ) ଯାହାକି ନିଜର ଫଟୋଉଠାଇବାରେ ସାହାଯ୍ୟକରେ ଅର୍ଥାତ୍ ସଟର ବୋତାମ ଚିପିବାର ପ୍ରାୟ ୧୦ ସେକେଣ୍ଡପରେ କ୍ୟାମେରାର ସଟର ଖୋଲିବାରେ ଯେଉଁ ପ୍ରଣାଳୀ ସାହାଯ୍ୟକରେ, ସେହି ପ୍ରଣାଳୀ ଥିବା କ୍ୟାମେରାକୁ ଅନେକ ଅଟୋମେଟିକ କ୍ୟାମେରା ବୋଲି କହି ଥାଆନ୍ତି । କିନ୍ତୁ ପ୍ରକୃତରେ ଅଟୋ-ମେଟିକ କ୍ୟାମେରାର ଅର୍ଥ ତାହା ନୁହେଁ । ଅଟୋମେଟିକ କ୍ୟାମେରାରେ ଗୋଟିଏ ଏକ୍ସପୋଜର ମିଟର ଥାଏ, ଯାହାକି କ୍ୟାମେରାର ବିଭିନ୍ନ ଅଂଶକୁ ସ୍ୱତଃନିୟନ୍ତ୍ରିତ ହେବାରେ ସାହାଯ୍ୟକରେ । କିନ୍ତୁ ଫଟୋଗ୍ରାଫରଙ୍କୁ କ୍ୟାମେରା ଏବଂ ବସ୍ତୁ ମଧ୍ୟରେ ଥିବା ଦୂରତ୍ୱ ଅନୁସାରେ କ୍ୟାମେରାର ଲେନ୍ସକୁ ସଜାଡ଼ି ଦେବାକୁ ହୁଏ । କିନ୍ତୁ କେତେକ କ୍ୟାମେରାରେ ଭିଉ-ଫାଇଣ୍ଡର ବା ରେଞ୍ଜ ଫାଇଣ୍ଡର କ୍ୟାମେରା ଲେନ୍ସ ସହିତ ଏଭଳିଭାବେ ସଂଯୁକ୍ତ ହୋଇଥାଏ ଯେ ଭିଉଫାଇଣ୍ଡରରେ ବସ୍ତୁର ପ୍ରତିଛବି ସ୍ପଷ୍ଟ ହୋଇଗଲେ, କ୍ୟାମେରା ଲେନ୍ସ ମଧ୍ୟ ସେହି ବସ୍ତୁର ଫଟୋଗ୍ରହଣ ନିମିତ୍ତ ଆବଶ୍ୟକ ସ୍ଥାନରେ ରହିଯାଏ । ଫଳରେ ଫଟୋଗ୍ରାଫରଙ୍କୁ ଫଟୋଗ୍ରହଣ କରିବା ସୁବିଧାଜନକ ହୁଏ ।

Published, Owned & Printed by Bansidhar Bhuyan on behalf of Jana-Sahitya prakashan at Lipika, Cuttack-9
Editor—Bansidhar Bhuyan